ଆଜି - ମଙ୍ଗଳବାର
ତାରିଖ - ୨୧ ଅପ୍ରେଲ ୨୦୨୬
ମାସ - ମେଷ, ଦିନ - ୦୮
ତିଥି - ପଂଚମୀ, ପକ୍ଷ-ଶୁକ୍ଳ
ନକ୍ଷତ୍ର - ମୃଗଶିରା, ବୃଷ, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୨୮: ୦୦
ସୂର୍ଯ୍ୟାସ୍ତ - ୬ : ୦୩ : ୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

E-mail: ajikalibls@gmail.com

E-News : www.Ajikali epaper.com

Vol.- 41 ISSUE- 08 R.N.I. REGD. No. 44026/86 ବାଲେଶ୍ୱର ୨୧ ଅପ୍ରେଲ ୨୦୨୬ ମଙ୍ଗଳବାର BALASORE 21 APRIL 2026 TUESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


"ନିଜର ଦେଶ ସ୍ୱାଧୀନ ବୋଲି ଅନୁଭବ କରିବା ପ୍ରତ୍ୟେକ ନାଗରିକଙ୍କର ଦାୟିତ୍ୱ ଏବଂ ଦେଶର ସ୍ୱାଧୀନତାକୁ ଅକ୍ଷୁଣ୍ଣ ରଖିବା ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ । "

- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍

## ପବିତ୍ର ଅକ୍ଷୟ ତୃତୀୟାରେ ରଥ କାଠ ଅନୁକୂଳ ସହ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଆରମ୍ଭ



ପୁରୀ : ପବିତ୍ର ଅକ୍ଷୟ ତୃତୀୟା ପାଇଁ ଚଳଚଂଚଳ ଶ୍ରୀକ୍ଷେତ୍ର । ଏହି ଅବସରରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟର ଅନୁକୂଳ କରାଯାଇଛି । ମଧାହ୍ନ ଧୂପ ବଢ଼ିବା ପରେ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ପୂଜାପଣ୍ଡା ସେବାୟତମାନେ ରଥଖଳା ଠାରେ ପହଂଚିବା ପରେ ସେଠାରେ ସୁନା କୁରାଢ଼ିରେ ରଥନିର୍ମାଣ କାର୍ଯ୍ୟର ଅନୁକୂଳ କରିଥିଲେ । ସେହିପରି ଆଜିଠାରୁ ଆରମ୍ଭ ହୋଇଛି ବିଶ୍ୱ ପ୍ରସିଦ୍ଧ ଚନ୍ଦନ ଯାତ୍ରା । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ତାପରୁ ଉପଶମ ପାଇବା ପାଇଁ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ନରେନ୍ଦ୍ର ପୁଷ୍କରିଣୀରେ ନୌକା ବିହାର କରିଛନ୍ତି । ୨୧ ଦିନ ଧରି ଚାଲିବାକୁ ଥିବା ଏହି ବାହାର ଚାପରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ପ୍ରତ୍ୟହ ମଧାହ୍ନରେ ଶ୍ରୀମନ୍ଦିରରୁ ବାହାରି ବିରାଟ ଶୋଭାଯାତ୍ରାରେ ଚନ୍ଦନ ପୁଷ୍କରିଣୀ ନରେନ୍ଦ୍ର ଅଭିମୁଖେ ଯିବେ । ଆଜି ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ରଥନିର୍ମାଣ କାର୍ଯ୍ୟର ଅନୁକୂଳ ସହ ଆରମ୍ଭ ହୋଇଛି ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା । ବିମାନକୁ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ, ରାମକୃଷ୍ଣ, ଭୂଦେବୀ, ଶ୍ରୀଦେବୀ ବିଜେ କରି ନରେନ୍ଦ୍ର ପୁଷ୍କରିଣୀ ଅଭିମୁଖେ ବାହାରିଥିଲେ । ସେହିପରି ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳ ପାଇ ତିନିବାଡର ପୂଜାପଣ୍ଡା ସେବାୟତ ମାନେ ବିରାଟ ଶୋଭାଯାତ୍ରାରେ ବାହାରି ଶ୍ରୀମନ୍ଦିର କାର୍ଯ୍ୟାଳୟ ଠାରେ ପହଂଚିବା ପରେ ସେଠାରେ ରଥ ନିର୍ମାଣ କାର୍ଯ୍ୟର ଅନୁକୂଳ କରାଯାଇଥିଲା ।

## ଆଜି ଓଡ଼ିଶା ଆସୁଛନ୍ତି ରାଷ୍ଟ୍ରପତି



ଝାରସୁଗୁଡ଼ା : ରାଷ୍ଟ୍ରପତିଙ୍କ ଆଗାମୀ ଝାରସୁଗୁଡ଼ା ଗସ୍ତକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ସୁରକ୍ଷା ଦୃଷ୍ଟିକୋଣରୁ ଆସନ୍ତା ୨୧.୦୪.୨୦୨୬ ରିଖକୁ ସମଗ୍ର ଝାରସୁଗୁଡ଼ା ଜିଲ୍ଲା ଅନ୍ତର୍ଗତ ଅଂଚଳକୁ "ନୋ ଡ୍ରୋନ୍ ଜୋନ୍/ନୋ ଫ୍ଲାଇଙ୍ଗ୍ ଜୋନ୍" ଭାବେ ଘୋଷଣା କରାଯାଇଛି । ଜିଲ୍ଲା ମାଜିଷ୍ଟ୍ରେଟ୍ ଏହି ସ୍ୱତନ୍ତ୍ର ଆଦେଶ ଜାରି କରିଛନ୍ତି । ସୂଚନା ଅନୁଯାୟୀ, ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ଜିଲ୍ଲାର କୌଣସି ସ୍ଥାନରେ ଡ୍ରୋନ୍ ବା କୌଣସି ପ୍ରକାରର ଆକାଶମାର୍ଗୀୟ ଯାନ ଉଡ଼ାଣକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି । ସୁରକ୍ଷା ବଳୟକୁ ଅଭେଦ୍ୟ କରିବା ପାଇଁ ଝାରସୁଗୁଡ଼ା ଆରକ୍ଷୀ ଅଧିକ୍ଷକ ଜି. ଆର. ରାଘବେନ୍ଦ୍ରଙ୍କ ତତ୍ୱାବଧାନରେ ପୋଲିସ ବିଭାଗ ସଜାଗ ରହିବା ସହ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ନିୟମର ଉଲ୍ଲଂଘନ କଲେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି । ଜିଲ୍ଲାର ସୁରକ୍ଷା ଓ ଶାନ୍ତି ବଜାୟ ରଖିବା ପାଇଁ ଏସପି ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି ।

## ଦକ୍ଷିଣ କୋରିଆ ରାଷ୍ଟ୍ରପତି ଲି ଜେ-ମ୍ୟୁଙ୍ଗଙ୍କ ସହ ଦ୍ୱିପାକ୍ଷିକ ବୈଠକରେ ଗୁରୁତ୍ୱାରୋପ କଲେ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ଭାରତ ଗସ୍ତରେ ଥିବା ଦକ୍ଷିଣ କୋରିଆ ରାଷ୍ଟ୍ରପତି ଲି ଜେ-ମ୍ୟୁଙ୍ଗ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ଏକ ସ୍ୱତନ୍ତ୍ର ସାକ୍ଷାତ କରିଛନ୍ତି । ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ଜାତୀୟ ରାଜଧାନୀରେ ଲି ଜେ-ମ୍ୟୁଙ୍ଗଙ୍କୁ ଭବ୍ୟ ସ୍ୱାଗତ କରିଛନ୍ତି । ସୋମବାର ରାଷ୍ଟ୍ରପତି ଭବନର ପ୍ରାଙ୍ଗଣରେ ତାଙ୍କ ପାଇଁ ଏକ ଆନୁଷ୍ଠାନିକ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଥିଲା । ଏହା ପରେ, ରାଜଧାନୀର ହାଇଦ୍ରାବାଦ ହାଉସରେ ପ୍ରଧାନମନ୍ତ୍ରୀ ମୋଦି ଏବଂ ଲି ଜାଏ-ମ୍ୟୁଙ୍ଗଙ୍କ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ସମୟରେ, ଦୁଇ ଦେଶ ମଧ୍ୟରେ ସ୍ୱତନ୍ତ୍ର ରଣନୈତିକ ସହଭାଗୀତାକୁ ଆହୁରି ମଜବୁତ କରିବା ପାଇଁ ଏକ ବାର୍ତ୍ତା ଦିଆଯାଇଥିଲା । ଲି ଜେ-ମ୍ୟୁଙ୍ଗଙ୍କ ଏହି ଗସ୍ତ ସହିତ, ଭାରତ ଏବଂ ଦକ୍ଷିଣ କୋରିଆ ମଧ୍ୟରେ ରଣନୈତିକ ସହଭାଗୀତା ଏବେ ଏକ ନୂତନ ସ୍ତର ଆଡକୁ ଗତି କରୁଛି । ଏନେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ ସୋସିଆଲ ମିଡିଆରେ ଲେଖିଛନ୍ତି ଯେ, "ଭାରତ-ଦକ୍ଷିଣ କୋରିଆ ସ୍ୱତନ୍ତ୍ର



ରଣନୈତିକ ସହଭାଗୀତାକୁ ଆଗକୁ ବଢାଇବା !" ରାଷ୍ଟ୍ରପତି ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ମୋଦି ଉତ୍ସବରେ ଦକ୍ଷିଣ କୋରିଆ ରାଷ୍ଟ୍ରପତି ଲି ଜେ-ମ୍ୟୁଙ୍ଗଙ୍କୁ ପାରମ୍ପରିକ ସ୍ୱାଗତ ଜଣାଇଥିଲେ । ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ଏହି ମହାନ କାର୍ଯ୍ୟକ୍ରମ ଦୁଇ ଦେଶ ମଧ୍ୟରେ ଗଭୀର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ଗୁରୁତ୍ୱାରୋପ କରିଥିଲା । ଭାରତ ଏବଂ ଦକ୍ଷିଣ କୋରିଆ ମଧ୍ୟରେ ସ୍ୱତନ୍ତ୍ର ରଣନୈତିକ ସହଭାଗୀତା ୨୦୧୦ ମସିହାରେ ଆରମ୍ଭ ହୋଇଥିଲା । ଏହା ଅଧୀନରେ, ଦୁଇ ଦେଶ ପ୍ରତିରକ୍ଷା, ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା, ଅର୍ଦ୍ଧପରିବାହୀ, ବ୍ୟାଟେରୀ, ସାଇବର ସୁରକ୍ଷା ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ସହଯୋଗ ବିସ୍ତାର କରୁଛନ୍ତି । ଦକ୍ଷିଣ କୋରିଆ ଭାରତର ପ୍ରମୁଖ ବାଣିଜ୍ୟିକ ଅଂଶୀଦାର । ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ୩୦ ବିଲିୟନ ଅତିକ୍ରମ କରିଛି । ଭାରତ ଦକ୍ଷିଣ କୋରିଆ କମ୍ପାନୀଗୁଡ଼ିକ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିବେଶ ଗନ୍ତବ୍ୟସ୍ଥଳ ହେବାକୁ ଯାଉଛି । ରାଷ୍ଟ୍ରପତି ଲି ଜେ-ମ୍ୟୁଙ୍ଗଙ୍କ ଭାରତ ଗସ୍ତ ଏପରି ଏକ ସମୟରେ ଆସିଛି ଯେତେବେଳେ ଉଭୟ ଦେଶ ଆଂଚଳିକ ସୁରକ୍ଷା, ଆର୍ଥିକ ସହଯୋଗ ଏବଂ ଯୋଗାଣ ଶୃଙ୍ଖଳାକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦେଉଛନ୍ତି ।

## ପବିତ୍ର ଅକ୍ଷୟ ତୃତୀୟାରେ ଅକ୍ଷିମୁଠି ଅନୁକୂଳ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଭୁବନେଶ୍ୱର: ଆଜି ସାରା ରାଜ୍ୟରେ ପାଳିତ ହୋଇଛି ଅକ୍ଷୟ ତୃତୀୟା ଉତ୍ସବ । ଏହି ପବିତ୍ର ଦିନରେ ଗାଁ ଠୁ ସହର ଉତ୍ସବମୁଖର ହୋଇଉଠିଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଧାନ ବୁଣି ହଳ ବୁଲାଇ ଅକ୍ଷିମୁଠି ଅନୁକୁଳ କରିଛନ୍ତି । କଟକ ବିଦ୍ୟାଧରପୁର ସ୍ଥିତ ସିଆରଆରଆଇ ଧାନ ଗବେଷଣା କେନ୍ଦ୍ରରେ ମୁଖ୍ୟମନ୍ତ୍ରୀ ଧାନମୁଠି ଅନୁକୁଳ କରିଥିଲେ ।ମୁଖ୍ୟମନ୍ତ୍ରୀଙ୍କ ସହ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଲଙ୍ଗଳ ହାତରେ ଧରି ଅଖିମୁଠି ଅନୁକୁଳ କରିଥିଲେ ।ସେ ପ୍ରଥମେ ମାଟି ପୂଜନ କରିବା ପରେ ପଗଡି ବାନ୍ଧି ଗୌଣି ଧରି ଓଡିଆ ପ୍ରଥା ଅନୁସାରେ ଧାନ ବିହନ ବୁଣିଥିଲେ । ଏହି ସମୟରେ କଟକ ସଦର ବିଧାୟକ ପ୍ରକାଶ ସେଠୀ, ନିଆଳି ବିଧାୟକ ଛବି ମଲ୍ଲିକ, ବିଜେପି ନେତା ନୟନ କିଶୋର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ପବିତ୍ର ଅକ୍ଷୟ ତୃତୀୟାରେ ଚାଷୀଙ୍କ ଆକାଉଂଟ ଯାଇଛି ସିଏମ୍ କିଷାନ ଟଙ୍କା। କଟକରେ





ରାଜ୍ୟସ୍ତରୀୟ କୃଷକ ଦିବସରେ ଟଙ୍କା ଦେଲେ ମୁଖ୍ୟମନ୍ତ୍ରୀ ।ମୋଟ ୮୩୮ କୋଟି ୪୮ ଲକ୍ଷ ଟଙ୍କା ବଂଟନ କରାଯାଇଥିବା ବେଳେ ୪୧ ଲକ୍ଷ ୨୭ ହଜାର ୫୩୩ କ୍ଷୁଦ୍ର ଓ ୪୧ ହଜାର ୪୯ ଭୂମିହୀନ ଚାଷୀ ଉପକୃତ ହୋଇଛନ୍ତି । କୃଷକଙ୍କୁ ସହଜରେ ଉନ୍ନତ ବିହନ ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀ ଆମ ବିହନ ରଥ" ବା ଝରରଯଶ୍ୱ ଙ୍କଭ ଡଷରରକ୍ଷଶ୍ୱ ଶୁଭାରମ୍ଭ କରିଥିଲେ । ଏହି ଭ୍ରାମ୍ୟମାଣ ବିହନ ବିକ୍ରୟ କେନ୍ଦ୍ର ଗୁଡିକ ପ୍ରଥମ ପର୍ଯ୍ୟାୟରେ ୧୦ଟି ଜିଲ୍ଲାର ୩୧ଟି ବ୍ଲକରେ ଚାଲୁ ହେବ । ୫ କେଜିଆ ପ୍ୟାକେଟ୍ ଆକାରରେ ନୂତନ କିସମର ଧାନ ବିହନ ଗ୍ରାମ ପଂଚାୟତ ସ୍ତରରେ ଉପଲବ୍ଧ ହେବ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାର ଅର୍ଥନୀତି, ସଂସ୍କୃତି ଓ ସମୃଦ୍ଧିର ମୂଳ ଆଧାର ହେଉଛି କୃଷି । ଅକ୍ଷୟ ତୃତୀୟା ଦିନ ଚାଷୀମାନେ ଅକ୍ଷିମୁଠି ଅନୁକୂଳ କରି ନୂଆ କୃଷି ବର୍ଷର ଶୁଭାରମ୍ଭ କରୁଥିବାରୁ ଏହା ଓଡ଼ିଶାର ଗୌରବମୟ ପରମ୍ପରା । ସମୃଦ୍ଧ ଓଡ଼ିଶା ଗଢ଼ିବାରେ କୃଷକମାନେ ହିଁ ପ୍ରକୃତ ସାରଥୀ । ରାଜ୍ୟ ସରକାର ସଦା ସର୍ବଦା କୃଷକଙ୍କ ସହିତ ରହିବ ଏବଂ ଆଗାମୀ ଦିନରେ କୃଷିକୁ ଅଧିକ ଲାଭଜନକ, ଆଧୁନିକ ଓ ସଶକ୍ତ କରାଯିବ ।୨୦୨୬ ଖରିଫ ଋତୁ ପାଇଁ ରାଜ୍ୟର ୪୧ ଲକ୍ଷ ୬୮ ହଜାର ୫୮୨ ଜଣ କୃଷକଙ୍କୁ ସିଏମ-କିଷାନ ଯୋଜନାରେ ପ୍ରାୟ ୮୩୮ କୋଟି ୪୮ ଲକ୍ଷ ଟଙ୍କା ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି । ସେ କହିଥିଲେ ଯେ, କୃଷକଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ହେଉଛି ସରକାରଙ୍କ ପ୍ରାଥମିକତା ଏବଂ ଏହି ଯୋଜନା ତାହାର ଏକ ଉତ୍କୃଷ୍ଟ ଉଦାହରଣ । କୃଷି ବିଦ୍ୟାନିଧି ଛାତ୍ରବୃତ୍ତି ଯୋଜନା ମାଧ୍ୟମରେ କୃଷକ ପରିବାରର ପିଲାମାନଙ୍କୁ ବୈଷୟିକ ଓ ବୃତିଗତ ଶିକ୍ଷା ପାଇଁ ସହାୟତା ଦିଆଯାଉଛି ।

## ଖଡ଼ଗପୁରରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଖଡ଼ଗପୁର/ଭୁବନେଶ୍ୱର : ବର୍ତ୍ତମାନର ଟିଏମସି ସରକାର ଅଧୀନରେ ପଶ୍ଚିମବଙ୍ଗ ଦୁର୍ନୀତି, ଅରାଜକତା ଓ ତୁଷ୍ଟିକରଣ ରାଜନୀତିରେ ଫସି ରହିଛି । ସିଣ୍ଡିକେଟ୍ ରାଜ୍ ; ଶାସନ ବ୍ୟବସ୍ଥାକୁ ଭିତରୁ ଖୋଳପା କରିଦେଇଛି ତେବେ ଏଠାରେ ବିଜେପି ସରକାର ଆସିଲେ ଏ ସବୁର ଅନ୍ତ ଘଟିବ ବୋଲି ଆଜି ପଶ୍ଚିମବଙ୍ଗର ଖଡ଼ଗପୁରରେ ରହୁଥିବା ପ୍ରବାସୀ ଓଡ଼ିଆ ଭାଇ ଭଉଣୀମାନଙ୍କୁ ସମ୍ବୋଧିତ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ପବିତ୍ର 'ଅକ୍ଷୟ ତୃତୀୟା' ଅବସରରେ ଶ୍ରୀ ପ୍ରଧାନ ପ୍ରଥମେ ଖଡ଼ଗପୁର ସ୍ଥିତ ମା' ସମଲେଶ୍ୱରୀ ମନ୍ଦିରରେ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ । ପରେ ଏକ ପଥପ୍ରାନ୍ତ ସଭାକୁ ସମ୍ବୋଧିତ କରି କହିଥିଲେ ଯେ, ଖଡ଼ଗପୁରରେ ଦୀର୍ଘ ୫୦ ବର୍ଷରୁ ଅଧିକ ସମୟ ଧରି ବସବାସ କରୁଥିବା ଓଡ଼ିଆ ଭାଇଭଉଣୀମାନେ ନିଜର ଭାଷା, ସାହିତ୍ୟ ଓ ସଂସ୍କୃତିକୁ



ଅକ୍ଷୁର୍ଣ୍ଣ ରଖିଛନ୍ତି । ଏହା ଆମ ଓଡ଼ିଆ ଅସ୍ମିତାର ଏକ ଗୌରବମୟ ପରିଚୟ । ରାଜ୍ୟର ରାଜନୈତିକ ସ୍ଥିତି ଉପରେ ଚିନ୍ତା ପ୍ରକଟ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ସରକାରୀ ଦୁର୍ନୀତି ଯୋଗୁଁ ଯୋଗ୍ୟ ଯୁବକଯୁବତୀମାନେ ଚାକିରିରୁ ବଂଚିତ ହେଉଛନ୍ତି । 'ମା, ମାଟି, ମନୁଷ'ର ନାରା ଦେଉଥିବା ସରକାରଙ୍କ ଶାସନରେ ମହିଳାମାନେ ଆଜି ସବୁଠାରୁ ଅସୁରକ୍ଷିତ । ଚାଷୀମାନେ ନିଜର ହକ୍ ପାଉନାହାନ୍ତି ଏବଂ ସେମାନଙ୍କ ସ୍ଥିତି ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି । ଶ୍ରୀ ପ୍ରଧାନ ଅଭିଯୋଗ କରିଛନ୍ତି ଯେ, ମମତା ବାନାର୍ଜୀଙ୍କ ସରକାର କେବଳ ଭୋଟ୍ ବ୍ୟାଙ୍କ ରାଜନୀତି ପାଇଁ ବାହାର ଦେଶର ଅନୁପ୍ରବେଶକାରୀଙ୍କୁ ପ୍ରଶ୍ରୟ ଦେଉଛନ୍ତି, ଯାହା ସ୍ଥାନୀୟ ଲୋକଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରୁଛି । ସେ ଜନସାଧାରଣଙ୍କୁ ଆହ୍ୱାନ ଦେଇ କହିଛନ୍ତି ଯେ, ଆଗାମୀ ନିର୍ବାଚନରେ ବିଜେପି ପ୍ରାର୍ଥୀ ଶ୍ରୀ ଦିଲ୍ଲୀପ ଘୋଷଙ୍କୁ ବିପୁଳ ସଂଖ୍ୟାରେ ଭୋଟ୍ ଦେଇ ଜୟଯୁକ୍ତ କରନ୍ତୁ, ଯାହାଦ୍ୱାରା ବଙ୍ଗଳାରେ ପରିବର୍ତ୍ତନର ଲହର ଆସିପାରିବ ।

## ଗରମ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ଜନଜୀବନ

ଭୁବନେଶ୍ୱର: ପ୍ରଚଣ୍ଡ ତାତିରେ ଅସ୍ତବ୍ୟସ୍ତ ରାଜ୍ୟବାସୀ । ଗରମ




ସାଙ୍ଗକୁ ଗୁଳୁଗୁଳିରେ ଅସହ୍ୟ ହୋଇପଡୁଛି ଜନଜୀବନ । ସକାଳ ୯ଟାରୁ ସୂର୍ଯ୍ୟଙ୍କ ତାପ ସହିବା କଷ୍ଟକର ବିଷୟ ହୋଇପଡୁଛି । ତେବେ ଏଭଳି ପରିସ୍ଥିତି ଆହୁରି ୭ ଦିନ ଲାଗି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଆସନ୍ତା ୨୧, ୨୨ ଏବଂ ୨୩ ତାରିଖ ୩ଦିନ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହରୁ ମୁକ୍ତି ମିଳିବନାହିଁ । ପାଣିପାଗ କେନ୍ଦ୍ରର ରିପୋର୍ଟ ଅନୁଯାୟୀ, ରବିବାର ରାଜ୍ୟର ସର୍ବାଧିକ ତାପମାତ୍ରା ସବୁଠୁ ଅଧିକ ଝାରସୁଗୁଡାରେ ୪୩.୩ ଡିଗ୍ରୀ ରହିଥିବାବେଳେ, ଟିଟିଲାଗଡ଼ରେ ୪୩ ଡିଗ୍ରୀ ରହିଛି । ସେହିପରି, ରାଉରକେଲାରେ ପାରଦ ୪୧.୫ ଡିଗ୍ରୀ ଥିବାବେଳେ ନୂଆପଡ଼ାରେ ୪୧, ବୌଦ୍ଧରେ ୪୦.୯, ସୁବର୍ଣ୍ଣପୁରରେ ୪୨.୩, ଫୁଲବାଣୀରେ ୪୦.୬, ବଲାଙ୍ଗୀରରେ ୪୧.୫, ଭବାନୀପାଟଣାରେ ୪୨, ତାଳଚେରରେ ୪୦.୬, ହୀରାକୁଦରେ ୪୧, ସୁନ୍ଦରଗଡ଼ରେ ୪୧.୫, ସମ୍ବଲପୁରରେ ୪୨, ଅନୁଗୋଳରେ ୪୧.୧, ଭୁବନେଶ୍ୱରରେ ୩୬.୬ ଏବଂ କଟକରେ ୩୫.୮ ଡିଗ୍ରୀ ରହିଛି । ସୋମବାର ଟିଟିଲାଗଡ୍, ଝାରସୁଗୁଡ଼ା, ସୁବର୍ଣ୍ଣପୁର, ସୁନ୍ଦରଗଡ୍, ରାଉରକେଲା, ନୂଆପଡ଼ା, ବଲାଙ୍ଗୀର, ସମ୍ବଲପୁର, ଭବାନୀପାଟଣାରେ ଦିନ ତାପମାତ୍ରା ୪୩ରୁ ୪୪ଡିଗ୍ରୀ ପର୍ଯ୍ୟନ୍ତ ଛୁଇଁବା ସମ୍ଭାବନା ରହିଛି । ରବିବାର ରାତିରେ ନବରଙ୍ଗପୁର, ଖୋର୍ଦ୍ଧା, ପୁରୀ, କଟକ, ନୟାଗଡ଼ ଓ ଭୁବନେଶ୍ୱର ଭଳି ରାଜ୍ୟର ଏକାଧିକ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇଯାଇଛି । ଫଳରେ ଗୁଳୁଗୁଳି ସହ ତାପମାତ୍ରା କମିଛି । ଅପରପକ୍ଷେ ରାଜ୍ୟର କିଛି ଅଂଚଳରେ କାଳବୈଶାଖୀ ପ୍ରଭାବରେ ଘଡ଼ଘଡ଼ି ସାଙ୍ଗକୁ ବର୍ଷା ଓ ପବନ ବହିବା ନେଇ ବିଭାଗ ପକ୍ଷରୁ ସତର୍କତା ଜାରି କରାଯାଇଛି ।

## ବାଲେଶ୍ୱର ଜିଲ୍ଲା ଯୋଜନାବୋର୍ଡ଼ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେଲେ ବରିଷ୍ଠ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା

ବାଲେଶ୍ୱର: ଆଜି ପବିତ୍ର ଅକ୍ଷୟତୃତୀୟାରେ ବାଲେଶ୍ୱର ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ସିମୁଳିଆର ବରିଷ୍ଠ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା । ପୂର୍ବାହ୍ନ ୧୧ଘଟିକା ସମୟରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂରବିକାଶ, ପିଡିଡିଆରଡିଏ ସଂଜୟ କୁମାର ରାଉତ, ଜିଲ୍ଲା ଯୋଜନାବୋର୍ଡ଼ର ଡେପୁଟି ଡାଇରେକ୍ଟରଙ୍କ ଉପସ୍ଥିତିରେ ଦାୟିତ୍ୱ ଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାଂସଦ ପ୍ରତାପ ଷଡ଼ଙ୍ଗୀ, ବସ୍ତା ବିଧାୟିକା ସୁବାସିନୀ ଜେନା, ସୋର ବିଧାୟକ ମାଧବ ଧଡ଼ା, ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ବରିଷ୍ଠ ଆଡ଼ଭୋକେଟ ହରେକୃଷ୍ଣ ଦାସ, ଆଜିକାଲିର ପରିଚାଳନା ସମ୍ପାଦକ ଲକ୍ଷ୍ମୀନାରାୟଣ ମହାନ୍ତି, ପ୍ରକାଶକ କିଶୋର ଦାସ, ପରିଚାଳକ ରାଜେନ୍ଦ୍ର ପଟ୍ଟନାୟକ, ବାଲେଶ୍ୱରର ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ,



ଦଳୀୟ କର୍ମକର୍ତା ତଥା ଖଇରା ଓ ସିମୁଳିଆର ବ୍ଲକ ଚେୟାରମ୍ୟାନ ଉପସ୍ଥିତ ଥିଲେ । ଶ୍ରୀ ପଣ୍ଡା ଆଇଟିଆଇ ଛକ ଠାରୁ ଦଳୀୟ ତଥା ଶୁଭେଚ୍ଛୁଙ୍କ ଗହଣରେ ଏକ ଶୋଭାଯାତ୍ରାରେ ଆସି ଡିଆରଡିଏ ଅଫିସ ପ୍ରାଙ୍ଗଣରେ ଦାୟିତ୍ୱ ଗ୍ରହଣ କରିଥିଲେ । ସାମ୍ବାଦିକମାନଙ୍କୁ ଭେଟି ଶ୍ରୀ ପଣ୍ଡା କହିଥିଲେ ଯେ ଜିଲ୍ଲା ଯୋଜନା ବୋର୍ଡ଼ ଗତ କିଛିଦିନ ଧରି ଠିକ୍ ଭାବରେ କାର୍ଯ୍ୟକ୍ରମ ହୋଇପାରୁ ନଥିଲା । ମୋର ବିଶ୍ୱାସ ବାଲେଶ୍ୱର ସାଂସଦ, ସବୁ ବିଧାୟକମାନଙ୍କ ସହଯୋଗ ନେଇ ଏହା କିପରି ସଂଗଠିତ ଭାବେ ଉନ୍ନତିମୂଳକକାମ ହୋଇପାରିବ ତାହା ନିର୍ଶ୍ଚିତ ଭାବେ ଗୁରୁତ୍ୱ ଦିଆଯିବ ।ଏହି ପଦବୀ ପାଇବା ପରେ ଶ୍ରୀ ପଣ୍ଡା ନିଶ୍ଚିତ ଭାବେ ଗୁରୁତ୍ୱ ଦିଆଯିବ । ଏହି ପଦବୀ ପାଇବା ପରେ ଶ୍ରୀ ପଣ୍ଡା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତଥା ଦଳୀୟ ଶୀର୍ଷ ନେତୃତ୍ୱଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଦେଇଥିଲେ ।





# ବାଲେଶ୍ୱରରେ ପାଳିତ ହେଲା ଜିଲ୍ଲାସ୍ତରୀୟ ଗୀତଗୋବିନ୍ଦ ରଚୟିତା କବି ଶ୍ରୀ ଜୟଦେବ ଜୟନ୍ତୀ

ବାଲେଶ୍ୱର,(ନି.ପ୍ର.) ଚଳିତ ବର୍ଷ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ପୂର୍ବାହ୍ନ ୦୯.୩୦ ଘଟିକା ସମୟରେ ଜିଲ୍ଲାପାଳଙ୍କ ଅଡିଟୋରିୟମ ହଲ, ବାଲେଶ୍ୱରଠାରେ ଗୀତଗୋବିନ୍ଦ ରଚୟିତା କବି ଶ୍ରୀ ଜୟଦେବ ଜୟନ୍ତୀ ପାଳିତ ହୋଇଯାଇଅଛି । ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ଡେପୁଟି କଲେକ୍ଟର ଶ୍ରୀ ସିତାଂଶୁ ଶେଖର ଦାସ, ଶ୍ରୀମତୀ ଅସ୍ମିତା ଦାଶ, ଶ୍ରୀ ପ୍ରବୋଧ କୁମାର ମଲ୍ଲିକ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରୀ ସାଇ କୃଷ୍ଣ ଜେନା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଜୟଦେବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଓ ତତ ଉପରାନ୍ତ ସାଇ ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟର



କଳାକାରମାନଙ୍କ ଦ୍ୱାରା ଜୟଦେବଙ୍କ ରଚିତ ଗୀତଗୋବିନ୍ଦ ଆଧାରିତ ସଙ୍ଗୀତ ପରିବେଷଣ କରାଯାଇଥିଲା । ଏହି ସମାରୋହରେ ଅତିଥିମାନେ ଭକ୍ତକବି ଶ୍ରୀ ଜୟଦେବଙ୍କୁ ଜଣେ ମହାନ କବି ଭାବେ ବର୍ଣ୍ଣନା କରି ତାଙ୍କ ରଚିତ ଅମରକୃତି ଗୀତଗୋବିନ୍ଦ ସମଗ୍ର ବିଶ୍ୱ କାବ୍ୟ ସାହିତ୍ୟରେ ଯୁଗ ଯୁଗ ଧରି କାଳଜୟୀ ହୋଇ ରହିବ ଏବଂ ଶ୍ରୀ ଜୟଦେବ ଆମ ଓଡ଼ିଶାର ଗର୍ବ ଓ ଗୌରବ ଏବଂ ତାଙ୍କ କାଳଜୟୀ ରଚନା ଆମ ସଂସ୍କୃତି ଓ ପରମ୍ପରାକୁ ଋଦ୍ଧିମନ୍ତ କରିଥିବା ବୋଲି ମତବ୍ୟକ୍ତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କାବ୍ୟଶିଳ୍ପୀ ଶ୍ରୀ ସର୍ବେଶ୍ୱର ଦାସ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇ ତାଙ୍କ ବକ୍ତବ୍ୟରେ ଜୟଦେବଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ଗୀତଗୋବିନ୍ଦର କାନ୍ତ କମନୀୟ ପଦ୍ୟମୟ ଶୈଳୀ ଶ୍ରୋତା ଓ ପାଠକ ମାନଙ୍କୁ ବିଭୋର କରିଦିଏ ବୋଲି ଉଲ୍ଲେଖ କରିଥିଲେ । କବି ଶ୍ରୀ ପ୍ରଶାନ୍ତ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଶ୍ରୀ ଜୟଦେବ ନିଜର କୃତି ଗୀତଗୋବିନ୍ଦରେ ରାଧାକୃଷ୍ଣଙ୍କ ମଧ୍ୟରେ ଥିବା ଅନାବିଳ ଅନନ୍ତ ପ୍ରେମ ଓ ଭକ୍ତିର ଏକ ଅପୂର୍ବ ସମନ୍ୱୟ ସୃଷ୍ଟି କରି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପଦାରବିନ୍ଦରେ ନିଜକୁ ସମର୍ପଣ କରିଦେଇଥିଲେ ବୋଲି କହିବା ସହିତ ଶ୍ରୀ ଜୟଦେବଙ୍କ କୃତି ଚିରଦିନ ପାଇଁ ଅମର ରହିବ ବୋଲି କହିଥିଲେ । ଏହି ସମାରୋହରେ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ, ମାନ୍ୟଗଣ୍ୟ ବ୍ୟକ୍ତି ଏବଂ କଳାକାରମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ ସମସ୍ତ କାର୍ଯ୍ୟକ୍ରମ ଆୟୋଜନ କରିବା ସହ ସଭା ପରିଚାଳନା କରିଥିଲେ ।

# ଅକ୍ଷୟ ତୃତୀୟାରେ ୯ ଜଣ ଚିତ୍ରକର ନେଲେ ୮ ଟି ଜଗନ୍ନାଥ ମନ୍ଦିରରୁ ପଟିଦିଅଁ ଅଙ୍କନ ପାଇଁ ସ୍ୱୀକୃତି

ବାଲେଶ୍ୱର, (ନି.ପ୍ର.) ଓଡ଼ିଶାରେ ଅକ୍ଷୟ ତୃତୀୟା ଅବସରରେ ଅଖିମୁଠି, ଅନୁକୂଳ, ଶୁଭାରମ୍ଭ, ପ୍ରତିଷ୍ଠା ଇତ୍ୟାଦି କରାଯିବାର ପରମ୍ପରା ଥିଲା ବେଳେ ଶ୍ରୀ ଜଗନ୍ନାଥ ମନ୍ଦିରରେ ଚିତ୍ରକରମାନଙ୍କୁ ପଟିଦିଅଁ ଅଙ୍କନ ପାଇଁ ଆଜ୍ଞାମାଳ ଓ ବସ୍ତ୍ର ପ୍ରଦାନ ପୂର୍ବକ ସ୍ୱୀକୃତି ପ୍ରଦାନ କରାଯାଏ । 'ନୋସି କଲଚୁରାଲ ଏକାଡେମୀ' ଓ 'ବାଲେଶ୍ୱରୀ କଳା କେନ୍ଦ୍ର' ଆୟୋଜିତ ହେବାକୁଥିବା ୧୨ତମ ପଟିଦିଅଁ ଅଙ୍କନ ଉତ୍ସବ ପାଇଁ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ଭିନ୍ନ ଭିନ୍ନ ୮ଟି ଜଗନ୍ନାଥ ମନ୍ଦିରରୁ ୯ ଜଣ ଚିତ୍ରକର ଆଜି ବିଧିବଦ୍ଧ ଭାବେ ସ୍ୱୀକୃତି ଗ୍ରହଣ କରିଛନ୍ତି ।

ଗଣେଶ୍ୱରପୁରର ତ୍ରାହି ଅଚ୍ୟୁତ ଜଗନ୍ନାଥ ମନ୍ଦିର, ଛନପୁର୍ ଜଗନ୍ନାଥ ମନ୍ଦିର, ରେମୁଣା ମଧୁପୁର ଜଗନ୍ନାଥ ମନ୍ଦିର, ନୀଳଗିରି ଜଗନ୍ନାଥ ମନ୍ଦିର, ସାଶଙ୍ଗ ଜଗନ୍ନାଥ



ମନ୍ଦିର, ଜୟଦେବ କସବା ଜଗନ୍ନାଥ ମନ୍ଦିର , ବେତନଟୀ ଜଗନ୍ନାଥ ମନ୍ଦିର , ଦୁବଲାଗଡି ଜଗନ୍ନାଥ ମନ୍ଦିରରୁ ବଡ ଠାକୁର ବଳଭଦ୍ର (ଅନନ୍ତ ବାସୁଦେବ) ପାଇଁ ଗଦାଧର ମହାନ୍ତି, ଭବାନୀ ଶଙ୍କର ନାୟକ, ପ୍ରଦୀପ ବାଡି, ସୁଭଦ୍ରା ( ମା ଭୁବନେଶ୍ୱରୀ) ପାଇଁ ଦେବାଶିଷ ପତି, ଭବଶଙ୍କର ସାହୁ ଓ ସମୀର ବେହେରା, ଜଗନ୍ନାଥ (ଅନନ୍ତ ନାରାୟଣ) ପାଇଁ ଶିଳ୍ପୀ କେଶୁ ଦାସ, ଅରୁଣ ବାରିକ ଓ ଅଙ୍କିତ ଦାସ ପ୍ରମୁଖ ମନ୍ଦିର ତରଫରୁ ଆଜ୍ଞାମାଳ ଓ ବସ୍ତ୍ର ପ୍ରଦାନ ପୂର୍ବକ ସ୍ୱୀକୃତି ପ୍ରଦାନ କରିଥିଲେ । ସମସ୍ତ ମନ୍ଦିର ତରଫରୁ ମନୋରଞ୍ଜନ ସାହୁ, ରବୀନ୍ଦ୍ର ଚଣ୍ଡ ଓ ସପରିବାର, ଶଶଧର ପଣ୍ଡା, ହର ନାରାୟଣ ମଡୁଆଳ , ବିଶ୍ୱନାଥ ବିଶ୍ୱାଳ, ରାଜକିଶୋର ରାୟ, କୁନା ନନ୍ଦ, ବ୍ରହ୍ମା, ପୁଣ୍ୟଶ୍ଳୋକ ବ୍ରହ୍ମା, ପ୍ରଭାସ ଦାସ, ବିଶିଷ୍ଟ ପାରମ୍ପରିକ ଚିତ୍ରକର ଶ୍ରୀଧର ମହାରଣା, ପୂର୍ଣ୍ଣ ଚନ୍ଦ୍ର ପଣ୍ଡା, ବିଜୟ ଶତପଥି, ଜୀବନ ଶତପଥି ପ୍ରମୁଖ ଯୋଗ ଦେଇଥିଲେ । ପ୍ରକାଶ ଥାଉ କି ଆସନ୍ତା ଜୁନ୍ ୨୪ ରୁ ୨୯ (ପବିତ୍ର ସ୍ନାନ ପୂର୍ଣ୍ଣିମା) ୬ ଦିନ ଧରି ବିଗତ ବର୍ଷ ପରି ନୋସି ଉତ୍କଳା ପରିସରରେ ପାରମ୍ପରିକ ପଟିଦିଅଁ ଅଙ୍କନ, ପଟ୍ଟଚିତ୍ର କର୍ମଶାଳା, ପ୍ରଦର୍ଶନୀ, ଆଲୋଚନା ସହ ଶାସ୍ତ୍ରୀୟ ସଙ୍ଗୀତ ଓ ନୃତ୍ୟ, ଚଢ଼େଇୟା ନାଟ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ।

# ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଜିଲ୍ଲାସ୍ତରୀୟ କୃଷକ ଦିବସ ୨୦୨୬ ପାଳିତ

ବାଲେଶ୍ୱର,(ନି.ପ୍ର.)ଆଜି ପୂର୍ବାହ୍ନ ୯.୩୦ ଘଟିକା ସମୟରେ ଶେରଗଡ଼ ସ୍ଥିତ ସରକାରୀ ବିହନ ଫାର୍ମ ଠାରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଜିଲ୍ଲା ସ୍ତରୀୟ କୃଷକ ଦିବସ ୨୦୨୬ ଖୁବ ଆଡମ୍ବର ସହକାରେ ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀଯୁକ୍ତ ବିଶ୍ୱଜିତ ପଣ୍ଡାଙ୍କ ପୌରହିତ୍ୟରେ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ମାନ୍ୟବର ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଅକ୍ଷିମୁଠି ଅନୁକୂଳ କରିଥିଲେ । ଓଡ଼ିଶା ସରକାରୀ ଦଳର ଉପ ମୁଖ୍ୟ ସଚେତକ ତଥା ମାନ୍ୟବର ରେମୁଣା ବିଧାୟକ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ କ୍ଷେତରେ ହଳ ବୁଲାଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ରେମୁଣା ବ୍ଲକ ଅଧକ୍ଷ ଶ୍ରୀଯୁକ୍ତ ରାଜେନ୍ଦ୍ର କୁମାର ରାଉତ, ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ





କଲ୍ୟାଣୀ ବାରିକ ଏବଂ ରବି ନାରାୟଣ ମହାପାତ୍ର ଯୋଗଦାନ କରି ଦିବସର ମହତ୍ୱ ବିଷୟରେ ବର୍ଣ୍ଣନା କରିଥଲେ । କୃଷି ଓ ଆନୁସଙ୍ଗିକ ବିଭାଗର ବରିଷ୍ଠ ଅଧିକାରୀ, କୃଷି ବୈଜ୍ଞାନିକ, କୃଷି ଯନ୍ତ୍ରୀ, ସାମ୍ବାଦିକ ଗଣ ମାନଙ୍କ ସହିତ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକରୁ ୧୧୦ ରୁ ଊର୍ଦ୍ଧ୍ୱ ଚାଷୀ ଏଠାରେ ଯୋଗ ଦେଇଥିଲେ । ଚଳିତ ଖରିଫ -୨୦୨୬ ନିମନ୍ତେ ସିଏମ କିଷାନ ସହାୟତା ରାଶି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ କରକମଳରେ ହସ୍ତାନ୍ତରଣର ସିଧା ପ୍ରସାରଣ ଅଭାଷୀ ମାଧମରେ କରାଯାଇଥିଲା । ବାଲେଶ୍ୱର ଜିଲ୍ଲାରେ ୩୦୪୧୦୨ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୧୦୫୦ ଜଣ ଭୂମିହୀନ ଚାଷୀ ଏଥିରେ ଉପକୃତ ହୋଇଥିଲେ । ସରକାରୀ କୃଷି ଅଧିକାରୀ ସଦର, ଶ୍ରୀମତୀ ଲିଜା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲେଶ୍ୱର,(ନି.ପ୍ର.) ଆଜି ସକାଳ ଘ: ୭ ଟିକା ସମୟରେ ବାଲେଶ୍ୱର ଜିଲ୍ଲାର ନୀଳଗିରି ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୁର ବିକାଶ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକରଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ନୀଳଗିରି ପଂଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଂଚାୟତରୁ ୪୮ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ । ସେଥି ମଧ୍ୟରୁ ୪୩ ଗୋଟି ବ୍ୟକ୍ତିଗତ ଓ ୨ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୩ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୪ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱର, ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ଅମୂଲ୍ୟ କୁମାର ଦାସଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।



# ଯୁବ ବିକାଶ ଓ ବିଜେଏସପିର ମିଳିତ ଆନୁକୁଲ୍ୟରେ ବାଲିଆପାଳରେ ଉଦ୍‌ଘାଟିତ ହେଲା ଯୋଗ ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମ

ବାଲେଶ୍ୱର ,(ନି.ପ୍ର.): ବାଲିଆପାଳ ଯୋଗ ସମିତି ଦ୍ୱାରା ପରିଚାଳିତ ଏକ ଭିନ୍ନ ଧରଣର ପଂଚାୟତ ସ୍ତରୀୟ ଦ୍ୱିଦିବସୀୟ ଯୋଗ ପ୍ରଶିକ୍ଷଣ ଶିବିର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କାଳିପଦା ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଯୋଗ ଶିକ୍ଷକ ଜଗନ୍ନାଥ ଦେ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ । ବାଲିଆପାଳ ବ୍ଲକର ପ୍ରତିଟି ପଂଚାୟତରେ, ପ୍ରତିଟି ଗ୍ରାମରେ ଦୈନନ୍ଦିନ ଯୋଗ ଅଭ୍ୟାସ କରାଇ ଏକ ରୋଗମୁକ୍ତ ଜୀବନର ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମଟି ଆରମ୍ଭ ହୋଇଛି । କାର୍ଯ୍ୟକ୍ରମର ପ୍ରାରମ୍ଭରେ ବାଘାଯତୀନ ସ୍ମୃତି ପରିଷଦର ସଭାପତି ଅରବିନ୍ଦ ବେହେରା ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଅଭିଭାଷଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଯୁବ ବିକାଶର ସମ୍ପାଦକ ଶ୍ରୀ ଗୋବିନ୍ଦ ବଲ୍ଲଭ ଦଳାଇ, ପ୍ରଶିକ୍ଷିକା ମଧୁସ୍ମିତା ରାଉତ, ବିଜେପି କାଳିପଦା ମଣ୍ଡଳର ପୂର୍ବତନ ସଭାପତି ତଥା ମୁନି ସମାଜର ପ୍ରଶିକ୍ଷକ ରତ୍ନାକର କୁହ୍ଲାରି ଆଦି ଯୋଗ ଦେଇ ନିଜର ବ୍ୟକ୍ତବ୍ୟ ରଖିଥିଲେ ।ଏହି କାର୍ଯ୍ୟକ୍ରମରେ ଶ୍ରୀରାମପୁର, ମଧୁପୁରା, ବାଲିଆପାଳ, ପ୍ରତାପପୁର, ଚଉମୁଖ, ଅଳାଡ଼ିହା, ଅସ୍ତି, ବିଷ୍ଣୁପୁର, ଡ଼ଗରା, ବଡ଼ାସ ଆଦି ପଂଚାୟତରୁ ପ୍ରତିନିଧିମାନେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କାଳିପଦା ଶିଶୁମନ୍ଦିରର ପ୍ରଧାନ ଗୁରୁଜୀ ରବିନ୍ଦ୍ର କୁମାର ପଣ୍ଡା, ଜୟନ୍ତ କୁମାର ଦାସ, ମନ୍ମଥ ପାତ୍ର, ମମତା ଦାସ, ରବିନ୍ଦ୍ର କର, ପରମାନନ୍ଦ ରାଉଳ, ମନୋରଞ୍ଜନ ବେହେରା, ନିର୍ମଳା ପ୍ରଧାନ, ନଳିନୀକାନ୍ତ ପାଢୀ, ସୁଜାତା ଦାସ, ଅଜିତ୍ କୁମାର କର, ହେମନ୍ତ କୁମାର ମୁଖୀ, ରାଖାଲ ମାଇତି, ଜୟକୃଷ୍ଣ ନାୟକ, ଦିପିକା ମାହେଶ୍ୱରୀ, ପ୍ରିୟଦର୍ଶିନୀ ଦାସ, ସୁଦାମ ଚରଣ ଦାସ, ପୂର୍ଣ୍ଣଚନ୍ଦ୍ର ଜେନା, ଜଗଦୀଶ ପରିଡ଼ା, ଭାଗ୍ୟଲକ୍ଷ୍ମୀ ରାଉତ ଆଦି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ।



# ଓଲନ୍ଦା ସାରଗାଁ ଠାରେ ଅଖିମୁଠି ଅନୁକଳ କଲେ ସଦର ବିଧାୟକ ମାନସ କୁମାର ଦତ

ବାଲେଶ୍ୱର(ନିପ୍ର): ପବିତ ଅକ୍ଷୟ ତୃତୀୟା ଅବସରରେ ସଦର ନିର୍ବାଚନମଣ୍ଡଳୀର ଓଲନ୍ଦା ସାରଗାଁ ପଂଚାୟତ ଅନ୍ତର୍ଗତ ପୋତାଗାଁ ଠାରେ ବିଧାୟକ ମାନସ କୁମାର ଦତ ଅଖିମୁଠି ଅନୁକୂଳ କରିଛନ୍ତି । ଏହି ପରିପ୍ରେକ୍ଷୀରେ ସେଠାରେ ଆୟୋଜିତ ପୂଜା କର୍ମରେ ବିଧାୟକ ଶ୍ରୀ ଦତ ଅଂଶଗ୍ରହଣ ସହ ଚାଷୀକୁଳଙ୍କ ନିମନ୍ତେ ମାଟି ମା'ଙ୍କୁ ପ୍ରାର୍ଥନା କରିଥିଲେ । ପରେ ସେ ବିଧି ପୂର୍ବକ ଜମିରେ ହଳ ଲଙ୍ଗଳ ଚଳାଇବା ସହ ବିହନ ବୁଣି ଅଖିମୁଠି ଅନୁକୂଳ କରିଥିଲେ । ପରେ ସ୍ଥାନୀୟ ଚାଷୀକୁଳର ଗୁରୁଜନମାନଙ୍କୁ ସେ ସମ୍ବର୍ଦ୍ଧିତ କରିଥିଲେ । ଅକ୍ଷୟ ତୃତୀୟା ଭଳି ପବିତ୍ର ଦିନରେ ରାଜ୍ୟରେ ସ୍ଥାପିତ ଲୋକଙ୍କ ସରକାରର ମୁଖିଆ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଖରିଫ ଋତୁ ପାଇଁ ରାଜ୍ୟର ୫୦ ଲକ୍ଷରୁ ଅଧିକ ଚାଷୀଙ୍କୁ



ହଜାରେ କୋଟିରୁ ଅଧିକ ଟଙ୍କାର ମୁଖ୍ୟମନ୍ତ୍ରୀ କିଷାନ ସହାୟତା ରାଶି ପ୍ରଦାନ କରିବା ବାସ୍ତବିକ ଏକ ଖୁସିର ବିଷୟ ବୋଲି ବିଧାୟକ ଶ୍ରୀ ଦତ ଏହି ଅବସରରେ କହିଥିଲେ । ଚଳିତ ଋତୁରେ ଚାଷୀଭାଇମାନଙ୍କ ଜମିରେ ଭଲ ଫସଲ ହେବା ନିମନ୍ତେ ସେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ଗୟାଧର ବେହେରା, ସରପଂଚ ଆରତୀ ଦାସ, ସମିତି ସଭ୍ୟା ରଶ୍ମିତା ନାୟକ, ଗୌରାଙ୍ଗ ଦାସ, ବିଷ୍ଣୁପଦ ପ୍ରଧାନ, ପିତାମ୍ବର ଭୂୟାଁ, ରଘୁନାଥ ପ୍ରଧାନ, କାର୍ତୀକ ଶତପଥୀ, ପୀତବାସ ଭୂୟାଁ, ବିରେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଆଜିର ପବିତ୍ର ଦିବସରେ ରଥର ଚକ ଲାଗିବା ସଂଗେ ସଂଗେ ଦୁର୍ଗାପୂଜା ପାଇଁ ମାଟି ଉଠିବା, ଅପରପକ୍ଷରେ ବ୍ୟବସାୟୀ ପ୍ରତିଷ୍ଠାନରେ ଖାତାପୂଜା ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି ।

# ମତ୍ସ୍ୟଜୀବୀଙ୍କୁ ଜୁନ୍ ୧୫ ପର୍ଯ୍ୟନ୍ତ ସମୁଦ୍ର ମନା

**ବାଲେଶ୍ୱର,(ନି.ପ୍ର.):** ସମୁଦ୍ରରେ ମାଛ ବଂଶ ବୃଦ୍ଧି ପାଇଁ ଲାଗୁ ହୋଇଛି ୬୧ଦିନିଆ କଟକଣା । ଚଳିତ ମାସ୧୫ତାରିଖ ଠାରୁ ଆସନ୍ତା ଜୁନ ମାସ୧୫ତାରିଖ ପର୍ଯ୍ୟନ୍ତ ସମୁଦ୍ରକୁ ମାଛ ମାରିବାକୁ ମତ୍ସ୍ୟଜୀବୀମାନେ ସମୁଦ୍ରକୁ ମାଛ ମାରିବାକୁ ଯାଇପାରିବେ ନାହିଁ ବୋଲି ମତ୍ସ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି । ସୂଚନା ଅନୁସାରେ,ସାମୁଦ୍ରିକ ସମ୍ପଦର ସୁରକ୍ଷା ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି । ଯାହାକୁ ନେଇ ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି । ଅନ୍ୟପଟେ ଦୁଇ ମାସ ନୁହଁ ୩ମାସ କଟକଣା କରାଗଲେ ଆଶାତିତ ମତ୍ସ୍ୟ ବଂଶ ବୃଦ୍ଧି ସହ ଅଧିକ ଉତ୍ପାଦନ ହେବ ବୋଲି ମତ୍ସ୍ୟଜୀବୀମାନେ କହିଛନ୍ତି । ଏଣୁ ଚଳିତ ମାସ ୧୫ତାରିଖ ଠାରୁ ସମୁଦ୍ରରେ 'ଫିସିଂ ବ୍ୟାନ' କରାଯାଇଛି । ଗ୍ରୀଷ୍ମ ଋତୁର ଏହି ସମୟଟି ମାଛମାନଙ୍କର ମୁଖ୍ୟ ପ୍ରଜନନ ସମୟ ହୋଇଥିବାରୁ ଚଳିତମାସ୧୫ତାରିଖ ଠାରୁ ଜୁନ୧୫ତାରିଖ ପର୍ଯ୍ୟନ୍ତ ଦୀର୍ଘ ୬୧ଦିନ ଧରି ମାଛ ଧରା ଉପରେ କଟକଣା ଜାରି କରାଯାଇଛି । ସାମୁଦ୍ରିକ ପରିବେଶର ସନ୍ତୁଳନ ରକ୍ଷା ଏବଂ ଛୋଟ ମାଛଙ୍କୁ ବଢ଼ିବାକୁ ସୁଯୋଗ ଦେବା ଏହି ନିୟମର ମୂଳ ଲକ୍ଷ୍ୟ । ଯନ୍ତ୍ରଚାଳିତ ବୋଟ ବା ଟ୍ରଲରର ଶବ୍ଦ ଓ ପ୍ରୟୋଗ ଯୋଗୁଁ ମାଛମାନଙ୍କ ପ୍ରଜନନ ପ୍ରକ୍ରିୟା ବାଧାପ୍ରାପ୍ତ ହେବାର ଆଶଙ୍କା ଥିବାରୁ ଏହି ପଦକ୍ଷେ ନିଆଯାଇଛି । ଅନ୍ୟପଟେ କଟକଣା ଲାଗୁ ହେବା ପରେ ବଳରାମଗଡ଼ି ମୁହାଣକୁ ବହୁ ବୋଟ ଫେରିବା ଆରମ୍ଭ କରିଛି । ଗଭୀର ସମୁଦ୍ରରୁ ଫେରି କୂଳରେ ଲାଗୁଥିବା ବୋଟରୁ ମାଛ ଖାଲି କରାଯିବା ସହ ଜାଲ ଗୁଡ଼ିକୁ ସାଇତି ରଖାଯାଉଛି ।



ଦୁଇମାସର ବିରତି ପରେ ପୁଣି ସମୁଦ୍ରକୁ ଲେଉଟିବା ଆଶାରେ ଏବେଠାରୁ ମତ୍ସ୍ୟଜୀବୀମାନେ ପ୍ରସ୍ତୁତି ଆରମ୍ଭ କରିଛନ୍ତି ।ଏହି କଟକଣା ମୁଖ୍ୟତଃ ଯନ୍ତ୍ରଚାଳିତ ଡଙ୍ଗା ଓ ବଡ଼ ଟ୍ରଲର ଗୁଡ଼ିକ ପାଇଁ ଲାଗୁ ହୋଇଛି । କେବଳ ପାରମ୍ପରିକ ପଦ୍ଧତିରେ ମାଛ ଧରୁଥିବା ଅଣ ଯନ୍ତ୍ରଚାଳିତ ଡଙ୍ଗା ପାଇଁ କିଛିଟା କୋହଳ ନିୟମ ରହିଛି । ତେବେ ଏହି ୬୧ଦିନ ମତ୍ସ୍ୟଜୀବୀଙ୍କ ଜୀବିକା ସମ୍ପୂର୍ଣ୍ଣ ଠପ ହୋଇଯାଉଥିବାରୁ ସେମାନଙ୍କ ପାଇଁ ସରକାରୀ ସହାୟତାର ବ୍ୟବସ୍ଥା ମଧ୍ୟ ରହିଛି । କାମଧନ୍ଦା ହରାଇ କିଛି ମତ୍ସ୍ୟଜୀବୀ ନିଜ ଗାଁକୁ ଫେରି ଯାଉଥିବା ବେଳେ କିଛି ବୋଟ ମରାମତି କାମରେ ନିୟୋଜିତ ହେଉଛନ୍ତି । ଏନେଇ ଅତିରିକ୍ତ ମତ୍ସ୍ୟ ଅଧିକାରୀ ସୁବ୍ରତ କୁମାର ପଟ୍ଟନାୟକ ମତ୍ସ୍ୟ ବିଭାଗ ପକ୍ଷରୁ ସହାୟତା ରାଶି ପ୍ରଦାନ ଓ ନିୟମ ପାଳନ ଉପରେ ଗୁରୁତ୍ୱ ଦିଆଯାଇଥିବା କହିଛନ୍ତି ।





# ସିନାପାଲି ଶିକ୍ଷା ବିଭାଗ ତରଫରୁ ରକ୍ତଦାନ ଶିବିର

ନୂଆପଡ଼ା(ନିପ୍ର) : ନୂଆପଡା ଜିଲ୍ଲା ସିନାପାଲି ଗୋଷ୍ଠୀ ଶିକ୍ଷା ବିଭାଗ ତରଫରୁ ରବିବାର ଏକ ଭବ୍ୟ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା । ଏହି ଶିବିରରେ ସିନାପାଲି ବ୍ଲକ ଅନ୍ତର୍ଗତ ୧୬ଟି କ୍ଲଷ୍ଟରର ଶିକ୍ଷକ ଶିକ୍ଷୟିତ୍ରୀ ଓ ଅନ୍ୟ ରକ୍ତଦାତା ମିଶି ସମୁଦାୟ ୭୫ ଜଣ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ । ବିଇଓ ଯତୀନ୍ଦ୍ର କୁମାର ସେଠଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ ମୁଖ୍ୟ ଅତିଥି ଭାବରେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାସ ଯୋଗଦେଇ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ବିଡ଼ିଓ କର୍ମୀ ଓରାମ, ମେଡିକାଲ ଅଫିସର ଶ୍ରୀମାନ ସାହୁ, ଡାକ୍ତର ନୈମିଶ ସା, ଏବିଇଓ ପ୍ରଦୀପ ପଣ୍ଡା, ଓଷ୍ଟାର ଜିଲ୍ଲା ସମ୍ପାଦକ ବ୍ରିନ୍ଦ୍ରନାଥ ଯୋଷୀ, ପ୍ରଧାନ ଶିକ୍ଷକ ଲଳିତ କୁମାର ସୁନାରି ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ଶିକ୍ଷକ ମନୋରଞ୍ଜନ ମେହେର, ବୈଷ୍ଣବ ମେହେର, ତରୁଣ କୁମାର ମେହେର, ଶିକ୍ଷକ ସଂଘ ସମ୍ପାଦକ ବାଲାଜୀ ହରିଜନ, ସିଆରସିସି ସଂଘ ସଭାପତି ଜଗଦୀଶ ତାଣ୍ଡି ସମେତ ସିଆରସିସି ବଂଶୀଧର ଜଗତ, ବିଭୁତି ମେହେର, ଦୁର୍ଯ୍ୟୋଧନ ମାଝୀ । ସିନାପାଲି ଶିକ୍ଷା ବିଭାଗର ଏପରି ମହତ କାର୍ଯ୍ୟକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଥିବା ବେଳେ ବିଭାଗ ତରଫରୁ ଆଗାମୀ ଦିନରେ ଶିକ୍ଷା, ସାହିତ୍ୟ, ସେବା ଆଦି କ୍ଷେତ୍ରରେ ଏଭଳି ଆୟୋଜନ ସବୁ ଜାରି ରହିବ ବୋଲି କୁହାଯାଇଛି । ରକ୍ତ ସଂଗ୍ରହରେ ଜିଲ୍ଲା ମେଡିକାଲରୁ ଆସିଥିବା କିରଣ ସିଂ ଧରୁଆ, ଘନଶ୍ୟାମ ପଧାନ, ଲିଙ୍ଗେଶ୍ୱର ଦାସ, ହେତୁରାମ ହଂସ, ଜୟନ୍ତ ସାହୁ, ମୋତି ଦଣ୍ଡସେନା ପ୍ରମୁଖ ସହଯୋଗ କରିଥିଲେ ।

# ଭିସା ସ୍ୱେଶାଲ ଷ୍ଟିଲରେ ନିୟାମକ ଅଚଳାବସ୍ଥା ଯୋଗୁଁ ଆଂଚଳିକ ଅର୍ଥନୀତି ବିପନ୍ନ

କଳିଙ୍ଗନଗର(ନିପ୍ର) : କଳିଙ୍ଗନଗର ସ୍ଥିତ ଭିସା ସ୍ୱେଶାଲ ଷ୍ଟିଲ୍ ଲିମିଟେଡର ମୁଖ୍ୟ ଫାଟକ ନିକଟରେ ଆଜି ଏକ ବଡ଼ ଧରଣର ଆନ୍ଦୋଳନ ଦେଖାଦେଇଛି । ବଢୁଥିବା ଆର୍ଥିକ ଅନିଶ୍ଚିତତାର ସମ୍ମୁଖୀନ ହେଉଥିବା ଶତାଧିକ ଶ୍ରମିକ ଏକ ପ୍ରତିବାଦ ପ୍ରଦର୍ଶନ କରି ପ୍ରଶାସନିକ କାର୍ଯ୍ୟକୁ ବନ୍ଦ କରିଦେଇଛନ୍ତି । କାରଖାନାଟି ଦୀର୍ଘ ଦିନ ଧରି ବନ୍ଦ ରହିବା ଯୋଗୁଁ ସୃଷ୍ଟି ହୋଇଥିବା ଗଭୀର ସଙ୍କଟକୁ ଏହି ବିକ୍ଷୋଭ ପ୍ରଦର୍ଶନ କରୁଛି । ଏହି ସାମ୍ପ୍ରତିକ ସଙ୍କଟ ନିୟାମକ ଅଚଳାବସ୍ଥାର ଏକ ପ୍ରତ୍ୟକ୍ଷ ପରିଣାମ । ଜୁଲାଇ ୨୦୨୫ରେ, ଉପଯୁକ୍ତ ପ୍ରକ୍ରିୟା ଅନୁସରଣ ନକରି ଭିସା ସ୍ୱେଶାଲ ଷ୍ଟିଲ୍ ଲିମିଟେଡର କନସେଂଟ ଟୁ ଅପରେଟ୍ (CTO) କୁ ପ୍ରତ୍ୟାଖ୍ୟାନ କରାଯାଇଥିଲା । ଏହି ମନା କରିବା ଯୋଗୁଁ ଭିସା ସ୍ୱେଶାଲ ଷ୍ଟିଲର ସମସ୍ତ ପ୍ଲାଂଟ କାର୍ଯ୍ୟ ତୁରନ୍ତ ଏବଂ ସଂପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଥିଲା । ଜୁଲାଇ ମାସରୁ ଉତ୍ପାଦନ ଏବଂ ରାଜସ୍ୱର ସଂପୂର୍ଣ୍ଣ ଅଭାବ ସତ୍ତ୍ୱେ, କମ୍ପାନୀ କର୍ତ୍ତୃପକ୍ଷ ଶ୍ରମିକମାନଙ୍କ ପ୍ରତି ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରି ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ସମସ୍ତ କର୍ମଚାରୀଙ୍କ ଦରମା ପ୍ରଦାନ କରିଛନ୍ତି । ସଂପ୍ରତି କମ୍ପାନୀ ଏକ ଅସମ୍ଭାଳ ଆର୍ଥିକ ବୋଝର ସମ୍ମୁଖୀନ ହେଉଛି । ବାଧ୍ୟତାମୂଳକ ଭାବେ କାରଖାନା ବନ୍ଦ ହେବା ଏବଂ ପ୍ଲାଂଟର ଭବିଷ୍ୟତକୁ ନେଇ ଜାରି ରହିଥିବା ଅନିଶ୍ଚିତତା କାରଣରୁ, କମ୍ପାନୀ ଡିସେମ୍ବର ୨୦୨୫ ପରଠାରୁ ଦରମା ପ୍ରଦାନ କରିବା ସ୍ଥିତିରେ ନାହିଁ । କମ୍ପାନୀ ନାମରେ ନୂତନ ପରିବେଶ ମଞ୍ଜୁରୀ (EC) ମିଳିବା ପରେ କାର୍ଯ୍ୟକ୍ଷମ ଅନୁମତି (ଉଞ୍ଜଙ) ପ୍ରଦାନ କରାଯିବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଥିଲେ ମଧ ଏହି ଅଚଳାବସ୍ଥା ଜାରି ରହିଛି । ପୂର୍ବରୁ ଥିବା ରଉ ବୈଧ ଥିଲେ ହେଁ, ଦାବି ଅନୁଯାୟୀ କମ୍ପାନୀ ୯ ମାର୍ଚ୍ଚ ୨୦୨୬ରେ ନୂତନ କ୍ଲିୟରାନ୍ସ ହାସଲ କରିଥିଲା । ତଥାପି, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଟକାଇ ରଖିବା ସହ ଅଧିକ ନୂଆ



ସର୍ତ୍ତାବଳୀ ଲଦି ଦେଇଛି । ଫଳସ୍ୱରୂପ, କାରଖାନାଟି ନଅ ମାସରୁ ଅଧିକ ସମୟ ଧରି ବନ୍ଦ ରହିଛି, ଯାହା ସମସ୍ତ ଅଂଶୀଦାର ମାନଙ୍କ ପାଇଁ ବହୁ ପରିମାଣର ଆର୍ଥିକ କ୍ଷତି ସୃଷ୍ଟି କରିଛି । ପାତରଅନ୍ତର ଆଚରଣ ଏବଂ ନିୟାମକ ପରିବର୍ତ୍ତନ ଏକ ପ୍ରମୁଖ ବିବାଦୀୟ ବିଷୟ ପାଲଟିଛି । କଳିଙ୍ଗନଗରର ଅନ୍ୟାନ୍ୟ ଶିଳ୍ପ ସଂସ୍ଥାଗୁଡ଼ିକୁ ସମାନ ପରିସ୍ଥିତିରେ ପ୍ରଦାନ କରାଯାଇଥିବାବେଳେ, କେବଳ ଭିସା ସ୍ୱେଶାଲ ଷ୍ଟିଲ୍ ଲିମିଟେଡକୁ ଏଥିରୁ ବଂଚିତ କରାଯାଇଛି । କମ୍ପାନୀକୁ ଏକ ଦୀର୍ଘ ଏବଂ କ୍ରମବର୍ଦ୍ଧିଷ୍ଣୁ ଅନୁମୋଦନ ପ୍ରକ୍ରିୟା ଦେଇ ଗତି କରିବାକୁ ପଡୁଛି, ଯେଉଁଠାରେ ପାଇଁ ଗୋଟିଏ ପରେ ଗୋଟିଏ କ୍ଲିୟରାନ୍ସ ଆଣିବାକୁ କୁହାଯାଉଛି । ଉଲ୍ଲେଖନୀୟ ବିଷୟ ହେଉଛି, କମ୍ପାନୀ ସମସ୍ତ ପ୍ରମୁଖ ସର୍ତ୍ତ ପୂରଣ କରିବା ଏବଂ ଆବଶ୍ୟକୀୟ ଦଲିଲ ଦାଖଲ କରିବା ସତ୍ତ୍ୱେ ବାରମ୍ବାର ନୂଆ ନୂଆ ସର୍ତ୍ତ ରଖାଯାଉଛି । ଏହି ପ୍ରକ୍ରିୟାଗତ ଅନିଶ୍ଚିତତା କାର୍ଯ୍ୟ ପୁନର୍ବାର ଆରମ୍ଭ କରିବାରେ ବାଧା ସୃଷ୍ଟି କରୁଛି । ପରିଚାଳନା ଅନୁମତିକୁ ମନୋଇଚ୍ଛା ଅଟକାଇ ରଖିବା ଦ୍ୱାରା ଏକ ବଡ଼ ଶିଳ୍ପ ସମ୍ପତି ପଙ୍ଗୁ ହୋଇଯାଇଛି ଏବଂ ଏହାର ଆର୍ଥିକ ଦାୟିତ୍ୱ ତୁଲାଇବା କ୍ଷମତା ହ୍ରାସ ପାଇଛି । ଏହି ଜାରି ରହିଥିବା ଅଚଳାବସ୍ଥା ରାଜ୍ୟର ସମଗ୍ର ଶିଳ୍ପ ପରିବେଶ ପାଇଁ ଏକ ଗମ୍ଭୀର ବିପଦ ସୃଷ୍ଟି କରିଛି । ଯଦି ଏହି ସମସ୍ୟାର ତୁରନ୍ତ ସମାଧାନ ନହୁଏ, ତେବେ ଏହା ନିମ୍ନଲିଖିତ ପରିସ୍ଥିତି ସୃଷ୍ଟି କରିବ: ବହୁ ସଂଖ୍ୟକ ଚାକିରି ହରାଇବା: ହଜାର ହଜାର ପରିବାର ସ୍ଥାୟୀ ଭାବେ ନିଜର ଜୀବିକା ହରାଇବାର ସମ୍ମୁଖୀନ ହେବେ । ଆର୍ଥିକ ପ୍ରଭାବ: ସରକାରୀ ରାଜକୋଷକୁ ମିଳୁଥିବା ରାଜସ୍ୱରେ ବଡ଼ ଧରଣର ହ୍ରାସ ଘଟିବ । ଶିଳ୍ପ ଅସ୍ଥିରତା: ଏକ ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ହବ୍ ?ରେ ଶିଳ୍ପ ଶାନ୍ତି ଏବଂ ସଦଭାବନା ନଷ୍ଟ ହେବ । ଘେରାଉ ଜାରି ରହିଥିବା ବେଳେ ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ଘଟଣାସ୍ଥଳରେ ମୁତୟନ ଅଛି । କମ୍ପାନୀ କର୍ତ୍ତୃପକ୍ଷଙ୍କ ମତରେ, ଦରମା ସମସ୍ୟାର ସମାଧାନ ସଂପୂର୍ଣ୍ଣ ଭାବେ ପୁନରୁଦ୍ଧାର ଉପରେ ନିର୍ଭର କରେ, ଯାହା ପ୍ଲାଂଟକୁ ପୁନର୍ବାର କାର୍ଯ୍ୟକ୍ଷମ କରିବା ସହ ଆର୍ଥିକ ସ୍ଥିତିକୁ ସ୍ୱାଭାବିକ କରିବାରେ ସାହାଯ୍ୟ କରିବ ।

# କବି ଶ୍ରୀ ଜୟଦେବଙ୍କ ଜୟନ୍ତୀ ପାଳିତ



ନୟାଗଡ଼(ନିପ୍ର) : ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପରିସରରେ 'ଗୀତଗୋବିନ୍ଦ'ର ରଚୟିତା କବି ଶ୍ରୀ ଜୟଦେବଙ୍କ ଜୟନ୍ତୀ ପାଳିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭାପତି ଇଂ. ଦେବାଶିଷ ପଟ୍ଟନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ମଂଚାସୀନ ଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ସୁମିତ୍ରା ଭୂୟାଁ ଉତ୍ସବରେ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଉପସ୍ଥିତ ଅତିଥିମାନେ ମହାକବି ଜୟଦେବଙ୍କ ଜୀବନୀ, ଦର୍ଶନ ଓ ଆଦର୍ଶ ଉପରେ ବ୍ୟାପକ ଆଲୋକ ପାତ କରିଥିଲେ । ସେହିପରି, ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ କବିଙ୍କ ଅମର କୃତି 'ଗୀତଗୋବିନ୍ଦ'ର ଆଧ୍ୟାତ୍ମିକ ମହତ୍ତ୍ୱ ଓ ସାହିତ୍ୟିକ ଦିଗ ଉପରେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଶେଷରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ନୟାଗଡ଼ ଧନ୍ୟବାଦ ଅର୍ପଣ କରିବା ପରେ ସଭା ସାଙ୍ଗ କରାଯାଇଥିଲା ।

# ଇତିହାସ ବିଭାଗର ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ

ଖୁଂଟା(ନିପ୍ର) : ଇତିହାସ ବିଭାଗର ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଇତିହାସ ବିଭାଗର ମୁଖ୍ୟ ସରୋଜ ରଞ୍ଜନ ତ୍ରିପାଠୀ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପ୍ରାଶାସନିକ ଅଧିକାରୀ ପ୍ରମୋଦ କୁମାର ମିଶ୍ର, ମୁଖ୍ୟ ବକ୍ତା ଭାବରେ ଓଡ଼ିଆ ବିଭାଗର ଅଧ୍ୟାପିକା ଡକ୍ଟର ହିରଣ୍ମୟୀ ଶତପଥି ଏବଂ ସମ୍ମାନିତ ଅତିଥି ଭାବରେ ରାଜନୀତି ବିଜ୍ଞାନର ଅଧ୍ୟାପିକା ଗୋପା



ସିଂହ, ଶିକ୍ଷା ବିଭାଗର ଅଧ୍ୟାପିକା ବବିତା ମହାନ୍ତ ଏବଂ ଇଂରାଜୀ ବିଭାଗର ଅଧ୍ୟାପିକା ଗେହ୍ଲିମଣୀ ବେହେରା ଯୋଗଦେଇ ପିଲାମାନଙ୍କର କ୍ୟାରିୟର, ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ପାଠର ଭୂମିକା ଓ ଉତମ ଚରିତ୍ର ଗଠନ ବିଷୟରେ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଇତିହାସ ବିଭାଗର ଅଧ୍ୟାପକ ପ୍ରଦୀପ୍ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ପ୍ରତିଭା ମଞ୍ଜରି ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଦ୍ୱିତୀୟ ବର୍ଷର ଛାତ୍ରୀ ବୋନାଲିସା ସେନାପତି ଓ ପୂଜା ସିଂ ପରିଚାଳନା କରିବା ସହିତ ଅନ୍ୟମାନେ ମଧ ସହଯୋଗ କରିଥିଲେ । ପରିଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏତଦ୍ ବ୍ୟତୀତ ବିଭାଗର ସମସ୍ତ ଛାତ୍ରଛାତ୍ରୀ ମାନଙ୍କ ସମେତ ଅନ୍ୟ ଅଧ୍ୟାପକ ଓ ଅଧ୍ୟାପିକା ମାନେ ମଧ ଉପସ୍ଥିତ ରହିଥିଲେ ।

# ୧୫ତମ ଭ୍ରାମ୍ୟମାଣ ବ୍ରହ୍ମଯଜ୍ଞ ଓ ଧର୍ମାଲୋଚନା

ଖଇରା(ନିପ୍ର) : ମଣିଷର ବଂଚିବା ପାଇଁ ଜଳ ନିତାନ୍ତ ଆବଶ୍ୟକ ।ଜଳ ବର୍ଷା ମାଧ୍ୟମରେ ଭୁପୃଷ୍ଠକୁ ଆସିଥାଏ ଏବଂ ହୋମ ଯଜ୍ଞରୁ ନିର୍ଗତ ଧୁଆଁ ରୁ ମେଘ ସୃଷ୍ଟି ହୋଇଥାଏ । ଏଣୁ ଜିବନଧାରଣ ପାଇଁ ଯଜ୍ଞକର୍ମ ଆୟୋଜନର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ବାଲେଶ୍ୱର ଜିଲା ଖଇରା ବ୍ଲକ ମାଣିତ୍ରୀ ପଂଚାୟତ ଅଧୀନ ଟେକଚନ୍ଦନପୁର ଗ୍ରାମରେ ଆୟୋଜିତ ୧୫ତମ ବ୍ରହ୍ମ ଯଜ୍ଞର ଧର୍ମାଲୋଚନାରେ ଯୋଗ ଦେଇଥିବା ସାଧୁ ମହାତ୍ମା ମାନେ ପ୍ରକାଶ କରିଛନ୍ତି । ଆଂଚଳିକ ବ୍ରହ୍ମଣ ସମିତି ଆନୁକୂଲ୍ୟରେ ରବିବାର ଆୟୋଜିତ ଏହି ଧର୍ମ ଆଲୋଚନାରେ ବ୍ରାହ୍ମଣ ସମିତିର ଉପଦେଷ୍ଟା କୃଷ୍ଣଚନ୍ଦ୍ର ପତ୍ରୀ ସଭାପତିତ୍ୱ କରିଥିଲେ । ସୋରରୁ ଆସିଥିବା ବେଦବିତ୍ ଜୟନ୍ତ କୁମାର ମହାପାତ୍ର ମୁଖ୍ୟବକ୍ତା, ଭଦ୍ରକ ଜିଲା ସଭାପତି ମନ୍ଦରଧର ଦିକ୍ଷିତ ମୁଖ୍ୟଅତିଥି, କାର୍ଯ୍ୟକାରୀ ସଭାପତି ବୁଦ୍ଧିରାମ ପାଣିଗ୍ରାହୀ, ଜୋନ ସଭାପତି କୃଷ୍ଣଚନ୍ଦ୍ର ଦାଶ ଓ ତପନ କୁମାର ତ୍ରିପାଠୀ ପ୍ରମୁଖ ସମ୍ମାନନୀୟ ବକ୍ତା ଭାବେ ଯୋଗ ଦେଇଥିଲେ । ରମାକାନ୍ତ ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ପରିପ୍ରେକ୍ଷୀରେ ବର୍ଷିଆନ ସଦସ୍ୟ ଜଗବନ୍ଧୁ ତିଆଡି, ନବ କିଶୋର ପଣ୍ଡା ଓ ନରେନ୍ଦ୍ର ପ୍ରସାଦ ପଣ୍ଡାଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ମୁଖ୍ୟ ହୋତା ଗୌରଚନ୍ଦ୍ର ପାଠୀଙ୍କ ତତ୍ତ୍ୱାବଧାନରେ ବ୍ରହ୍ମଯଜ୍ଞ ଅନୁଷ୍ଠିତ ହେବା ସହ ଆୟୁଷ୍ମାନ ପଣ୍ଡାଙ୍କ ବ୍ରତୋପନୟନ କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା । ବଂଶୀଧର ପଣ୍ଡା, କରୁଣାକର ପଣ୍ଡା, ଲକ୍ଷ୍ମୀଧର ତ୍ରିପାଠୀ, ବିପିନ କୁମାର ତ୍ରିପାଠୀ, ସୁଦର୍ଶନ ରଥ, ନିଳାମ୍ବର ଉପାଧ୍ୟାୟ, ପଦ୍ମଲୋଚନ ଦାଶ, ନାରାୟଣ ତ୍ରିପାଠୀ, ବାସୁଦେବ ସାହୁଙ୍କ ଦ୍ୱାରା ସମସ୍ତ କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର

ନୀଳଗିରି(ନିପ୍ର) : ସୋମବାର ପୂର୍ବାହ୍ନ୭ଘଟିକା ସମୟରେ ସ୍ଥାନୀୟ ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବକରଙ୍କ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇ ଯାଇଛି । ନୀଳଗିରି ପଂଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଂଚାୟତରୁ ମୋଟ ୪୭ ଅଭିଯୋଗକାରି ନିଜ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ । ଏହି ଅଭିଯୋଗ ମଧରେ ବ୍ୟକ୍ତି ଗତ ଭାବେ ରାସନ କାର୍ଡ, ବାର୍ଦ୍ଧକ୍ୟ ଭତା, ଜଙ୍ଗଲ ଜମି ପଟ୍ଟା, ସ୍ୱାସ୍ଥ୍ୟ ଚିକିତ୍ସା ସହାୟତା ଏବଂ ସାମୂହିକ ଭାବେ ରାସ୍ତା ଘାଟ ପାନୀୟ ଜଳ ବିଦ୍ୟୁତ୍ ବିଲ ସମସ୍ୟା, ଉଦ୍ୟାନ କୃଷି, ଆଇନ୍ ଶୃଙ୍ଖଳା ସମ୍ପର୍କିତ ଥିଲା । ଏହି ମିଳିତ ଜନଶୁଣାଣୀ ଶିବିରରେ ୧୩ ଗୋଟି ଅଭିଯୋଗର ତତ୍ କାଳ ସମାଧାନ କରିବା ସଙ୍ଗେ ସଙ୍ଗେ ୩ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ



ରିଲିଫ୍ ପାଣ୍ଠିରୁ ଟ.୧୦,୦୦୦ଙ୍କା ଲେଖାଏଁ ଅର୍ଥ ସହାୟତା ରାଶି ପ୍ରଦାନ କରାଯାଇଥିଲା । ଏହି ଜନ ଶୁଣାଣି କାର୍ଯ୍ୟକ୍ରମରେ ପଂଚାୟତ ସମିତି ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ଼ା. ପ୍ରଭାତ କୁମାର ବେହେରା, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ଡ. ମଧୁସ୍ମିତା ସାମନ୍ତରାୟ, ସ୍ଥାନୀୟ ଉପ ଜିଲ୍ଲାପାଳ ଶୁଭଶ୍ରୀ ରଥ, ବି. ଡି.ଓ. ବିକ୍ରମ କେଶରୀ ପରିଡ଼ା ସମେତ ଜିଲ୍ଲା ଏବଂ ଉପଖଣ୍ଡ ସ୍ତରୀୟ ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ ।


# ଜିଲ୍ଲାସ୍ତରୀୟ ସିଏମ ଟ୍ରଫି ୨.୦ର ପ୍ରଥମ ସଂସ୍କରଣ ଉଦ୍ୟାପିତ



ପୁରୀ(ନିପ୍ର) : ରାଜ୍ୟ ସରକାରଙ୍କ ଯୁବ କ୍ରୀଡା ବିଭାଗ ପକ୍ଷରୁ ଚାଲିଥିବା ସିଏମ ଟ୍ରଫି ତାଳବଣିଆ ସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଆନନ୍ଦ ଉଲ୍ଲାସର ସହ ଉଦଯାପିତ ହୋଇଯାଇଛି । ପ୍ରତିଭା ଅନେକ ଲକ୍ଷ ଏକ ପଡିଆରୁ ପୋଡିୟମକୁ ପାଥେୟ କରି ଏହି ପ୍ରତିଯୋଗିତା ଶନିବାର ଠାରୁ ଆରମ୍ଭ ହୋଇଥିଲା । ଏହି ଖେଳ ମଧ୍ୟରେ ଫୁଟବଲ, ଖୋ ଖୋ, ଭଲିବଲ ଓ କବାଡି । ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନିର୍ଦ୍ଦେଶରେ ରାଜ୍ୟର କୋଣ ଅନୁକୋଣରେ ଲୁଚି ରହିଥିବା ଲୁକାୟିତ କ୍ରୀଡାବିତ ପ୍ରତିଭାକୁ ସର୍ବସାଧାରଣରେ ପରିପ୍ରକାଶ ସହ କ୍ରୀଡାବିତ ମାନଙ୍କୁ ଦେଶର ଏକ ଶ୍ରେଷ୍ଠ କ୍ରୀଡାବିତ ଭାବେ ଗଢିତୋଳିବା ଏହି ପ୍ରତିଯୋଗିତାର ଲକ୍ଷ ଓ ଉଦ୍ଦେଶ୍ୟ । ରବିବାର ଉଦଯାପନୀ ଉତ୍ସବରେ ମୁଖ୍ଯ ଅତିଥି ଭାବେ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗଦେଇ ପିଲାମାନଙ୍କ ଖେଳ ପ୍ରଦର୍ଶନକୁ ପ୍ରଶଂସା କରିବା ସହ କ୍ରୀଡାବିତ ମାନେ ନିଜର ପ୍ରତିଭା ପ୍ରଦର୍ଶନ କରି ଜୋନସ୍ତରରୁ ରାଜ୍ୟସ୍ତରରେ ନାମ ରଖି ଭଲ କ୍ରୀଡାବିତ ଭାବେ ପରିଚିତ ହୋଇପାରିବେ । ପାଠ ପଢିବା ସହ ଖେଳ କସରତ ଦ୍ୱାରା ଶାରୀରିକ ସୁନ୍ଦର ଗଠନ ଓ ବୁଦ୍ଧିମାନ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ । ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଓଡ଼ିଶା ଅଲମ୍ପିକ୍ସ ସଂଘ କୋଷାଧକ୍ଷ ରବିଶଙ୍କର ପତିହରୀ, ଭାରତୀୟ ଖୋ ଖୋ ମହାସଂଘ ଫେଡେରେସନ ର ଉପସଭାପତି ତଥା ଓଡ଼ିଶା ଖୋ ଖୋ ସଙ୍ଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ପୂର୍ବତନ ଶାରୀରିକ ଶିକ୍ଷା ଶିକ୍ଷକ ବଟକୃଷ୍ଣ ଜେନା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ସରକାରଙ୍କ ଲୋକାଭିମୁଖୀ ତଥା ତୃଣମୂଳ ସ୍ତରରେ କୋମଳମତି କ୍ରୀଡାବିତ ମାନଙ୍କ ପ୍ରତିଭାର ବିକାଶ ପାଇଁ ଏହା ଏକ ସୁନ୍ଦର ପଦକ୍ଷେପ ବୋଲି ଅତିଥି ମାନେ କହିଥିଲେ । ଏହି ପ୍ରୟାସ ପାଇଁ ଆଗାମୀ ଦିନରେ ବଡ ବଡ କ୍ରୀଡା ପ୍ରତିଯୋଗିତା ରେ ଓଡ଼ିଶା ଉଲ୍ଲେଖଯୋଗ୍ଯ ପ୍ରଦର୍ଶନ କରିବ ବୋଲି କହିଥିଲେ । ଖୋ ଖୋ ରେ ବାଳକ ବିଭାଗରେ ଡେଲାଙ୍ଗ ବ୍ଲକ କେ.ପି.ପି ଚାମ୍ପିଅନ, ଦ୍ୱିତୀୟ ଡେଲାଙ୍ଗ ବ୍ଲକ ଅମାଳଙ୍ଗ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ କୃଷ୍ଣପ୍ରସାଦ ବ୍ଲକ । ବାଳିକା ବିଭାଗରେ ଡେଲାଙ୍ଗ କେ.ପି.ପି ଚାମ୍ପିଅନ, ଦ୍ୱିତୀୟ ଅମାଳଙ୍ଗ ଓ ତୃତୀୟରେ ପୁରୀସଦର । କବାଡିରେ ବାଳକ ବିଭାଗରେ ଡେଲାଙ୍ଗ ବ୍ଲକ ମହତାବ ସ୍ପୋର୍ଟ୍ସ ଏକାଡମୀ ଚାମ୍ପିଅନ, ଦ୍ୱିତୀୟ ପୁରୀ ନିତା ସ୍ପୋର୍ଟ୍ସ ଏକାଡେମୀ ଓ ବାଳିକା ବିଭାଗରେ ଡେଲାଙ୍ଗ ମହତାବ ସ୍ପୋର୍ଟ୍ସ ଏକାଡେମୀ, ପୁରୀ ନିତା ସ୍ପୋର୍ଟ୍ସ ଏକାଡେମୀ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ଭଲିବଲ ବାଳକ ବିଭାଗରେ ଚାମ୍ପିଅନ କଣାସ ଓ ଗୋପ ରନର୍ସ ଅପଙ୍କୁ ଅତିଥିମାନଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରାଯାଇଥିଲା । ଭଲିବଲ ପର୍ଯ୍ୟବେକ୍ଷକ ସୁବୋଧ ଜେନା ଉପସ୍ଥିତ ରହି ଖେଳାଳୀମାନଙ୍କ ଖେଳ ପ୍ରତିଯୋଗିତାକୁ ନିରୀକ୍ଷଣ କରିଥିଲେ । ଭଲିବଲ କୋଚ ଶ୍ରୀକାନ୍ତ ନାୟକ, ଖୋ ଖୋ କୋଚ ଚୌଧୁରୀ ପାର୍ଥ ସାରଥୀ ମହାପାତ୍ର ଓ କବାଡି କୋଚ ସଦାଶିବ ସାହୁ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତା ପରିଚାଳନା କରୁଥିବା ବେଳେ ସୂର୍ଯ୍ୟ ନାରାୟଣ ଜେନା ସମସ୍ତ ଖେଳ ପ୍ରତିଯୋଗିତାକୁ ତଦାରଖ କରିଥିଲେ । ୪ଟି ବିଭାଗର ଖେଳ କୋଚ, ଅଫିସର, ମ୍ଯାନେଜର, ରେଫରୀ ମାନେ ଉପସ୍ଥିତ ରହି ପ୍ରତିଯୋଗିତାରେ ସହଯୋଗ କରିଥିଲେ । କ୍ରୀଡାବିତ ମାନଙ୍କ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆମ୍ବୁଲାନ୍ସ, ଫାଷ୍ଟଏଡ ସେଂଟର, ଖାଦ୍ୟ ପାନୀୟଜଳ ଓ ଅନ୍ଯାନ୍ଯ ସମସ୍ତ ସୁବିଧାସୁଯୋଗ ବନ୍ଦୋବସ୍ତ କରାଯାଇଥିଲା । ୨୫ ଏପ୍ରିଲରେ ଫୁଟବଲ ଖେଳାଳୀମାନଙ୍କ ବିଜେତା ଘୋଷଣା ସହ ଉଦଯାପନ କାର୍ଯ୍ୟକ୍ରମ ରହିବ ବୋଲି କ୍ରୀଡା ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି ।

# ବିଦ୍ୟାଳୟ ଛୁଟି ଘୋଷଣା କଲେ ଜିଲ୍ଲାପାଳ

ଖୋର୍ଦ୍ଧା(ନିପ୍ର) : ଖୋର୍ଦ୍ଧା ଜିଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜ ଜିଲ୍ଲାର ସମସ୍ତ ଅଂଚଳରେ ପ୍ରଚଣ୍ଡ ରୌଦ୍ରତାପ ଅନୁଭୂତ ହେଉଥିବା ଦେଖି ଆସନ୍ତା କାଲି ତା ୨୦.୦୪.୨୦୨୬ ରିଖ ଠାରୁ ତା୨୩.୦୪ ୨୦୨୬ରିଖ ପର୍ଯ୍ୟନ୍ତ ଶିଶୁ ବାଟିକା ଓ ବିଦ୍ୟାଳୟ ରେ ପଢୁଥିବା ସମସ୍ତ ଛାତ୍ର ଛାତ୍ରୀ ମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ଦୃଷ୍ଟିରୁ ଛୁଟି ଘୋଷଣା କରିଛନ୍ତି । ଏହି ଚାରି ଦିନ ଛୁଟି ଘୋଷଣା ରେ ସମସ୍ତ ଶିଶୁବାଟିକା ରେ ପଢୁଥିବା ଶିଶୁ ଅର୍ଥାତ୍ ଶିଶୁ ବାଟିକା ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସରକାରୀ, ଅର୍ଦ୍ଧ ସରକାରୀ ଓ ସମସ୍ତ ବେସରକାରୀ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କ ପାଇଁ ଲାଗୁ ହେବ । ପଂଚମ ଏବଂ ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କ ଅନୂପୁରକ ପରୀକ୍ଷା ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ କର୍ତ୍ତୃପକ୍ଷ ନିୟମାନୁସାରେ ଚାଲୁ ରହିବ । ବିଦ୍ୟାଳୟ ମୁଖ୍ୟ ଛାତ୍ର ଛାତ୍ରୀ ମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ନିମିତ ପର୍ଯ୍ୟାପ୍ତ ବିଶୁଦ୍ଧ ପାନୀୟ ଜଳ ଓ ଆର ଏସ ପ୍ୟାକେଟ, ପ୍ରାଥମିକ ଚିକିତ୍ସା ସେବା, ଉତମ ବିଶୁଦ୍ଧ ବାୟୁ ଚଳାଚଳ କକ୍ଷ ସୁବିଧା ଉପଲବ୍ଧ ର ବ୍ୟବସ୍ଥା କରିବେ । ବିଦ୍ୟାଳୟରେ ନାମଲେଖା, ପ୍ରଶାସନିକ କାର୍ଯ୍ୟ,ସେନସସ୍ କାର୍ଯ୍ୟ ଯଥାବିଧି ଚାଲୁରହିବ । ଜିଲ୍ଲା ପ୍ରଶାସନ ତରଫରୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ, ଖୋର୍ଦ୍ଧା ପକ୍ଷରୁ ଏହା ଜଣାଇ ଦିଆଗଲା ।





ଆତ୍ମାର ମୁକ୍ତି ଶିକ୍ଷାର ପ୍ରଥମ ଓ ଶେଷ ଲକ୍ଷ୍ୟ ହେବା ଉଚିତ

# ଆଜିକାଲି




ତସ୍ୟ ସଂଜନୟନ୍ ହର୍ଷଂ କୁରୁବୃଦ୍ଧଃ ପିତାମହଃ ।
ସିଂହନାଦଂ ବିନଦ୍ୟୋଚ୍ଚୈଃ ଶଙ୍ଖଂ ଦଧ୍ମୌ ପ୍ରତାପବାନ୍
(ଶ୍ରୀମଦ୍ ଭଗବଦ୍ ଗୀତା)

ଭାବାର୍ଥ : ଦ୍ରୋଣାଚାର୍ଯ୍ୟଙ୍କୁ ରାଜା ଦୁର୍ଯ୍ୟୋଧନ ଏହିପରି କହିବା ପରେ କୌରବକୁଳର ବୃଦ୍ଧ ମହାପ୍ରତାପୀ ପିତାମହ ଭୀଷ୍ମ ଦୁର୍ଯ୍ୟୋଧନଙ୍କର ହୃଦୟରେ ହର୍ଷ ଉତ୍ପନ୍ନ କରାଇ ଉଚ୍ଚସ୍ୱରରେ ସିଂହନାଦ ପରି ଗର୍ଜନ କରି ଶଙ୍ଖ ବଜାଇଲେ ।

## ଶରୀର ପାଇଁ କ୍ଷତିକାରକ "ମୋବାଇଲ"

ବିଶ୍ୱରେ ବିଭିନ୍ନ କ୍ଷେତ୍ରରେ ଅନେକ ବିପ୍ଳବ ଆସିଛି । ପ୍ରତି ବିପ୍ଳବର ପରବର୍ତ୍ତୀ ସମୟରେ ଜଗତରେ ଆଶାତୀତ ପରିବର୍ତ୍ତନ ଦେଖା ଦେଇଛି । ପ୍ରାକ୍ ଐତିହାସିକ ଯୁଗର ବିଭିନ୍ନ ଅବକ୍ଷୟ ଓ ଉଦ୍ଭାବନ ସହିତ ବିଜ୍ଞାନର ଜୟଯାତ୍ରା ପରେ ମାନବ ସଭ୍ୟତା ପ୍ରଯୁକ୍ତି ଓ ଔଦ୍ୟୋଗିକ କ୍ଷେତ୍ରରେ ପାଦ ଦେଇ ଆଶାତୀତ ସଫଳତା ଲାଭ କରିଛି। ବିଗତ ଶହେ ବର୍ଷରେ ଆମର ସଫଳତା କଳ୍ପନାତୀତ ।ଏସବୁ ସଫଳତା ମଧ୍ୟରୁ କେତେକ ଆମ ପାଇଁ ସଂକଟ ଆଣି ଦେଇଛି । ଜୀବନର ଅଙ୍ଗ ପାଲଟି ଯାଇଥିବା ଅତିପ୍ରିୟ ମୋବାଇଲ ଫୋନ୍ ଏପରି ଏକ ସଂକଟର ସଂକେତ ଦେଇଛି । ଅନୁସନ୍ଧାନରୁ ଜଣାପଡ଼ିଛି ବ୍ୟବହାରକାରୀଙ୍କ ସଂଖ୍ୟାଠାରୁ ମୋବାଇଲ ଫୋନ ଅଧିକ । ୨୦୧୮ ଶେଷ ବେଳକୁ ସାରା ଦୁନିଆର ୫୧.୨ ପ୍ରତିଶତ ଅର୍ଥାତ୍ ପ୍ରାୟ ୪୦୦ ଶହ କୋଟି ମୋବାଇଲ ଫୋନ୍ ବ୍ୟବହାର କରୁଥିଲେ । ମାତ୍ର ଏହି ସମୟରେ ସାରା ଦୁନିଆରେ ସଂଯୋଗ ହୋଇ ଥିବା ମୋବାଇଲ ବ୍ରଡ୍‌ବ୍ୟାଣ୍ଡ ସଂଖ୍ୟା ୫ ଶହ ୨୫ କୋଟିରୁ ଅଧିକ ଥିଲା । ଭାରତ କଥା ବିଚାରକୁ ନେଲେ ବର୍ତ୍ତମାନ ସମୟରେ ଭାରତରେ ମୋବାଇଲ ଫୋନ ଧରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ୧୦୦ କୋଟିରୁ ଅଧିକ ହେବ । ଏମାନଙ୍କ ମଧ୍ୟରୁ ୫୦ କୋଟିରୁ ଅଧିକ ଲୋକଙ୍କ ପାଖରେ ମୋବାଇଲ ଇ□ରନେଟ ସଂଯୋଗ ରହିଛି । ମୋବାଇଲ ବିପ୍ଳବ ଗ୍ରାମା□ଳରେ ଖୁବ୍ ଦ୍ରୁତଗତିରେ ବ୍ୟାପୀ ଚାଲିଛି । ଭାରତରେ ମୋବାଇଲ ଇ□ରନେଟ୍ ବ୍ୟବହାରକାରୀଙ୍କ ମଧ୍ୟରୁ ୨୫ କୋଟି ଲୋକ ଗ୍ରାମା□ଳର ବୋଲି ଜଣାପଡ଼ିଛି । ୨୦୧୯ ମସିହାରେ ମୋବାଇଲ ବ୍ୟବହାରକାରୀ ରାଜ୍ୟ ତାଲିକାରେ ଆମ ରାଜ୍ୟ ଓଡ଼ିଶା ଦେଶରେ ୨ୟ ସ୍ଥାନ ଅଧିକାର କରିଥିଲା । ଆଜି ବିଶ୍ୱବାସୀଙ୍କ ଜୀବନରେ ମୋବାଇଲ ଫୋନ୍ ମାଷ୍ଟର 'କି'ର ଭୂମିକାରେ ଅବତୀର୍ଣ୍ଣ ହୋଇଛି ଏବଂ ଲୋକଙ୍କ ଜୀବନ ଶୈଳୀକୁ ସଂପୂର୍ଣ୍ଣ ମାତ୍ରାରେ ତା' ନିୟନ୍ତ୍ରଣକୁ ନେଇ ଯାଇଛି । ମୋବାଇଲ ଫୋନ୍ ବର୍ତ୍ତମାନ ଯୁଗରେ ଏକ ନିଶାରେ ପରିଣତ ହୋଇ ଗଲାଣି । ଆଜିର ପିଢ଼ୀ ନିଜର ଦୁଃଖ, ଖୁସି, ଲୁହ, ହସକୁ ଇ□ରନେଟ୍ ଓ ସାମାଜିକ ଗଣମାଧ୍ୟମ ଜରିଆରେ ଜଣାଇବାକୁ ଚାହିଁ ଥାଆନ୍ତି । ଏଥିପାଇଁ ଇମୋଜୀ ମାଧ୍ୟମ ସାଜିଛି । ଗୋଟିଏ ମୋବାଇଲ ଫୋନ୍ ଘଂଟା, କ୍ୟାମେରା, କ୍ୟାଲେଣ୍ଡର, କାଲକୁଲେଟର, ଟର୍ଚ୍ଚ ଲାଇଟ୍, ରେଡ଼ିଓ, ଷ୍ଟାପଓ୍ୱଚ, ଅଭିଧାନ, ଟେଲିଭିଜନ ସହ ଚିଠିପତ୍ର ଆଦିର କାର୍ଯ୍ୟଭାରକୁ ନିଜ ନିୟନ୍ତ୍ରଣକୁ ନେଇ ସାରିଲାଣି । ଶେଷରେ ଆମ ସଂପର୍କ, ଭାବନା, ଅଭିବ୍ୟକ୍ତିକୁ ଆକ୍ରମଣ କରିବା ମଧ୍ୟ ଆରମ୍ଭ କରି ଦେଲାଣି । ଆମେ ଏପରି ଏକ ଯୁଗରେ ପହଂଚିବାକୁ ଯାଉଛେ ଯେଉଁଠାରେ ଲୋକେ ଚେହେରାରୁ ସୃଷ୍ଟି ଅଭିବ୍ୟକ୍ତିର ଭାବନାକୁ ବୁଝିବା ବନ୍ଦ କରି ଦେବେ । ସେତେବେଳେ ଏହା ଅଧିକ ଚିନ୍ତଜନକ ବିଷୟ ପାଲଟିବ ଯେତେବେଳେ ଜଣେ ବ୍ୟକ୍ତି କୌଣସି ଏକ ରୋଗରେ ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବେ ଏବଂ ସେ ଏହି ଖବରକୁ ନିଜ ପିଲାଙ୍କୁ ଲେଖି ଜଣାଇବେ ଯେ ମୋ' ଦେହ ଖରାପ ଅଛି, ମୁଁ ଏବେ ଅମୁକ ଡାକ୍ତରଖାନାରେ ଚିକିତ୍ସିତ ହେଉଛି । ପିଲାମାନେ ସେହି ସମୟରେ 'ଇମୋଜି' ଦ୍ୱାରା ଜଣାଇବେ ଯେ ସେମାନେ ଏଥିପାଇଁ ଦୁଃଖିତ ଅଟନ୍ତି ଓ ଚିନ୍ତିତ ମଧ୍ୟ । ପ୍ରଯୁକ୍ତି ବିଦ୍ୟାର କୌଶଳ ସେତେବେଳ ପର୍ଯ୍ୟନ୍ତ ଠିକ୍ ଯେତେବେଳ ଯାଏଁ ଏହା ଆମ ମାନଙ୍କର ଅତି ଆବଶ୍ୟକ କିନ୍ତୁ ଏହି ଆବଶ୍ୟକତା ଯଦି କ୍ରମଶଃ ଅଭ୍ୟାସରେ ପରିଣତ ହୋଇଯାଏ ସେତେବେଳେ ଆମେ ନିମୋଫୋନିଆ ଭଳି ରୋଗର ଶୀକାର ହୋଇଥାଉ ଅର୍ଥାତ୍ ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ବିନା ଫୋନ୍‌ରେ କିଛି ସମୟ କଟାଇବା ମଧ୍ୟ କଷ୍ଟକର ହୋଇପଡ଼େ । କିଛିଟା ସଂଯମ ଅବଲମ୍ବନ କରିବା ଉଚିତ । ଯଥା- କମ କଥାବାର୍ତ୍ତା, ଯଥା ସମ୍ଭବ ମୋବାଇଲର ବ୍ୟବହାର କମ୍ କଲେ ଆମେ ସୁସ୍ଥ ଓ ସୁନ୍ଦର ଜୀବନ ବିତାଇ ପାରିବା ।

# କୃଷକର ଖଡ଼ିଛୁଆଁ ପର୍ବ



◆ସୁବାସ କୁମାର ତାରଣିଆଁ

ଭାରତ ଏକ କୃଷି ପ୍ରଧାନ ଦେଶ । ଭାରତର ଶତକଡ଼ା ୭୫ ଭାଗ ଲୋକ କୃଷି ଉପରେ ନିର୍ଭର କରିଥାନ୍ତି । ଏକଦା କୃଷିଜାତ ଦ୍ରବ୍ୟ ଉତ୍ପାଦନ କ୍ଷେତ୍ରରେ ଭାରତ କୃଷିଜୀବି ରାଷ୍ଟ୍ର ଭାବରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା । ଦେଶର ୧୪୦ କୋଟି ଜନତା ଖାଦ୍ୟ ଉପରେ ନିର୍ଭର କରିଥାନ୍ତି । କାରଣ ବିନା ଖାଦ୍ୟରେ ମଣିଷ ଜୀବନ ଯାପନ କରିବା ଅସମ୍ଭବ । ତେଣୁ ଚାଷୀମାନେ ହିଁ ଖାଦ୍ୟର ଅଭାବକୁ ପୂରଣ କରିଥାନ୍ତି । ସେଥିପାଇଁ ଚାଷୀଙ୍କୁ ଅନ୍ନଦାତା ବୋଲି କୁହାଯାଏ । ଓଡ଼ିଶାରେ ସାଧାରଣତଃ ଧାନ, ବିରି, ମୁଗ, କୋଳଥ, ହରଡ଼, ନଳିତା, ଚିନାବାଦାମ ଓ ସୂର୍ଯ୍ୟମୁଖୀ ଠାରୁ ଆରମ୍ଭ କରି ବିଭିନ୍ନ କିସମର ଚାଷ କରାଯାଇଥାଏ । 'କର୍ମ ମୋହର ନିଜ ଗୁରୁ, ଉଦ୍ଧବ କେତେ ତୁ ପଚାରୁ' ଏହି ଉକ୍ତିଟିକୁ ପ୍ରମାଣିତ କରି ଚାଷୀଟି ବଡ଼ି ଭୋରରୁ କଂସାଏ ପଖାଳ ଓ ଶାଗଭଜା ଖାଇ ତାର ଅତି ଆପଣାର ସାଥୀ ବଳଦଙ୍କୁ ଯୋଚି ଲଙ୍ଗଳ ଧରି ବିଲକୁ ଯାଏ ଚାଷ କାମ ପାଇଁ । ଖରା ବର୍ଷାକୁ ଖାତିର ନ କରି ନିଜ ଜମିକୁ ଉର୍ବର କରି ସୁନାର ଫସଲ ପଳାଇବା ପାଇଁ ଅହରହ ପ୍ରୟାସ କରିଥାଏ । ସମୟର ପରିବର୍ତ୍ତନ ଫଳରେ ପୁରାତନ ଚାଷ ପଦ୍ଧତିକୁ ଛାଡ଼ି ଆଧୁନିକ ପଦ୍ଧତିରେ ଉନ୍ନତମାନର ବିହନ, କୀଟନାଶକ ଔଷଧ ଓ ରାସାୟନିକ ସାର ପ୍ରୟୋଗ ମାଧ୍ୟମରେ କିପରି କମ୍ ଜମିରେ ଅଧିକ ଫସଲ ଅମଳ କରିପାରିବ ସେଥିପ୍ରତି ଅଧିକ ଦୃଷ୍ଟି ଦେଉଛି ଚାଷୀ । କୃଷି ଉପରେ ନିର୍ଭରଶୀଳ ଓଡ଼ିଶାରେ ଯେତେସବୁ ପର୍ବପର୍ବାଣୀ ରହିଛି ସେସବୁର ମୂଳ ଉତ୍ସ ହେଉଛି କୃଷି । ରଜପର୍ବ ହେଉ ବା ଅଗ୍ନିଉତ୍ସବ, ମାଣବସା ଗୁରୁବାର ଅବା ପଣା ସଂକ୍ରାନ୍ତି ସବୁକିଛି କୃଷିଭିତିକ । କାରଣ କୃଷକର ଖଡ଼ିଛୁଆଁ ଦିବସ ହେଉଛି ଅକ୍ଷୟ ତୃତୀୟା । ଏହି ଦିନ ହିଁ କୃଷିକର ଆଦ୍ୟପର୍ବ ଆରମ୍ଭ ହୋଇଥାଏ । ଶୁଦ୍ଧପୁତ ହୋଇ ଏହିଦିନ ମାହେନ୍ଦ୍ର ବେଳା ଦେଖି ଯେକୌଣସି କାର୍ଯ୍ୟକଲେ ଶୁଭଫଳ ମିଳିଥାଏ । ଦେଶ ଦେଶ ମଧ୍ୟରେ ସୁସମ୍ପର୍କ ରକ୍ଷା କରିବାରେ ମଧ୍ୟ ଚାଷୀ ଅବଦାନ ଅତୁଳନୀୟ । କାରଣ ଆମ ଦେଶରେ ଉତ୍ପାଦିତ ହେଉଥିବା ଦ୍ରବ୍ୟ ପଡ଼ୋଶୀ ରାଷ୍ଟ୍ରକୁ ପଠାଯାଉଥିବା ବେଳେ ପଡ଼ୋଶୀ ରାଷ୍ଟ୍ରରେ ଉତ୍ପାଦିତ ଦ୍ରବ୍ୟ ମଧ୍ୟ ଆମ ଦେଶକୁ ଆସିଥାଏ ଯାହାକୁ ଆମଦାନୀ ଓ ରପ୍ତାନୀ କୁହାଯାଏ । ବେଳେ ବେଳେ କିଛି କୁଟନୈତିକ ଶକ୍ତି ପ୍ରୟୋଗ କରି ଅନେକ ରାଷ୍ଟ୍ର ଆମ ଦେଶକୁ ଦ୍ରବ୍ୟ ରପ୍ତାନୀ କରିବାରେ ଜାଣିଶୁଣି ସମସ୍ୟା ସୃଷ୍ଟି କରନ୍ତି । ଫଳରେ ଦେଶରେ କଳାବଜାରୀ ଓ ଅଭାବୀ ବିକ୍ରି ଦେଖାଦିଏ ଏବଂ ଏଥିପାଇଁ ଚାଷୀ ବହୁ ସମସ୍ୟାର ସମ୍ମୁଖୀନ ହୁଏ, ଯାହାର ପ୍ରଭାବ ଜନସାଧାରଣଙ୍କ ଉପରେ ପଡୁଥିବା ବେଳେ ଏହାର ଫାଇଦା ନେଅନ୍ତି କିଛି ଅସାଧୁ ବ୍ୟବସାୟୀମାନେ । ତେବେ ଯେଉଁ କୃଷକ ଦିନ ରାତି ପରିଶ୍ରମ କରି ନିଜ ରକ୍ତକୁ ପାଣି କରି ଦେଶକୁ ଖାଦ୍ୟଶସ୍ୟ ଯୋଗାଉଛି, ସେହି କୃଷକ ଏବେ ଘୋର ସଙ୍କଟ ଦେଇ ଗତିକରୁଛି ଓ ଚାଷର ଭବିଷ୍ୟତ ମଧ୍ୟ ଅନ୍ଧାରରେ । ସେହିପରି କୃଷକର ପ୍ରଧାନ ପର୍ବ ଅକ୍ଷୟ ତୃତୀୟା । ଏହି ପବିତ୍ର ଦିନରେ କୃଷକମାନେ ବଡ଼ିଭୋରରୁ ଅଖିମୁଠି ଅନୁକୂଳ କରି ନିଜ କ୍ଷେତରେ ବିହନ ବୁଣି ପ୍ରଥମେ ଚାଷ ଆରମ୍ଭ କରିଥାଏ । ଯେଉଁ ଚାଷକୁ ଅମଳ କରି କୃଷକଭାଇମାନେ ସାରା ଦେଶକୁ ଖାଦ୍ୟ ଯୋଗାଇଥାଏ । କିନ୍ତୁ ବଡ଼ ଦୁଃଖ ଓ ପରିତାପର ବିଷୟ ଏହି ପବିତ୍ର ଦିନକୁ ଛୁଟି ଘୋଷଣା କରିବାକୁ କୃଷକଭାଇମାନେ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ ନ କରିବା କୃଷକମାନଙ୍କୁ ଗଭୀର ଭାବେ ବ୍ୟଥିତ କରିଛି । କାରଣ କୃଷକ ଆଜି ଉପଯୁକ୍ତ ପ୍ରୋତ୍ସାହନରୁ ବଂଚିତ । ଯଦି ଚାଷୀକୁ ଉପଯୁକ୍ତ ପ୍ରୋତ୍ସାହନ ସହିତ ଆବଶ୍ୟକୀୟ ସାମଗ୍ରୀ ଯୋଗାଇ ଦିଆଯାଇପାରିବ, ତେବେ ଜଣେ ଚାଷୀ ଭଲ ଫସଲ ଉତ୍ପାଦନ କରିପାରିବ ଓ ଚାଷ କାର୍ଯ୍ୟ କରିବାକୁ ଆଗ୍ରହ ପ୍ରକାଶ କରିବ । କିନ୍ତୁ ଉପଯୁକ୍ତ ପ୍ରୋତ୍ସାହନର ରାଶି ସାଙ୍ଗକୁ ଆବଶ୍ୟକୀୟ ସାମଗ୍ରୀ ଅଭାବରୁ ଫସଲରେ କ୍ଷତି ଘଟୁଛି ଏବଂ ଚାଷୀ ଆତ୍ମହତ୍ୟା କରୁଛି । ସେହିପରି ଦୈବ ଦୁର୍ବିପାକ ଘଟଣା ପାଇଁ ମଧ୍ୟ ଚାଷ କ୍ଷେତ୍ରରେ ଅନେକ ସମସ୍ୟା ସୃଷ୍ଟି ହେଉଛି । 'ଜଳ ବିହୁନେ ସୃଷ୍ଟି ନାଶ, ଜଳ ବହୁଲେ ସୃଷ୍ଟି ନାଶ' । ଜଳସେଚନ ପ୍ରତି ଯଥେଷ୍ଟ ପ୍ରାଧାନ୍ୟ ଦିଆ ନଯିବାରୁ ଜଳ ସଙ୍କଟରୁ ଚାଷୀ ମରୁଡ଼ିର ସମ୍ମୁଖୀ ହେଉଛି ଓ



ଅତ୍ୟଧିକ ବୃଷ୍ଟିବାତ ଓ ବନ୍ୟା ଫଳରେ କ୍ଷେତରେ ଦୀର୍ଘଦିନ ପର୍ଯ୍ୟନ୍ତ ପାଣି ଜମି ରହିବା ଫଳରେ ଫସଲ ପଚି ନଷ୍ଟ ହୋଇଯାଉଛି । ଫଳରେ ଚାଷୀଟି ଋଣ କରି ଚାଷରେ ଲଗାଇଥିବା ପୁଞ୍ଜି ଶୁଝି ନପାରି ଆତ୍ମହତ୍ୟା କରୁଛି । ଆମ ଦେଶରେ ସରକାରୀ ପଦପଦବୀରେ ଅବସ୍ଥାପିତ ବଡ଼ ବଡ଼ ଅଫିସରଙ୍କ ଠାରୁ ଆରମ୍ଭ କରି ତଳିଆ କର୍ମଚାରୀ କିରାଣୀ ଓ ପିଅନ ପର୍ଯ୍ୟନ୍ତ ନିଜର ଚାକିରୀ କାଳ ମଧ୍ୟରେ ନିଜର କର୍ତବ୍ୟ ଓ କାର୍ଯ୍ୟଦକ୍ଷତା ତୁଳନାରେ ଢେର ଅଧିକ ଦରମା ପାଇବା ସହିତ ସରକାରୀ ସୁବିଧା ଯଥା ମାଗଣା ଘର, ଗାଡ଼ି, ସ୍ୱାସ୍ଥ୍ୟ ସେବା, ଇପିଏଫ୍ ଓ ଇଏସ୍‌ଆଇ ଇତ୍ୟାଦି ସୁବିଧା ପାଉଛନ୍ତି ଏବଂ ଅବସର ପରେ ସାରା ଜୀବନ ପେନ୍‌ସନ ପାଇ ସୁଖ ସ୍ୱାଚ୍ଛନ୍ଦରେ ଜୀବନ ଅତିବାହିତ କରୁଛନ୍ତି । ସେହିପରି ରାଜନୀତି କ୍ଷେତ୍ରରେ ଜନପ୍ରତିନିଧି ମାନେ ମାତ୍ର ୫ ବର୍ଷ ପାଇଁ ନିର୍ବାଚିତ ହେଉଥିଲେ ମଧ୍ୟ ପା□ ବର୍ଷ ମଧ୍ୟରେ ନିଜର ମୋଟା ଅଙ୍କର ଦରମା ସହିତ ଅସାଧୁ ଉପାୟରେ ପ୍ରଚୁର କଳାଧନ ଠୁଳ କରି ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ପେନ୍‌ସନ ପାଇ ଜୀବନ ଅତିବାହିତ କରନ୍ତି ଏବଂ ପାରିବାରିକ ରାଜନୀତିକୁ ଆପଣେଇ ନିଜେ ରାଜନୀତିରୁ ଦୂରେଇ ରହି ନିଜ ପୁଅ, ଝିଅଙ୍କୁ ସୁଯୋଗ ଦେଇ ଟଙ୍କାର ପାହାଡ଼ ସୃଷ୍ଟିକରି ଚାଲନ୍ତି ବହୁ ବିଳାସପୂର୍ଣ୍ଣ ଅଟ୍ଟାଳିକାର ମାଲିକ ବନୁଥିବା ବେଳେ ଚାଷୀଟି ନିଜ କ୍ଷେତରୁ ଚାଷକାର୍ଯ୍ୟ ସାରି ଘରକୁ ଫେରିଲା ପରେ ଘରେ ରୋଷେଇ କରିବା ପାଇଁ ସଉଦା ନଥିବା ବେଳେ ଅର୍ଥ ଅଭାବରୁ ପୁଅର ପାଠପଢାରେ ଡ଼ୋରୀ ବନ୍ଧା ହେଉଛି, ଋଣ ପରିଶୋଧ କରିନପାରିବାରୁ ଗାଁ ସାହୁକାରଙ୍କ ଜୁଲମ୍ ଚାଷୀକୁ ଆତ୍ମହତ୍ୟା କରିବାକୁ ଏକ ପ୍ରକାର ବାଧ୍ୟ କରୁଛି, ପରିବାରର ଆର୍ଥିକ ସ୍ଥିତିକୁ ହୃଦୟଙ୍ଗମ କରି ଚଷା ପୁଅ ଝିଅମାନେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି । ନେତା, ମନ୍ତ୍ରୀମାନେ ସେମାନଙ୍କ ଝିଅ ବାହାଘରରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଚର୍ଚ୍ଚାକୁ ଆସୁଥିବା ବେଳେ ଜଣେ କୃଷକ ନିଜ ଝିଅ ବାହାଘର ପାଇଁ ଅର୍ଥ ଅଭାବରୁ ଘରର ପଟ୍ଟା ପାଉତି ଗାଁ ସାହୁକାର ପାଖରେ ବନ୍ଧା ପକାଇଲାଣି ତ ଆଉ କେଉଁଠି ତାର ଅତି ଆପଣାର ସାଥୀ ନିଜର ବଳଦକୁ ବିକିବାକୁ ବାଧ ହେଉଛି । ଅପର ପକ୍ଷରେ ଆଧୁନିକ ଯନ୍ତ୍ରପାତିର ବହୁଳ ବ୍ୟବହାର ଚାଷୀ ପ୍ରତି ଶକ୍ତ ଧକ୍କା ଲାଗିଛି । ଫଳରେ ଚାଷରେ ଉନ୍ନତି ଘଟିଛି ସତ, ମାତ୍ର ଚାଷୀ କିନ୍ତୁ ରସାତଳକୁ ଗତି କରୁଛି । ଟ୍ରାକ୍ଟରର ବ୍ୟବହାର ଯୋଗୁ ଚାଷୀ ତାର ବଳଦ ଓ ଲଙ୍ଗଳ ସାହାଯ୍ୟରେ ଜମିକୁ ଚାଷ କରି ଦି'ପଇସା ରୋଜଗାର କରି ନିଜର ପରିବାର ଭରଣ ପୋଷଣ କରୁଥିଲା ସେ ବାଟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି । ଆଉ ହଳ ଲଙ୍ଗଳ କ୍ଷେତରେ ଦେଖିବାକୁ ମିଳୁନାହିଁ, ବଳଦ ଏବେ ଅଦରକାରୀ ହୋଇଯାଇଛି ଏବଂ ଲଙ୍ଗଳ ଘରେ ରହି ରହି କିଛିଦିନ ପରେ ନଷ୍ଟ ହୋଇଯାଉଛି । ସେହିପରି ଧାନ ରୁଆ ସମୟରେ ଚାଷୀ ତାର ସ୍ତ୍ରୀ ଓ ପିଲାଙ୍କୁ ଧରି ଧାନ ରୋଇ କିଛି ରୋଜଗାର କରି ଭବିଷ୍ୟତ ପାଇଁ ସ□ୟ କରୁଥିବା ବେଳେ ଏବେ ସେ ସ୍ଥାନ ପୂରଣ କରିଛି ଧାନରୁଆ ମେସିନ୍, ଯାହା ଫଳରେ କିଛି ଶିଳ୍ପ ପ୍ରତିଷ୍ଠାନ ଓ ଟ୍ରାକ୍ଟର ମାଲିକମାନେ ମାଲେମାଲ ହେଉଛନ୍ତି । ସେହିପରି ପ୍ରଶାସନିକ ଅଧିକାରୀ, ଜମି ମାଫିଆ ଓ ଦଲାଲମାନଙ୍କ ମିଳିତ ଚକ୍ରାନ୍ତରେ ଚାଷ ଜମିର କିସମ ପରିବର୍ତ୍ତନ କରାଯାଇ ଘରବାରିରେ ପରିଣତ କରାଯାଉଛି । ଫଳରେ ଏହି ଜମି ଦଲାଲ ଓ ମାଫିଆ ମାନେ ଚାଷୀଙ୍କୁ ଧମକ ଚମକ ଦେଇ ସେମାନଙ୍କ ଜମିକୁ ଶାଗମାଛ ଦରରେ କିଣି ତାକୁ ପ୍ଲଟିଂ କରି, ଘରବାରି ଦର୍ଶାଇ ଗୋଟିଏ ଜମିକୁ ଏକାଧିକ ଲୋକଙ୍କୁ ଚଢା ଦରରେ ବିକ୍ରି କରୁଛନ୍ତି ଓ ଆଉ କିଛି ଜମି ଚଢା ଦର କାରଣରୁ ପଡ଼ିଆ ହୋଇ ପଡ଼ିରହୁଛି । ଫଳରେ ଚାଷୀ ଅନେକ କ୍ଷତି ସହୁଥିବା ବେଳେ ଚାଷରେ ବାଧା ସୃଷ୍ଟି ହେଉଛି ଓ 'ଜୟ ଯବାନ ଜୟ କିଷାନ' ଆଜି 'ଜୟ ଯବାନ ଜୟ ପ୍ରଶାସନ'ରେ ପରିଣତ ହୋଇଛି । କୃଷକମାନଙ୍କୁ ସମ୍ମାନ ଦେବା ଓ ସେମାନଙ୍କ ମନୋବଳ ବୃଦ୍ଧି କରିବା ଉଦ୍ଦେଶ୍ୟରେ ୨୦୦୫ ମସିହାରେ ସମାଜସେବୀ ତଥା ଉଦୀୟମାନ ଯୁବକ ପ୍ରତାପ କୁମାର ସାହୁ ନିଜ ଗ୍ରାମ କଟକ ଜିଲ୍ଲା ମାହାଙ୍ଗା ଥାନା ଅନ୍ତର୍ଗତ ବରାହିଁପୁର ପ□ାୟତର ମଣିଜୋରୀ ଗ୍ରାମରେ ଭାରତର ସର୍ବପ୍ରଥମ କୃଷକ ମନ୍ଦିର ପ୍ରତିଷ୍ଠା କରିଥିଲେ । ବିପ୍ଳବୀ କବି ରବି ସିଂ ଓ ପ୍ରାକ୍ତନ ସାଂସଦ ମୋହନ ଜେନା ଏହି କୃଷକ ମନ୍ଦିରକୁ ଉଦ୍‌ଘାଟନ କରିଥିଲେ । ସେହିଦିନ ଠାରୁ ପ୍ରତିବର୍ଷ କୃଷକ ମାନଙ୍କର ପବିତ୍ର ଉତ୍ସବ 'ଅକ୍ଷୟ ତୃତୀୟ' ଦିନ ଉକ୍ତ କୃଷକ ମନ୍ଦିରରେ ହୋମଯଜ୍ଞ କରାଯିବା ସହ ହଳ ପ୍ରତିଯୋଗିତା, ଗାଈ ଗୋରୁମାନଙ୍କ ପାଇଁ ସ୍ୱାସ୍ଥ୍ୟସେବା ପାଇଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଥାଏ । ସେଠାରେ କୃଷକମାନଙ୍କୁ ଉତ୍ସାହିତ କରିବା ପାଇଁ ହଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ ଓ କୃତି କୃଷକ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହିତ ମାନପତ୍ର ପ୍ରଦାନ କରାଯାଇଥାଏ । ଦେଶରେ ସମୁଦାୟ ଚାଷୀମାନଙ୍କ ମଧ୍ୟରୁ ଅଶୀ ଭାଗ ହେଉଛନ୍ତି କ୍ଷୁଦ୍ର ବା ନାମମାତ୍ର ଚାଷୀ । କୃଷି ଦେଶର ପଚାଶଭାଗ ଲୋକଙ୍କୁ କର୍ମନିଯୁକ୍ତି ଯୋଗାଉଥିଲା ବେଳେ ସେମାନଙ୍କୁ ଅବହେଳା କରିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା । ଅନେକ ଧାନଚାଷୀ, ମୁଗ ଚାଷୀ, ଆଖୁଚାଷୀଙ୍କ ଭଳି ଆହୁରି ଅନେକ ଚାଷୀ ଏବେ ବି ସରକାରୀ ସାହାଯ୍ୟ ସୁବିଧାକୁ ଚାହିଁ ବସିଛନ୍ତି । ଆଧୁନିକ ଜ୍ଞାନକୌଶଳ, ଉନ୍ନତମାନ ବିହନର ଅଭାବ ସହିତ ଜଳସେଚନର ସୁବିଧା, ବିଶେଷକରି ପାଣିପାଗ ସମ୍ବନ୍ଧୀୟ ତଥ୍ୟ ପ୍ରଦାନରେ ବିଫଳତା, ବ୍ୟାଙ୍କମାନଙ୍କ ତରଫରୁ ଋଣ ପ୍ରଦାନରେ ଅବହେଳା, ଗାଁ ସାହୁକାରର କୃଷକମାନଙ୍କ ପ୍ରତି ଜୁଲମ, ଉତ୍ପାଦିତ ଦ୍ରବ୍ୟର କ୍ରୟ ବିକ୍ରୟ ପାଇଁ ସ୍ଥାନ ଚିହ୍ନଟ ନ କରିବା, ଭାଗଚାଷୀମାନଙ୍କୁ ଚିହ୍ନଟ ପ୍ରକ୍ରିୟାରେ ଜାଣିଶୁଣି ଅବହେଳା କରିବା, ଉତ୍ପାଦିତ ଦ୍ରବ୍ୟକୁ ସୁରକ୍ଷିତ ରଖିବା ପାଇଁ ଆବଶ୍ୟକ ଶୀତଳ ଭଣ୍ଡାର ପ୍ରତିଷ୍ଠା ନକରିବା କାରଣରୁ ଚାଷୀ ଆଜି ଦେଶର ଅନ୍ନଦାତା ହୋଇଥିଲେ ମଧ୍ୟ ତାର ଅଭାବ ଦେଖାଦେଇଛି । ଏଥିପାଇଁ ଚାଷୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ପାଣ୍ଠି ଗଠନ କରାଯାଇ ସେମାନଙ୍କୁ ଅନ୍‌ଲାଇନ ମାଧ୍ୟମରେ ପଞ୍ଜିକରଣ କରିବା, ପ୍ରତିରାଜ୍ୟ ଓ ଜିଲ୍ଲାରେ କୃଷି ଗବେଷଣା କେନ୍ଦ୍ର ଖୋଲାଯାଇ ଆଧୁନିକ ଜ୍ଞାନ କୌଶଳ ମାଧ୍ୟମରେ ସେମାନଙ୍କୁ ତାଲିମ୍ ଦେବା, ବୃଷ୍ଟି ଜଳକୁ ସଂରକ୍ଷତି ରଖି ତାକୁ ଚାଷ ସମୟରେ ଠିକ ଭାବେ ବିନିଯୋଗ କରିବା, ବହୁ ପାରିମାଣରେ ଶୀତଳ ଭଣ୍ଡାର ନିର୍ମାଣ କରି ଉତ୍ପାଦିତ ଦ୍ରବ୍ୟସବୁକୁ ସୁରକ୍ଷିତ ରଖିବା ସହିତ ଗରିବ କୃଷକଙ୍କ କଲ୍ୟାଣ ନିମନ୍ତେ ସରକାରଙ୍କ ତରଫରୁ ଏକ କୃଷକ କଲ୍ୟାଣ ପାଣ୍ଠି ଗଠନ କରାଯାଇ ଦୈବୀ ଦୁର୍ବିପାକ ଓ ଅତ୍ୟାବଶ୍ୟକ ସମୟରେ ଏହି ପାଣ୍ଠିର ସୁବିନିଯୋଗ କରିବା, ଚାଷ କ୍ଷେତ୍ରରେ କୃଷକମାନଙ୍କୁ ଉତ୍ସାହିତ କରିବା ପାଇଁ ଅକ୍ଷୟ ତୃତୀୟାକୁ ସରକାରୀ ଭାବେ ଛୁଟି ଘୋଷଣା କରିବା, ସରକାରୀ ପଦାଧିକାରୀଙ୍କ ଭଳି କୁଶଳୀ ତଥା ଅଭିଜ୍ଞ ଚାଷୀମାନଙ୍କୁ ପୁରସ୍କୃତ କରାଯିବା ସହିତ ସରକାରୀ କର୍ମଚାରୀଙ୍କ ଭଳି କୃଷକମାନଙ୍କ ପାଇଁ ପେନ୍‌ସନ ବ୍ୟବସ୍ଥା ଲାଗୁ କରାଯାଏ, ତେବେ ଯାଇ ଚାଷୀର ସବୁ ସମସ୍ୟା ଦୂର ହୋଇପାରନ୍ତା ଓ ଚାଷୀମାନଙ୍କୁ ଆଉ ଆତ୍ମହତ୍ୟା କରିବାକୁ ପଡ଼ନ୍ତା ନାହିଁ ।

*କଂଟି, ବାହାରଣା, ବାଲିକୁଦା, ଜଗତସିଂହପୁର*

## ବିଦାୟ ନେଇଛି ବସନ୍ତ.....

◆ ରାମଚନ୍ଦ୍ର ବେହେରା

ବିଦାୟ ନେଇଛି ଅପୂର୍ବ ବସନ୍ତ
ନିଦାଘ ଆସିଛି ଡହକୁ ନେଇ
କୋଇଲିର ମିଠା କୁହୁକୁହୁ ତାନ
ଆଉ ଶୁଭିବନି ବର୍ଷକ ପାଇଁ
ପାଣି ଟୋପେ ପାଇଁ ପ୍ରାଣୀଜଗତ
ଡହଳ ବିକଳ ହେବେ ଦିବା ନିଶି
ଝାଳ ବୋହୁଥିବ ଅନବରତ ।
ମଳୟ ସମୀର ଝାଂଜି ରୂପ ନେବ
ଅସ୍ତବ୍ୟସ୍ତ ହେବ ଜୀବନ ସ୍ରୋତ
ଅଂଶୁଘାତ ଭୟ ପରାଣେ ଜାଗିବ
ଶୂନଶାନ୍ ହେବ ସଡକପଥ
ପଂଖା ପବନବି ନଦେବ ଶାନ୍ତି
ଗାଆଁ ବରଗଛ ସରାଗେ ଡାକିବ
ତା'ମୂଳେ ବସିଲେ ମିଳିବ ତୃପ୍ତି ।
ବନ୍ୟ ଜନ୍ତୁଂକର ଆକୁଳ ଚିତ୍କାର
ଭାସି ଆସୁଥିବ ଦୂର ବନରୁ
ବିହଂଗ ମାନଂକ ମିଠା କଳରବ
ନଶୁଭିବ ଆଉ କାହା କାନକୁ
ବିକଟାଳ ରୂପ ନେବ ଗ୍ରୀଷମ
ଧୂଳି ଧୂସରିତ କରିବ ଧରାକୁ
ତାପ ବଢି ବଢି ହେବ ବିଷମ ।
ଦୁଇମାସ କାଳ ଦେବ ସେ ଯାତନା
ମାରିବ କୀଟାଣୁ ଢାଳି ତପତ
ଅନାବନା ଗଛ ଜାଳିପୋଡି ସିଏ
ସାଜିବ କୃଷକ ପରମ ମିତ୍ର
ହସି ହସି ସିଏ ନେବ ବିଦାୟ
ଧରଣୀ ମାଆକୁ ସଜେଇବା ପାଇଁ
ମାଟି ଓ ମେଘର ହେବ ପ୍ରଣୟ ।
ବୈଶାଖରେ ହେବ ଚନ୍ଦନ ଯାତରା
ଜ୍ୟୈଷ୍ଠେ ରଜସ୍ୱଳା ହେବ ଧରଣୀ
ବାଦଲକୁ ଧରି ମୌସୁମୀ ଆସିବ
ସବୁଜ ଦିଶିବ ଦୂର ବନାନୀ
ସୁଖ ଦୁଃଖ ଭରା ଏହି ସଂସାର
ଅତିଥି ପରାଏ ଦୁଃଖ ଲୁଚିଯିବ
ଖୁସିର ସମୀର ଛୁଇଁବ ଦ୍ୱାର ।

*ତେନ୍ତୁଳିପଦା, ଜଗତସିଂହପୁର, ମୋ-୭୩୫୫୬୩୪୩୪୬*



# ଚାଷ ଅନୁକୂଳର ପବିତ୍ର ଦିନ

◆ ଦଶରଥ ହେମ୍ବ୍ରମ୍

ଜଗତରନାଥ ଶ୍ରୀଜଗନ୍ନାଥ ହେଉଛନ୍ତିଓଡ଼ିଶାର ଇଷ୍ଟଦେବତା, ଓଡ଼ିଆଜାତିର ସର୍ବସ୍ୱ ।ତାଙ୍କ ବିନାଓଡ଼ିଆର କୌଣସି ପରିଚୟ ନାହିଁ କହିଲେ ହୁଏତଭୁଲ ହେବ ନାହିଁ ।ତାଙ୍କୁ ଆଧାରକରି ଅନେକ କିଛି ପର୍ବ ଆମଓଡ଼ିଶାରେ ଅନୁଷ୍ଠିତହୁଏ । ଆଉକିଛି ପର୍ବ ହେଉଛି କୃଷିଭିତିକ । କୁହାଯାଏ, ପର୍ବ ପାଇଁଓଡ଼ିଶା ଗର୍ବିତ, ବାରମାସରେତେର ପର୍ବ ।ବର୍ଷ ଆରମ୍ଭରୁ ଆଦ୍ୟମାସରେ ପର୍ବ ପାଳନ ହୁଏ ଅନୁକୂଳର ପବିତ୍ରତିଥି ଆକ୍ଷୟତୃତୀୟା । ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟାରେଏହି ପର୍ବ ପାଳନ ହୁଏ ।ଗରିବହୁଅନ୍ତୁ ବା ଧନୀ ଏହି ଦିନ ଶୁଭତିଥି ମନେକରିଗୃହନିର୍ମାଣ, ନିର୍ବନ୍ଧ, ବିବାହ, ଉପନୟନ ପ୍ରଭୃତିକାର୍ଯ୍ୟ ଆରମ୍ଭ କରିଥାନ୍ତି ଏବଂସେଥିରେ ସୁଫଳ ପ୍ରାପ୍ତ ହୁଏବୋଲିସମସ୍ତଙ୍କ ବିଶ୍ୱାସ ।ସ୍ନାନ, ଜପ, ତପସ୍ୟା, ଯଜ୍ଞ, ଆତ୍ମଅଧ୍ୟୟନ ଏବଂ ଦାନ ଇତ୍ୟାଦି ଏହିଦିନରେକରିଲେ ଶ୍ରେଷ୍ଠ ଫଳ ମିଳିଥାଏବୋଲି ଧାରଣାରହିଛି । ଆହୁରିବିଶ୍ୱାସକରାଯାଏ, ଏହି ଦିନ ପୂଜାକଲେମା' ଲକ୍ଷ୍ମୀଙ୍କ ଆଶୀର୍ବାଦ ମିଳିବାସହସୁଖ, ସମୃଦ୍ଧି ଓ ମହିମା ଆଜୀବନ ରହିଥାଏ । ପବିତ୍ର ଅକ୍ଷୟତୃତୀୟାକୁମା' ଲକ୍ଷ୍ମୀଙ୍କ ଦିନ କୁହାଯାଏ ।ସୁନାକୁ ଦେବୀଲକ୍ଷ୍ମୀଙ୍କ ପ୍ରତୀକ ରୂପରେବିବେଚନା କରାଯାଏ । ଏଥିପାଇଁଏହି ଦିନରେଲୋକମାନେ ସୁନାଗହଣାକିଣିବାକୁ ପସନ୍ଦ କରିଥାନ୍ତି, ଏହା ଦ୍ୱାରାଘରେ ଧନ, ସମୃଦ୍ଧିଏବଂସକାରାତ୍ମକଶକ୍ତି ପ୍ରବେଶ ହେବାର ସଙ୍କେତ ମିଳିଥାଏ । ବିଶ୍ୱାସକରାଯାଏ, ପବିତ୍ର ଅକ୍ଷୟତୃତୀୟାରେ କିଣାଯାଇଥିବା ସୁନାକେବେବିମୂଲ୍ୟହ୍ରାସକରେ ନାହିଁବରଂଏହାବୃଦ୍ଧି ପାଇଥାଏ, ଯାହାସମୟସହିତଶୁଭ ଫଳ ଆଣିଥାଏ ।ତେଣୁ ସୁନା, ଅଳଙ୍କାରକିମ୍ବା ଧାତୁବାସନ ଏହିଦିନରେକିଣିବା ଅତ୍ୟନ୍ତ ଶୁଭପ୍ରଦ ହୋଇଥାଏ ।ଏହାବ୍ୟତୀତ, ଅକ୍ଷୟତୃତୀୟାକୁ 'ଅବୁଝମୁହୂର୍ତ୍ତ' ଭାବେଜଣାଯାଏ, ଅର୍ଥାତ୍‌ଏହି ଦିନ ବିବାହ ଭଳିକୌଣସି ଶୁଭସମୟ ଖୋଜିବାର ଆବଶ୍ୟକତା ନାହିଁ ।ମାନ୍ୟତା ଅଛି, ଏହି ଦିନ ସମସ୍ତଙ୍କ ଜୀବନରେଉ□ମଭାଗ୍ୟ ଏବଂସଫଳତା ଆଣିଥାଏ । ଏଥିପାଇଁଲୋକମାନେ ଜମି ସମ୍ବନ୍ଧୀୟକାର୍ଯ୍ୟ, ସେୟାରମାର୍କେଟରେ ନିବେଶଏବଂ ନୂତନ ବ୍ୟବସାୟ ଆରମ୍ଭ କରିବା ପାଇଁଇଚ୍ଛା ପ୍ରକଟକରିଥାନ୍ତି । ନାମକରଣ ଅନୁଯାୟୀ, ଏହି ଦିନରମହତ୍ୱ ହେଲା ମନୁଷ୍ୟସମାଜରେସୁଖ, ସମୃଦ୍ଧିର ଆରମ୍ଭ ହେଉକିନ୍ତୁତାହା ଅକ୍ଷୟରହୁ । ଓଡ଼ିଶା ହେଉଛି କୃଷିପ୍ରଧାନ ରାଜ୍ୟ । କୃଷିହେଉଛିକୃଷକର ପରିଚୟ ଓ ଜୀବନ-ଜୀବିକା, ଯାହାକୃଷକର ଅସ୍ମିତା ମଧ୍ୟ କହିପାରିବା ।ଏହି ଦିନରେ ମାଟିମାଆଙ୍କୁ ପୂଜାକରିକୃଷକ ମାନେ କ୍ଷେତରେ ଅଖିମୁଠି ଅନୁକୂଳକରିକୃଷିକାର୍ଯ୍ୟର ଶୁଭାରମ୍ଭ କରିଥାନ୍ତି ।ଚାଷୀ ନିଜ ଧର୍ମପତ୍ନୀଠାରୁହଳଦୀ, ଚନ୍ଦନ, ସିନ୍ଦୂରବୋଳା ଧାନ ବିହନପୂର୍ଣ୍ଣ ନୂଆଗଉଣିକୁଶଙ୍ଖହୁଳହୁଳିମଧ୍ୟରେ ମୁଣ୍ଡରେ ଥୋଇଏବଂ ଅନ୍ୟ ଏକ ନୂତନ ଟୋକେଇରେ ପିଠାନେଇ ହଳଲଙ୍ଗଳ ଧରିକ୍ଷେତକୁ ଯାଏ ।ସେଠାରେମାଆବିଶ୍ୱଧାତ୍ରୀ ପୃଥିବୀଏବଂମା' ମହାଲକ୍ଷ୍ମୀବା ଅନ୍ନପୂର୍ଣ୍ଣା ତଥା ଅନ୍ୟ ଦେବଗଣଙ୍କ ଉଦ୍ଦେଶ୍ୟରେ ଜମିରଈଶାନ୍ୟକୋଣବାଉ□ର-ପୂର୍ବକୋଣରେ ଭୋଗଗୁଡ଼ିକୁ ସମର୍ପଣକରାଯାଏ । ପରେ ଏକ ଗାତଖୋଳିପୋତି ଦିଆଯାଏଏବଂଚାଷୀଟି ଏହି ଅମୃତବେଳାରେ ପ୍ରଥମେତାଙ୍କରକ୍ଷେତରେ ହଳବୁଲାଇଥାଏ ଏବଂମୁଠାମୁଠାବିହନ କିଆରୀରେବୁଣେ ।ଏହାକୁ ଅଖିମୁଠିକହନ୍ତି । ଏଥିସହ ଧରିତ୍ରୀମାତା ଓ ଭୂମିଜାଙ୍କର ଆର୍ଶୀବାଦ ଭିକ୍ଷା ମଧ୍ୟ କରିଥା'ନ୍ତି ।ବିଶ୍ୱାସରହିଛି, ଏହିଦିନ ଯିଏ ଅଖିମୁଠି ଅନୁକୂଳକରି ଧାନକ୍ଷେତରେ ଚାଷକରିଥାନ୍ତି ବର୍ଷସାରାତାଙ୍କର ଧନସମ୍ପଦର ଅଭାବର ହେନାହିଁଏବଂ ଧାନ ପ୍ରଚୁର ପରିମାଣରେ ଫଳିଥାଏ । ସଧବାସ୍ତ୍ରୀମାନେ ଏହି ଦିନରେ 'ଷଠିଦେବୀ'ଙ୍କ ପୂଜାକରନ୍ତି । ଶ୍ରୀଜୀଉମାନଙ୍କର ରଥଯାତ୍ରା ପାଇଁଏହି ପବିତ୍ର ଦିନରେ ରଥକାଠର ଅନୁକୂଳ ହୋଇଥାଏ । ମହାପ୍ରଭୁଙ୍କୁ ରଥରେ ବୁଲାଇନେବା ପାଇଁବସନ୍ତ ପ□ମୀରେଯେଉଁ ରଥକାଠ ଅନୁକୂଳହୋଇଥାଏ, ଶ୍ରୀରାମ ନବମୀରେ ଯେଉଁ ରଥକାଠଚିରା ଯାଇଥାଏଏବଂସେଥିରେ ପବିତ୍ର ଅକ୍ଷୟତୃତୀୟା ଦିନ ରଥ ନିର୍ମାଣରଶୁଭାରମ୍ଭ ସମ୍ପନ୍ନ ହୁଏ ।ଶ୍ରୀଜଗନ୍ନାଥ ସଂସ୍କୃତିବା ଧାର୍ମିକ ପରମ୍ପରା ଅନୁସାରେ, ଏହି ଦିନ ଓଡ଼ିଆଙ୍କଇଷ୍ଟଦେବ ଶ୍ରୀଜଗନ୍ନାଥଙ୍କ ୪୨ ଦିନ ବ୍ୟାପିଚାଲିବାକୁ ଥିବା ଚନ୍ଦନ ଯାତ୍ରାରଶୁଭାରମ୍ଭ ହୁଏ ।ଏହି ଦିନଠାରୁଜ୍ୟେଷ୍ଠ କୃଷ୍ଣ ଅଷ୍ଟମୀ ପର୍ଯ୍ୟନ୍ତ ୨୧ଦିନ ନରେନ୍ଦ୍ର ପୁଷ୍କରଣୀରେ ବାହାର ଚନ୍ଦନଯାତ୍ରାରୂପେ ଓ ପରବର୍ତୀ ୨୧ଦିନ (ଜ୍ୟୈଷ୍ଠଶୁକ୍ଳଚତୁର୍ଦ୍ଦଶୀ) ପର୍ଯ୍ୟନ୍ତ ଶ୍ରୀମନ୍ଦିରରେଭିତର ଚନ୍ଦନ ରୂପେ ପାଳିତ ହୋଇଥାଏ । ଶାସ୍ତ୍ର ଅନୁସାରେ, ଏହି ପବିତ୍ର ଅକ୍ଷୟତୃତୀୟା ଦିନରେମର୍ତ୍ତ୍ୟପୃଷ୍ଠରେ ପତିତପାବନୀଗଙ୍ଗାଙ୍କର ଆବିର୍ଭାବହୋଇଥିଲା । ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁଏହିଦିନ ଅକ୍ଷୟ ପାତ୍ର ପ୍ରଦାନ କରିଥିଲେ, ଯେଉଁ ଅକ୍ଷୟ ପାତ୍ର ଦ୍ୱାରାସେମୁନି ଦୁର୍ବାସାଏବଂତାଙ୍କର ସମସ୍ତଶିଷ୍ୟ ମାନଙ୍କୁ ଆତିଥ୍ୟ ପ୍ରଦାନ କରିଥିଲେ । ଆହୁରିକୁହାଯାଏ, ଏହିଦିନ ସୁଦାମା ନିଜରବାଲ୍ୟବନ୍ଧୁ ଶ୍ରୀକୃଷ୍ଣଙ୍କୁ ଦ୍ୱାରକାରେ ଭେଟିଥିଲେଏବଂ ଅମାପ ଧନସମ୍ପତିର ଅଧିକାରୀ ହୋଇଥିଲେ । ପରଂବ୍ରହ୍ମଙ୍କରଷଷ୍ଠ ଅବତାର ପର୍ଶୁରାମଙ୍କର ମର୍ତ୍ତ୍ୟମଣ୍ଡଳରେ ଆବିର୍ଭାବ ହୋଇଥିଲା । ଏହିକାରଣରୁ ଅକ୍ଷୟତୃତୀୟା ଦିନ ଭଗବାନ ବିଷ୍ଣୁଙ୍କ ଉପାସନା କରିବା ସହିତ ଭଗବାନ ପର୍ଶୁରାମଙ୍କ ପୂଜାକରିବାରବିଧି ରହିଛି ।ଏହି ଦିନରେସତ୍ୟ ଯୁଗ ଓ ତ୍ରେତୟା ଯୁଗର ଆରମ୍ଭ ହୋଇଥିଲା ଏବଂ ମୁନୀ ବେଦବ୍ୟାସଙ୍କ ତତ୍ତ୍ୱାବଧାନରେ ଗଜାନନ ଶ୍ରୀଗଣେଶ ଭାରତରମହାନଗାଥା ତଥା 'ମହାଭାରତ'ର ଲେଖାଶୁଭାରମ୍ଭ କରିଥିଲେ । ମହାକବିଜୟଦେବ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଗୀତଗୋବିନ୍ଦ ରଚନା ମଧ୍ୟ ଏହିଦିନ ଆରମ୍ଭ କରିଥିଲେ । ବଦ୍ରିନାଥ ଧାମ, ଗଙ୍ଗୋତ୍ରୀ ଓ ଯମୁନୋତ୍ରୀ ମନ୍ଦିରବର୍ଷକରେ ଥରଟିଏ ଖୋଲାଯିବାରବିଧାନ ରହିଛି ।ସବୁଠାରୁମାହାତ୍ମ୍ୟ କଥା ହେଲା, ଦିବଙ୍ଗତ ଆତ୍ମାଙ୍କୁ ସମ୍ମାନ ଜଣାଇବା ପାଇଁଏହିଦିନ ପୂଜା କରାଯାଏ । ତେଣୁଏହାମୃତ ପ୍ରିୟଜନଙ୍କ ପାଇଁସ୍ମରଣର ଦିନ ମଧ୍ୟ କୁହାଯାଏ ।ଏହିଭଳିଭାବେ ଅନେକକିମ୍ବଦନ୍ତୀ ସହିତଜଡ଼ିତ ଅକ୍ଷୟତୃତୀୟା ଦିନଟିର ମାହାତ୍ମ୍ୟ ଅନେକବଢ଼ିଯାଇଛି, ଯାହାମଣିଷରସୁଖ, ଶାନ୍ତି, ସମୃଦ୍ଧିଲାଭ ପାଇଁଏହି ଦିନ ଭଗବାନ ତଥା ପରଂବ୍ରହ୍ମଙ୍କୁ ପ୍ରାର୍ଥନାକରାଯାଏ ।

*ବାଲେଶ୍ୱର, ମୋ-୯୩୩୭୪୦୪୨୫୪*





# ଜୟନ୍ତୀ ଅବସରରେ ଜଗତ୍‌ଗୁରୁ ଆଦି ଶଙ୍କରାଚାର୍ଯ୍ୟ

ଶ୍ରୀ ଭଗବଦ୍ ପାଦ ମହାପ୍ରଭୁ ଆଦିଶଙ୍କରାଚାର୍ଯ୍ୟଙ୍କ ଜନ୍ମ ଦକ୍ଷିଣ ଭାରତର ଶାନ୍ତସୁଶୀତଳ ରାଜ୍ୟ ଭାବେ ପରିଚିତ କେରଳ ପ୍ରଦେଶର କାଲାଡ଼ି ଗ୍ରାମରେ । ସେ ଏକ ନୈଷ୍ଠିକ ବ୍ରାହ୍ମଣ ପରିବାରରେ ଜନ୍ମ ହୋଇଥିଲେ । ପିତା ଶ୍ରୀ ଶିବ ଗୁରୁ ଓ ମାତା ସତୀ ଆର୍ଯ୍ୟାମ୍ବାଙ୍କ କୁଳମଣ୍ଡନ କରିଥିବା ଏହି ଦେବଶିଶୁ ଦକ୍ଷିଣ ଭାରତର ସମ୍ମାନସ୍ପଦ ନମ୍ବୁଦି ବ୍ରାହ୍ମଣ ପରିବାରର ଥିଲେ । ୭୮୮ ଖ୍ରୀଷ୍ଟାବ୍ଦ ବୈଶାଖ ଶୁକ୍ଳ ପଂଚମୀ ଦିନ ସେ ଧରାପୃଷ୍ଠରେ ଆର୍ବିଭୂତ ହୋଇ ଥିଲେ । ପିଲାଦିନରୁ ତାଙ୍କ ପିତାମାତା ନାମକରଣ କରିଥିଲେ ଶଙ୍କର ଭାବରେ । ପୌରାଣିକ ତଥ୍ୟ ଅନୁଯାୟୀ ତାଙ୍କ ପିତା ଶିବଗୁରୁ ଓ ମାତା ଆର୍ଯ୍ୟାମ୍ବା ନୈଷ୍ଠିକ ଶିବଭକ୍ତ ଥିଲେ ବି ଦୀର୍ଘ ବର୍ଷ ଧରି ତାଙ୍କ କୋଳମଣ୍ଡନ ହୋଇ ପାରୁନଥିଲା । ସ୍ୱାମୀସ୍ତ୍ରୀ ଦୁଇଜଣ ତ୍ରିଚୁରର ପ୍ରଖ୍ୟାତ୍ ଶୈବଧାମକୁ ଯାଇ କଠିନ ବ୍ରତ ପୂର୍ବକ ବର୍ଷ ବର୍ଷ ଧରି ପୂଜା କରିବାକୁ ଲାଗିଥିଲେ । ଭଗବାନ ଶିବଙ୍କ ଦିବ୍ୟାର୍ଶୀବାଦର ଫଳସ୍ୱରୂପ ଏହି ନୈଷ୍ଠିକ ବ୍ରାହ୍ମଣ ଦମ୍ପତିଙ୍କ କୋଳମଣ୍ଡନ ହୋଇଥିବା ଶିଶୁଟିର ନାମ ରଖାଯାଇଥିଲା ଶଙ୍କର । ପିଲାଟି ଦିନରୁ ନିଜ ବ୍ରାହ୍ମଣ ସଂସ୍କୃତି ସମସ୍ତ ପରମ୍ପରା, ନୀତି, ନିୟମ ଓ ସଂସ୍କୃତିକୁ ଆପଣାଇ ସେ ନିଜର ବିଦ୍ୟାଧ୍ୟୟନ ଜାରି କରିଥିଲେ । ତୁଳସୀ ଦୁଇପତ୍ରରୁ ବାସିଲା ପରି ଶୈଶବରୁ ହିଁ ମହାପ୍ରଭୁ ଶଙ୍କରଙ୍କ ଆଧ୍ୟାତ୍ମିକ ବୌଦ୍ଧିକ, ସତ୍ୟ, ଅଲୌକିକ ପରିଚୟ ମିଳିଥିଲା । ସ୍ମୃତି ଶକ୍ତି ପ୍ରଖର ଥିବା ଏହି ଦେବଶିଶୁ ମାତ୍ର ବର୍ଷକର ହୋଇଥିବା ସମୟରେ ହିଁ କଥା କହିବାକୁ ସକ୍ଷମ ହୋଇଥିଲେ । ପାଂଚ ବର୍ଷ ବୟସରେ ବ୍ରତ ଉପନୟନ ସଂସ୍କାର ପରେ ବେଦପାଠ ପାଇଁ ଗୁରୁକୂଳକୁ ଯାତ୍ରା କରିଥିଲେ । ବୈଦିକ ବେଦଜ୍ଞାନ ସମ୍ପର୍କିତ ବିଭିନ୍ନ ତତ୍ତ୍ୱକୁ ଖୁବ୍ କମ୍ ଦିନ ଭିତରେ ସେ ନିଜ ଆୟତକୁ ଆଣିପାରିଥିଲେ । ଧର୍ମଶାସ୍ତ୍ର, ପୁରାଣ, ଇତିହାସ, ବେଦ, ବେଦାଙ୍ଗ, ବୌଦ୍ଧାଗମ ପ୍ରଭୃତି ଦର୍ଶନଶାସ୍ତ୍ରକୁ ସେ ଖୁବ୍ କମ୍ ଦିନ ଭିତରେ ହାସଲ କରିପାରିଥିଲେ । ପିଲାଟି ଦିନରୁ ଶଙ୍କର ବସ୍ତୁବାଦର ମୋହ ଠାରୁ ବହୁତ୍ ଦୂରରେ ଥିବାରୁ କେରଳର ତତ୍କାଳୀନ ରାଜା ରାଜଶେଖରଙ୍କ ଅତିମୂଲ୍ୟବାନ ଉପହାରକୁ ସେ ନମ୍ରତାର ସହିତ ପ୍ରତ୍ୟାଖାନ କରିଥିଲେ । ପୌରାଣିକ କଥାନୁଯାୟୀ ପିଲାଟି ହୋଇଥିବା ସମୟରେ ମାଆଙ୍କ ସହ ନଦୀରେ ସ୍ନାନରତ ଥିବାବେଳେ ଏକ କୁମ୍ଭୀର ତାଙ୍କୁ କାମୁଡ଼ି ଧରିଥିଲା । ତେବେ ମାଆ ଯଦି ତାଙ୍କୁ ସନ୍ନ୍ୟାସ ଅବଲମ୍ବନ ପାଇଁ ଅନୁମତି ଦେବେ ସେ କୁମ୍ଭୀର ମୁହଁରୁ ବର୍ତି ପାରିବେ ବୋଲି କହିବା ପରେ ମାଆଙ୍କ ସ୍ୱୀକାର ପରେ ପରେ ହିଁ କୁମ୍ଭୀର ଶଙ୍କରଙ୍କୁ ଛାଡ଼ି ଦେଇଥିଲା ।



ପରବର୍ତୀ ସମୟରେ ସେ ସନ୍ନ୍ୟାସୀ ବ୍ରତ ପାଳନ ନିମିତ ମାତ୍ର ଆଠ ବର୍ଷ ହୋଇଥିବା ସମୟରେ ନିଜ ଜୀବନକୁ ଦିବ୍ୟ ପଥରେ ପରିଚାଳିତ ପାଇଁ ସାଧନା ଓ ତ୍ୟାଗକୁ ନିଜ ମୂଳଭିତି ରୂପରେ ଗ୍ରହଣ କରିଥିଲେ । ତତ୍କାଳୀନ ସମୟରେ ଭାରତ ବର୍ଷରେ ହିନ୍ଦୁ ଧର୍ମ ଏକ ସଙ୍କଟ ଜନକ ପରିସ୍ଥିତି ଦେଇ ଗତି କରୁଥିବା ବେଳେ ସନାତନ ହିନ୍ଦୁ ଧର୍ମ ଓ ସମାଜକୁ ଏକ ଆଲୋକର ଶିଖା ଦେଖାଇବା ପାଇଁ ସେ ସାରା ଦେଶ ଭ୍ରମଣ କରି ବୈଦାନ୍ତିକ ବ୍ରହ୍ମଜ୍ଞାନ ପ୍ରଚାର ଦ୍ୱାରା ଭାରତ ବର୍ଷକୁ ପୁନଃ ଜାଗ୍ରତ କରିଥିଲେ । ପ୍ରଥମେ ବଦ୍ରିନାଥ, ପରେ କେଦାରନାଥ, ଉତର କାଶୀ ସହ ବିଭିନ୍ନ ତୀର୍ଥକ୍ଷେତ୍ର ଦର୍ଶନ କରି ଅଦ୍ୱୈତବାଦର ପ୍ରଚାର ପ୍ରସାରରେ ବ୍ରତୀ ହୋଇଥିଲେ । ମାତ୍ର ଶୋଳ ବର୍ଷ ବୟସରେ ଆଚାର୍ଯ୍ୟ ଶଙ୍କର ସନାତନ ଧର୍ମର ପୁର୍ନଗଠନ କରିବା ସହ ବୌଦ୍ଧ ଓ ଅନ୍ୟ ଦିଶାହୀନ ଧର୍ମ ସନ୍ଥମାନଙ୍କୁ ଶାସ୍ତ୍ର ଆଲୋଚନା ମାଧ୍ୟମରେ ପରାସ୍ତ କରି ଉଚିତ୍ ମାର୍ଗକୁ ଆଣିବାକୁ ସକ୍ଷମ ହୋଇଥିଲେ । ଶଙ୍କର ନିଜର ଜ୍ଞାନ ଗରିମା ଓ ଆତ୍ମଶୁଦ୍ଧି ଦ୍ୱାରା ସନାତନଧର୍ମୀଙ୍କ ଆଧ୍ୟାତ୍ମ୍ୟ ଜ୍ଞାନର ବୃଦ୍ଧି ପାଇଁ ବେଦ ଓ ବେଦାନ୍ତକୁ ସରଳ ଭାବରେ ବ୍ରହ୍ମସୂତ୍ର ରଚନା କରିବା ସହିତ ଗୀତା, ଉପନିଷଦର ଭିନ୍ନ ଏକ ସାରମୂଳକ ରଚନା ଭାଷ୍ୟ ବା ପ୍ରସ୍ଥାନ ତ୍ରୟୀ ରଚନା କରିଥିଲେ । ଭାରତୀୟ ବୈଦିକ ସଂସ୍କୃତିର ଅବକ୍ଷୟକୁ ରୋକିବା ସହ ଭାରତରେ ସନାତନ ହିନ୍ଦଧର୍ମର ସୁରକ୍ଷା ଓ ପ୍ରଚାର ପ୍ରସାର ପାଇଁ ଶଙ୍କରାଚାର୍ଯ୍ୟ ଭାରତର ଚାରିକୋଣରେ ଚାରୋଟି ବୃହତ୍ ମଠ ଭାବରେ ଚାରିଧାମର ପ୍ରତିଷ୍ଠା କରିଥିଲେ । ପୂର୍ବଦିଗରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଧାମରେ ଗୋବର୍ଦ୍ଧନ ମଠ, ପଶ୍ଚିମ ଦିଗରେ ଗୁଜୁରାଟର ଦ୍ୱାରକା ଧାମରେ ଶାରଦା ମଠ, ଉତରା□ଳର ବଦ୍ରିନାଥରେ ଜ୍ୟୋର୍ତିମଠ ଓ ଦକ୍ଷିଣ ଦିଗରେ କର୍ଣ୍ଣାଟକର ରାମେଶ୍ୱର ଧାମରେ ଶୃଙ୍ଗେରି ମଠ ପ୍ରତିଷ୍ଠା ହୋଇ ଚାରି ବେଦର ପ୍ରତୀକ ଭାବରେ ପରିଚିତ ହୋଇଥିଲା । ପୁରୀର ଗୋବର୍ଦ୍ଧନ ମଠକୁ ଋକ ବେଦ, ଶୃଙ୍ଗେରୀ ମଠକୁ ଯର୍ଜୁବେଦ, ଶାରଦା ମଠକୁ ଶାମ ବେଦ ଓ ଜ୍ୟୋର୍ତିମଠକୁ ଅଥର୍ବ ବେଦର ପ୍ରତୀକ ଭାବରେ ଧରାଯାଏ । ପ୍ରାଥମିକ ସମୟରେ ଶଙ୍କର ତାଙ୍କର ଚାରିଜଣ ପ୍ରଧାନଶିଷ୍ୟଙ୍କୁ ଆଚାର୍ଯ୍ୟ ଦାୟିତ୍ୱ ଦେଇଥିବାବେଳେ ସେହିମାନେ ହିଁ ପରବର୍ତୀ ସମୟରେ ଉକ୍ତ ମଠର ଶଙ୍କରାଚାର୍ଯ୍ୟ ଭାବେ ନାମିତ ହୋଇଥିଲେ । ସନାତନ ହିନ୍ଦୁ ଧର୍ମର ଏହି ମହାନ୍ ଆଲୋକବର୍ତିକା ଭଗବତ୍ ପାଦ ଜଗତ୍‌ଗୁରୁ ଶଙ୍କର ମାତ୍ର ୩୨ ବର୍ଷ ବୟସରେ ଖ୍ରୀଷ୍ଟାବ୍ଦ ୮୨୦ରେ ଉତରାଖଣ୍ଡର କେଦାରନାଥରେ ମହାପ୍ରୟାଣ ଲଭିଥିଲେ । ସଂଯୋଗକୁ ସେହି ଦିନଟି ଥିଲା ପବିତ୍ର କାର୍ତିକ ପୂର୍ଣ୍ଣିମା ତିଥି । ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ପୁରୀ ଧାମ ସହିତ ଆଦିଶଙ୍କରାଚାର୍ଯ୍ୟଙ୍କ ରହିଥିଲା ଏକ ଆତ୍ମିକ ଜ୍ଞାନତ୍ମକ ସମ୍ପର୍କ । ସେ ଜଗନ୍ନାଥ ଧାମ ପୁରୀ ଆସି କାର୍ତିକ ଶୁକ୍ଳ ପଂଚମୀରେ ଗୋବର୍ଦ୍ଧନ ମଠ ପ୍ରତିଷ୍ଠା କରିଥିଲେ । ଏବଂ ପୀଠର ପ୍ରଥମ ଶଙ୍କରାଚାର୍ଯ୍ୟ ଭାବେ ପଦ୍ମପାଦାଚାର୍ଯ୍ୟଙ୍କୁ ଶଙ୍କରାଚାର୍ଯ୍ୟ ଅଭିଷିକ୍ତ କରିଥିଲେ । ଯେ କୌଣସି ପୂଜା ଆଗରୁ ପଂଚଦେବଙ୍କ ଆବାହନ ଓ ପୂଜା (ଗଣେଶ, ନାରାୟଣ, ଚନ୍ଦ୍ର, ଅମ୍ବିକା ଓ ଭାସ୍କର) ଶଙ୍କରାଚାର୍ଯ୍ୟ ହିଁ ପ୍ରଥମେ ପ୍ରଚଳନ କରିଥିଲେ । ଶ୍ରୀଜଗନ୍ନାଥ ରତ୍ନ ସିଂହାସନରେ ପ୍ରତିଷ୍ଠିତ ହେଇ ପ୍ରଥମ ଆଳତୀ ସମୟରେ ଶଙ୍କରାଚାର୍ଯ୍ୟଙ୍କ ଆଖିରୁ ଆନନ୍ଦାଶ୍ରୁ ଝରି ପଡ଼ିଥିଲା ଏବଂ ସେ ସଂସ୍କୃତରେ ଗାଇ ଉଠିଥିଲେ, 'କଦାଚିତ୍ କାଳିନ୍ଦୀ ତଟବିପିନ ସଙ୍ଗୀତ କରବୋ, ମୁଦାଭୀରିନାରୀ ବଦନ କମଳା ସ୍ୱାଦ ମଧୁପଃ । ରମାଶମ୍ଭୁ ବ୍ରହ୍ମାପର ପତି ଗଣେଶାର୍ଚ୍ଚିତ ପଦୋ । ଜଗନ୍ନାଥଃ ସ୍ୱାମୀ ନୟନପଥଗାମୀ ଭବତୁ ମେ । ଯାହା ଏବେ ବି ଲୋକମୁଖରେ ପ୍ରଚଳିତା । ଯେଉଁଥିରେ ଥିଲା ଶ୍ରୀକୃଷ୍ଣଙ୍କ ପ୍ରତି ସଂପୂର୍ଣ୍ଣ ସମର୍ପଣ ଭାବ । ଭକ୍ତର ମୁହଁ ଭଗବାନଙ୍କ ଗୁଣଗାନରେ ଶତମୁଖ । ଯାହା ପରବର୍ତୀ ସମୟରେ ଭକ୍ତି ଆନ୍ଦୋଳନର ରୂପରେଖ ନେଇଥିଲା । ଶଙ୍କରାଚାର୍ଯ୍ୟଙ୍କ ଆଶୀର୍ବାଦ ଆମ ସମସ୍ତଙ୍କ ଉପରେ କଲ୍ୟାଣର କୃପା କବଚ ହେଉ ଏହା ହିଁ ହେଉ ।

# ନୂତନ ଶିକ୍ଷାବର୍ଷ ଆରମ୍ଭ

## ଛାତ୍ର ଛାତ୍ରୀଙ୍କ ସ୍କୁଲ ବ୍ୟାଗ ଓଜନ କମୁ ନାହିଁ

ଜୟପୁର : କୋରାପୁଟ ଜିଲ୍ଲାରେ ଆରମ୍ଭ ହେଲା ନୂଆ ଶିକ୍ଷାବର୍ଷ । ଛାତ୍ର ଛାତ୍ରୀଙ୍କ ସ୍କୁଲ ବହି ଓଜନ କମୁ ନାହିଁ । ବ୍ୟାଗ ଓଜନ ଯୋଗୁଁ ଛାତ୍ର ଛାତ୍ରୀଙ୍କ ବେକ ଓ ପିଠି ବଥା ବାହାରୁ ଥିବା ଅବିଭାବକମାନେ ଅଭିଯୋଗ କରିଛନ୍ତି । ସକାଳୁଆ ସ୍କୁଲ ହେଲେ ପାଳନ ହେଉନି ପିଲାଙ୍କ ସ୍କୁଲ ବ୍ୟାଗ ନିୟମ । କେବେ ପାଳନ ହେବ ସରକାରଙ୍କ ନିୟମ । କେବେ ପିଲାଙ୍କ ସ୍କୁଲ ବ୍ୟାଗ ଓଜନ କମିବ ଏ ନେଇ ଅଭିଭାବକମାନେ ଚିନ୍ତାରେ ପଡିଛନ୍ତି । ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ୨୦୧୯ ବର୍ଷ ନୂତନ ଶିକ୍ଷାବର୍ଷରୁ ଏହା ପାଳନ ହେବା କଥା । କିନ୍ତୁ, ସେତେବେଳେ ବ୍ୟାଗ କଟକଣା ପାଳିତ ହୋଇ ପାରିନଥିଲା ଓ ପରବର୍ତୀ ସମୟରେ କୋଭିଡ ୧୯ ଯୋଗୁଁ ପୁରା ୨ ବର୍ଷ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା । ୨୦୨୪-୨୫ରେ ବି ପାଳନ ହେଲା ନାହିଁ । ଏବେ ୨୦୨୬ରେ ଶିକ୍ଷାନୁଷ୍ଠାନ ଖୋଲିଲା ସତ କିନ୍ତୁ ପିଲାଙ୍କ ବ୍ୟାଗ କଟକଣା ଉପରେ ସରକାର କୌଣସି ପଦକ୍ଷେପ ନ ନେବା ଅଭିଭାବକଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଛି । ଏହା ଏକ ପ୍ରହସନ ବୋଲି ବହୁ ଅଭିଭାବକ ଅଭିଯୋଗ କରୁଛନ୍ତି । ତେବେ ୨୦୧୯ ମାର୍ଚ୍ଚ ୮ତାରିଖ ଗାଇଡ ଲାଇନ ଅନୁସାରେ ପିଲାଙ୍କ ସ୍କୁଲ ବ୍ୟାଗ ପରିବହନ ନିୟମକୁ କଡାକଡି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ଯେ, ଆଜି ଯାଏଁ ତାହା କାର୍ଯ୍ୟକାରୀ ହେଲା ନାହିଁ । ଗାଇଡ ଲାଇନ ଅନୁଯାୟୀ, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ର ଛାତ୍ରୀଙ୍କ ପାଇଁ ସ୍କୁଲ ବ୍ୟାଗର ଓଜନ ୧.୫ କେଜି ରଖା ଯାଇଥିବା ବେଳେ ତୃତୀୟରୁ ପଂଚମ ଶ୍ରେଣୀର ପିଲାଙ୍କ ପାଇଁ ୨ କେଜି ରୁ ୩ କେଜି ଷଷ୍ଠ ଓ ସପ୍ତମ ଶ୍ରେଣୀର ପିଲାଙ୍କ ପାଇଁ ୪ କେଜି ୮ମ ଓ ୯ମ ଶ୍ରେଣୀର ପିଲାଙ୍କ ପାଇଁ ୪.୫ କେଜି ଓ ୧୦ମ ଶ୍ରେଣୀ ପିଲାଙ୍କ ପାଇଁ ୫ କେଜି ଓଜନର ବ୍ୟାଗ ବ୍ୟବହୃତ କରିପାରିବେ । ଏହା ଠାରୁ ଅଧିକ ଓଜନର ବ୍ୟାଗ ନେବା ପାଇଁ କଟକଣା ଜାରୀ କରାଯାଇଛି । ପୂର୍ବରୁ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ପକ୍ଷରୁ ଜଣେ ପିଲାର ଓଜନ ଠାରୁ ସ୍କୁଲ ବ୍ୟାଗ ଓଜନ ୧୦ ପ୍ରତିଶତ ଅଧିକ ହେବ ନାହିଁ ବୋଲି ଗାଇଡ ଲାଇନ କୋରାପୁଟ ଜିଲାର ଜୟପୁର, କୋରାପୁଟ, ସେମିଳିଗୁଡା, ଦାମନଯୋଡି, ବୋରିଗୁମ୍ମାରେ ସରକାରୀ ସ୍କୁଲ ବ୍ୟତୀତ ସ୍ଥାନୀୟ ଅଂଚଳରୁ ବହୁ ପିଲା ପ୍ରାଇଭେଟ ସ୍କୁଲକୁ ପଢିବା ପାଇଁ ଯାଉଛନ୍ତି । ଏଥିରେ ପଢା ଖର୍ଚ୍ଚ ଅଧିକ ହେବା ଯେତିକି ବାଧୁନାହିଁ ପିଲାଙ୍କ ଓଜନଦାର ବହି ଭର୍ତି ବ୍ୟାଗ ନେଇଯିବା ଅଧିକ କଷ୍ଟ ଦେଉଛି ବୋଲି ବହୁ ଅଭିଭାବକ ମତ ବ୍ୟକ୍ତ କରୁଛନ୍ତି । ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତୃପକ୍ଷ ଦୃଷ୍ଟି ଦେବାକୁ ଅଭିଭାବକ ତଥା ବୁଦ୍ଧିଜୀବୀ ମହଲରେ ଦାବି ହେଉଛି । ଏଥି ପ୍ରତି ଜିଲା ଶିକ୍ଷା ବିଭାଗ ଗୁରୁତ୍ୱ ଦେବାକୁ ମତ ପ୍ରକାଶ ପାଇଛି

# ଝାଡ଼ଖଣ୍ଡର ଓଡ଼ିଆ ଶିକ୍ଷକ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ଭେଟି ବକେୟା ପ୍ରାପ୍ୟ ପାଇଁ ନିବେଦନ କଲେ

ରାଇରଙ୍ଗପୁର : (ନିପ୍ର)- କେନ୍ଦୁଝର ଜିଲ୍ଲା ବଡ଼ବିଲରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଝାଡ଼ଖଣ୍ଡ ବିଚ୍ଛିନ୍ନାଂଚଳ ପଶ୍ଚିମ ସିଂହଭୂମି ଜିଲ୍ଲାର ଓଡ଼ିଶା ସରକାରଙ୍କ ଅନୁଦାନରେ ଉତ୍କଳ ସମ୍ମିଳନୀ ମାଧ୍ୟମରେ ନିୟୁକ୍ତ ଜିଲ୍ଲା ଶିକ୍ଷା ପରିଦର୍ଶକ ସରୋଜ କୁମାର ପ୍ରଧାନ ଏବଂ ଅବିଭକ୍ତ ସିଂହଭୂମି ଓ ଷଢ଼େଇକଳା-ଖରସୁଆଁର ଚାରିଜଣ ବରିଷ୍ଠ ଓଡ଼ିଆ ଶିକ୍ଷାକର୍ମୀ ରୀତାରାଣୀ ନନ୍ଦ, ଲକ୍ଷ୍ମୀପ୍ରିୟା କର, ସୁଭଦ୍ରା ମିସ୍ତ୍ରୀ ଓ ବାସନ୍ତୀ ମହାନ୍ତୋ ଏକ ସ୍ମାରକପତ୍ର ପ୍ରଦାନ କରି ବକେୟା ପ୍ରାପ୍ୟ ପାଇଁ ନିବେଦନ କରିଥିଲେ । ବିଚ୍ଛିନ୍ନାଂଚଳର ଚାରୋଟି ରାଜ୍ୟରେ ସାଢ଼େ ଛଅ ଶହ ଓଡ଼ିଆ ଶିକ୍ଷକ ଶିକ୍ଷୟିତ୍ରୀ, ଅନେକ ଓଡ଼ିଆ



ଛାତ୍ରଛାତ୍ରୀଙ୍କୁ ନିୟମିତ ଓଡ଼ିଆ ମାତୃଭାଷା ପଢ଼ାଉଛନ୍ତି ଅଥଚ ସେମାନଙ୍କୁ ଓଡ଼ିଶା ସରକାର ଦୀର୍ଘ ତିନି ବର୍ଷ ହେଲା ଆର୍ଥିକ ଅନୁଦାନ ଦେଇନାହାଁନ୍ତି ଯାହା ଫଳରେ ଓଡ଼ିଆ ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କ ଅବସ୍ଥା ଅତ୍ୟନ୍ତ ଦୁର୍ବିସହ ହୋଇପଡ଼ିଛି । ପଶ୍ଚିମବଙ୍ଗର ଜଣେ ଓଡ଼ିଆ ଶିକ୍ଷାକର୍ମୀ ତାଙ୍କ ସ୍ୱାମୀଙ୍କୁ ନିଜ କିଡନୀ ଦାନ କରି ମଧ୍ୟ ଅର୍ଥାଭାବରୁ ସ୍ୱାମୀଙ୍କୁ ହରାଇଛନ୍ତି । ସେହିପରି ଝାଡ଼ଖଣ୍ଡର ଜଣେ ଓଡ଼ିଆ ଶିକ୍ଷାକର୍ମୀ ନିଜ ଚିକିତ୍ସା ପାଇଁ ଆବଶ୍ୟକ ଅର୍ଥ ଅଭାବରୁ ପ୍ରାଣ ହରାଇଥିବା ପରି ଦୁଃଖଦ ଖବର ମିଳିଛି । ବହୁ ଓଡ଼ିଆ ଶିକ୍ଷକ/ଶିକ୍ଷୟିତ୍ରୀ ନିଜ ଚିକିତ୍ସା ଖର୍ଚ୍ଚ ତୁଲେଇବା ଓ ପରିବାର ଚଳେଇବା ପାଇଁ ଉକ୍ତ ଅର୍ଥାଭାବରୁ ବହୁତ ଦୁଃଖ, ଦୈନ୍ୟ ଓ କଷ୍ଟରେ କାଳାତିପାତ କରୁଛନ୍ତି । ଓଡ଼ିଶାର ମୁଖ୍ୟମନ୍ତ୍ରୀ ସମସ୍ତ ସମସ୍ୟା ସଂପର୍କରେ ଅବଗତ ହେଲା ପରେ ଅତି ଶୀଘ୍ର ରାଜ୍ୟ ସରକାର ବିଚ୍ଛିନ୍ନାଂଚଳରେ ଓଡ଼ିଆ ଶିକ୍ଷାର ପ୍ରସାର ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଦେବେ ତଥା ପୂର୍ବରୁ ଘୋଷଣା କରିଥିବା ଓଡ଼ିଆ ଶିକ୍ଷା କର୍ମୀମାନଙ୍କୁ ମାସିକ ମାତ୍ର ତିନି ହଜାର ପରିବର୍ତେ ମାସିକ ଛଅ ହଜାର ଟଙ୍କା ଏବଂ ଦଶମାସ ପରିବର୍ତେ ୧୨ ମାସର ଆର୍ଥିକ ଅନୁଦାନ ସହ ତିନି ବର୍ଷର ସମସ୍ତ ବକେୟା ଅନୁଦାନ ପ୍ରଦାନ କରିବେ ବୋଲି ଝାଡ଼ଖଣ୍ଡ ବିଚ୍ଛିନ୍ନାଂଚଳର ଓଡ଼ିଆ ପ୍ରତିନିଧିଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି ।

# ଝାରସୁଗୁଡ଼ାରେ ଅକ୍ଷୟ ତୃତୀୟା ପାଳିତ; ଅଖିମୁଠି ଅନୁକୂଳ ସହ ଚାଷୀଙ୍କୁ ମିଳିଲା ସିଏମ୍ କିଷାନ ସହାୟତା




**କୃଷକମାନଙ୍କ ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରି ଏକ ବିକଶିତ ଓଡ଼ିଶା ଗଠନ କରିବା ଦିଗରେ ରାଜ୍ୟ ସରକାରଙ୍କ ପ୍ରତିଟି ବିକାଶମୂଳକ କାର୍ଯ୍ୟକୁ କ୍ଷେତ୍ର ସ୍ତରରେ ସଠିକ୍ ପ୍ରତିଫଳନ କରିବା ଜିଲ୍ଲା ପ୍ରଶାସନର ମୂଳ ଲକ୍ଷ୍ୟ - ଜିଲ୍ଲାପାଳ**

ଝାରସୁଗୁଡ଼ା :ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଝାରସୁଗୁଡ଼ା ଜିଲ୍ଲାରେ କୃଷି କାର୍ଯ୍ୟର ଶୁଭାରମ୍ଭ ହୋଇଯାଇଛି । ବଡ଼ମାଲ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ପାରମ୍ପାରିକ ଓଡ଼ିଆ ପୋଷାକ ପରିଧାନ କରି ଜିଲ୍ଲାପାଳ ନିଜେ ବିଧି ଅନୁସାରେ ପୂଜା ଅର୍ଚ୍ଚନା କରିବା ସହ 'ଅଖିମୁଠି ଅନୁକୂଳ' କରି ଚଳିତ ବର୍ଷର କୃଷି କାର୍ଯ୍ୟର ଶୁଭାରମ୍ଭ କରିଥିଲେ । ଆଜି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ 'ସିଏମ୍ କିଷାନ ସହାୟତା' ଯୋଜନା ଅନ୍ତର୍ଗତ ଖରିଫ-୨୦୨୬ ନିମନ୍ତେ ସହାୟତା ରାଶି ପ୍ରଦାନ କରିଛନ୍ତି । ଝାରସୁଗୁଡ଼ା ଜିଲ୍ଲାର ୩୯, ୧୩୨ ଜଣ ଚାଷୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ୭ କୋଟି ୮୨ ଲକ୍ଷ ୬୪ ହଜାର ଟଙ୍କା ହସ୍ତାନ୍ତର କରାଯାଇଛି । ଜିଲ୍ଲାର ୫ଟି ବ୍ଲକ୍ (ଲାଇକେରା, କୋଲାବିରା, କିର୍ମିରା, ଲଖନପୁର ଏବଂ ଝାରସୁଗୁଡ଼ା)ର କୃଷକମାନେ ଏଥିରେ ସାମିଲ ଅଛନ୍ତି । ଏଥିମଧ୍ୟରୁ ୩୮, ୭୬୬ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୩୬୬ ଜଣ ଭୂମିହୀନ କୃଷି ପରିବାର ପ୍ରତ୍ୟେକଙ୍କୁ ୨,୦୦୦ ଟଙ୍କା ଲେଖାଏଁ ଡି.ବି.ଟି ମାଧ୍ୟମରେ ପ୍ରଦାନ କରାଯାଇଛି । ଏହି ସ୍ୱତନ୍ତ୍ର ସଭାରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ପ୍ରତିନିଧି ରଘୁନନ୍ଦନ ପଣ୍ଡା, ସାଂସଦଙ୍କ ପ୍ରତିନିଧି ଶ୍ଲୋକ ସର୍ନା ଏବଂ ବିଧାୟକଙ୍କ ପ୍ରତିନିଧି ହେମାରଞ୍ଜନ ସିଂ ଅତିଥି ଭାବେ ଯୋଗ ଦେଇ ସରକାରଙ୍କ କୃଷକ-ଅଭିମୁଖୀ ଯୋଜନା ଉପରେ ଆଲୋକପାତ କରିଥିଲେ । ଜିଲ୍ଲା କୃଷି ମଂଚ ସଭାପତି ମୁରଲୀ ପାଣିଗ୍ରାହୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନନ୍ଦ ଏବଂ କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଡ. ସମୀର ରଞ୍ଜନ ଦାସ ମଧ୍ୟ ଉପସ୍ଥିତ ରହି ଚାଷୀଙ୍କୁ ବୈଷୟିକ ଜ୍ଞାନକୌଶଳ ଓ ଉନ୍ନତ କୃଷି ପ୍ରଣାଳୀ ବିଷୟରେ ସଚେତନ କରାଇଥିଲେ ।

# ସ୍ୱାସ୍ଥ୍ୟ ଭିତିଭୂମିର ବିକାଶ ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱ, ତୃଣମୂଳ ସ୍ତରରେ ଯୋଜନା ପହଂଚାଇବାକୁ ନିର୍ଦ୍ଦେଶ

ମାଲକାନଗିରି : ଜିଲ୍ଲାର ପ୍ରତିଟି ନାଗରିକଙ୍କ ପାଖରେ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ପହଂଚାଇବା ଏବଂ ଚିକିତ୍ସା ଭିତିଭୂମିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ବ୍ୟାପକ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି । ବୈଠକ ପ୍ରାରମ୍ଭରେ ଜିଲ୍ଲାପାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ତୃଣମୂଳ ସ୍ତରରେ ଥିବା ସ୍ୱାସ୍ଥ୍ୟ ଉପ-କେନ୍ଦ୍ରଗୁଡ଼ିକର କାର୍ଯ୍ୟକାରିତା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ । ସରକାରଙ୍କ ପ୍ରମୁଖ ଜନହିତକର ଯୋଜନା ଯଥା- ଆୟୁଷ୍ମାନ ଭାରତ ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାର ସଫଳ ରୂପାୟନ ଉପରେ ସେ ବିଶେଷ ଗୁରୁତ୍ୱାରୋପ କରିଥିଲେ । କୌଣସି ବି ଯୋଗ୍ୟ ହିତାଧିକାରୀ ଯେପରି ଏହି ସୁବିଧାରୁ ବଂଚିତ ନ ହୁଅନ୍ତି, ସେଥିପ୍ରତି ସତର୍କ ରହିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାରେ ମାତୃ ଓ ଶିଶୁ ମୃତ୍ୟୁ ହାର ରୋକିବା ପାଇଁ ଜିଲ୍ଲାପାଳ ଏକ ସ୍ୱତନ୍ତ୍ର ଏବଂ ଅଭିନବ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ଏହି ପ୍ଲାନକୁ କେବଳ କାଗଜପତ୍ରରେ ସୀମିତ ନ ରଖି ତୃଣମୂଳ ସ୍ତରରେ ସଫଳତାର ସହ କାର୍ଯ୍ୟକାରୀ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ଜିଲ୍ଲାରେ ଚାଲିଥିବା ବିଭିନ୍ନ ଟୀକାକରଣ ଅଭିଯାନର ଅଗ୍ରଗତି ଏବଂ ଚିକିତ୍ସାଳୟଗୁଡ଼ିକର ଭିତିଭୂମି ବିକାଶ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସେ ଗୁରୁତ୍ୱ ଦେଇଥିଲେ । ଜନସାଧାରଣଙ୍କୁ ଉତମ ବ୍ୟବହାର ସହ ତ୍ୱରିତ ସେବା ଯୋଗାଇ ଦେବାକୁ ଉପସ୍ଥିତ ଥିବା ସମସ୍ତ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ସେ ଆହ୍ୱାନ ଦେଇଛନ୍ତି । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଡୋଳାମଣି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳିକା ଡଃ. ମୌସୁମୀ ମିଶ୍ର ସମଗ୍ର ବୈଠକର ପରିଚାଳନା କରିବା ସହ ସ୍ୱାସ୍ଥ୍ୟ ମିଶନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ ।

# ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା ଓ କୃଷକ ଦିବସ-୨୦୨୬ ପାଳିତ



ନୟାଗଡ଼(ନିପ୍ର): କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ଜିଲ୍ଲା ସ୍ତରୀୟ ଅକ୍ଷୟ ତୃତୀୟା ତଥା କୃଷକ ଦିବସ ୨୦୨୬ କାର୍ଯକ୍ରମ ଆୟୋଜନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ (ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ, ଓଡ଼ିଶା ସରକାର)ଙ୍କ ଦ୍ୱାରା ଜିଲ୍ଲା ଡାଲି ଗବେଷଣା କେନ୍ଦ୍ର, ନୟାଗଡ଼ଠାରେ ପାରମ୍ପରିକ ରୀତିନୀତିରେ ଭୂମି ପୂଜନ ଓ ଅକ୍ଷିମୁଠି ଅନୁକୂଳ ତଥା ବୀଜ ବପନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା ଓ ଉକ୍ତ କାର୍ଯକ୍ରମ ପରେ ନୟାଗଡ଼ ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ଦୂରଭାଷି ମାଧ୍ୟମରେ ରାଜ୍ୟସ୍ତରୀୟ କୃଷକ ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସି.ଏମ୍. କିଷାନ୍‌ର ଚତୁର୍ଥ ତମ କିସ୍ତି ପ୍ରଦାନର ସିଧାପ୍ରସାରଣ କରାଯାଇ ଥିଲା । ଉକ୍ତ କୃଷକ ସଭାରେ ମାନ୍ୟବର ମନ୍ତ୍ରୀଙ୍କ ସହ ଦୁଷ୍ମନ୍ତ କୁମାର ସ୍ୱାଇଁ, ମାନ୍ୟବର ବିଧାୟକ, ଖଣ୍ଡପଡ଼ା, ଇଂ ଦେବାଶିଷ ପଟ୍ଟନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷ, ନୟାଗଡ଼, ମଧୁମିତା ରଥ, ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ, ନୟାଗଡ଼, କିଶୋର ଚନ୍ଦ୍ର ସାହୁ, ପଂଚାୟତ ସମିତି ଅଧ୍ୟକ୍ଷ ନୟାଗଡ଼, କର୍ଣ୍ଣଦେବ ସମାଦର, ଉପଜିଲ୍ଲାପାଳ, ନୟାଗଡ଼, ଅନିଲ କୁମାର ସ୍ୱାଇଁ, ପ୍ରମୁଖ ବୈଜ୍ଞାନିକ, କୃଷି ବିଜ୍ଞାନ କେନ୍ଦ୍ର, ନୟାଗଡ଼ ପ୍ରମୁଖ ଯୋଗଦାନ କରିଥିଲେ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଶିବ ନାରାୟଣ ସିଂ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ, ନୟାଗଡ଼ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଉପସ୍ଥିତ କୃଷକଙ୍କୁ ଅବଗତ କରାଇଥିଲେ । କାର୍ଯକ୍ରମରେ ମାନ୍ୟବର ମନ୍ତ୍ରୀ କୃଷକମାନେ କିପରି ସମନ୍ୱିତ କୃଷିକୁ ଆପଣେଇ ନିଜ ଆୟକୁ ବହୁଗୁଣିତ କରିପାରିବେ ସେ ସମ୍ପର୍କରେ ନିଜର ଅଭିଭାଷଣ ରଖିଥିଲେ । ଏହି ଅବସରରେ ରାଜ୍ୟର ୪୧,୬୮,୫୮୨ ଜଣ ଚାଷୀଙ୍କୁ ସି.ଏମ୍. କିଷାନ୍ ସହାୟତା ରାଶି ପ୍ରଦାନ କରାଯାଇ ଥିବା ବେଳେ ସେଥିମଧ୍ୟରେ ନୟାଗଡ଼ ଜିଲ୍ଲାରେ ସମୁଦାୟ ୧,୬୧,୨୭୦ ଜଣ ଚାଷୀ ସି. ଏମ୍. କିଷାନ୍ ସହାୟତା ପାଇଛନ୍ତି ।

# ରାସ୍ତା ନିର୍ମାଣ ପାଇଁ ଖୋଳିଦେଲେ ଗାଁ ପଡ଼ିଆ



ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନସ୍ଥ ଡୁଙ୍ଗୁରା ଆରଡି ରାସ୍ତାରୁ ଭାୟା ଜଳଙ୍ଗ ଦେଇ ବଉଳାଣିପାଟଣା ପର୍ଯ୍ୟନ୍ତ ରାସ୍ତାର ନିର୍ମାଣ ଚାଲିଥିବା ବେଳେ ଠିକାଦାର ରାସ୍ତା ପ୍ରଶସ୍ତିକରଣ ପାଇଁ ଗାଁ ପଡିଆକୁ ଖୋଳି ମାଟି ଉଠାଇନେବା ପ୍ରତିବାଦରେ ସମୁହ ଗ୍ରାମବାସୀ ପୁର୍ବତନ ସମିତିସଭ୍ୟ ପ୍ରଫୁଲ୍ଲ ଦାସଙ୍କ ନେତୃତ୍ୱରେ ସୋମବାର ଦିନ ଜିଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କୁ ଲିଖିତ ଅଭିଯୋଗ କରିଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କନିଷ୍ଠ କନିଷ୍ଠ ଖଣି ଅଧୀକାରି ଅଭିଷେକ ବେହେରା ଓ ସାନଜୟିପୁର ରାଜସ୍ୱନିରିକ୍ଷକ ବେବବ୍ରତ ସାହୁ ଜଳଙ୍ଗ ଗ୍ରାମରେ ପହଂଚି ମାଟି ଖୋଳୁଥିବା ଜେସିବିକୁ ଜବତ କରି ସିମୁଳିଆ ଥାନାକୁ ନେଇଛନ୍ତି । ନଷ୍ଟ କରାଯାଇଥିବା ଗୋଚର ଜମି ଗୋରୁଗାଈ ଚରିବା, ଖେଳ ପଡିଆ ତଥା ପର୍ବପର୍ବାଣି ପାଳନ ପାଇଁ ବ୍ୟବହୃତ କରାଯାଉ ଥିବା ବେଳେ ଠିକାଦାର ଏହାକୁ ମାଟି ଉଠାଇ ଖାଲକରିବା ଯୋଗୁଁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ବ୍ୟକ୍ତଗତ ସ୍ୱାର୍ଥ ସାଧନ ପାଇଁ ଜଣେ ୨ଜଣ ବ୍ୟକ୍ତି ଏଭଳି ନିର୍ମାଣ କାର୍ଯ୍ୟକୁ ବିରୋଧ କରୁଥିବା ବେଳେ ବାକି ଗ୍ରାମବାସୀଙ୍କ ଏହି ରାସ୍ତା ନିର୍ମାଣ ପ୍ରତି ସମର୍ଥନ ରହିଥିବା ନେଇ ଗରସଙ୍ଗ ସରପଂଚ ରାଜେନ୍ଦ୍ର ଦାସ ପାଲଟା ଅଭିଯୋଗ କରିଛନ୍ତି ।

# ୩ଲକ୍ଷ ଟଙ୍କାର ସିସି ରୋଡ଼, କାର୍ଯ୍ୟ ମାର୍ଚ୍ଚରେ-ଏପ୍ରିଲରେ ଫାଟି ମେଲା

ବାହାନଗା(ନିପ୍ର): ଗ୍ରାମାଂଚଳରେ ରାସ୍ତାର ଉନ୍ନତି ପାଇଁ ସରକାର ଅଙ୍ଗୀକାର ବଦ୍ଧ ହୋଇ କାର୍ଯ୍ୟ କରୁଛନ୍ତି । କିନ୍ତୁ ଗ୍ରାମାବାସୀମାନେ ତାହାର ସଠିକ ଭାବେ କାର୍ଯ୍ୟ ପାଉନଥିବାର ଦେଖିବାକୁ ମିଳିଛି । ଯାହାକି ୩ ଲକ୍ଷ ଟଙ୍କାର କଂକ୍ରିଟ ରାସ୍ତା ମାସକରେ ଫାଟି ମେଲା ହୋଇଯାଇଛି । ଏ ବାବଦରେ ସ୍ଥାୟୀ ସମାଧାନ ପାଇଁ ଜିଲାପାଳ, ମୁଖ୍ୟମନ୍ତ୍ରୀ ତଥା ପଂଚାୟତି ରାଜ ମନ୍ତ୍ରୀ ରବିନାରାୟଣ ନାୟକଙ୍କ ଠାରେ ଅଭିଯୋଗ ହୋଇଛି । ପ୍ରକାଶ ଥାଉକି ଖରାସାହାପୁର ପଂଚାୟତ ରମଧାରେ ଆର.ଡି. ରାସ୍ତା ଠାରୁ ଶ୍ରୀକାନ୍ତ କର ଘର ପର୍ଯ୍ୟନ୍ତ ୩ ଲକ୍ଷ ଟଙ୍କା ବ୍ୟୟରେ ସିସି ରୋଡ଼ ନିର୍ମାଣ ହୋଇଛି । କାର୍ଯ୍ୟ ମାର୍ଚ୍ଚ ମାସରେ ସରିଥିବାବେଳେ ଏପ୍ରିଲ ମାସରେ ରାସ୍ତା ଫାଟିଗଲାଣି । ଏବାବଦରେ ଦାୟିତ୍ୱରେ ଥିବା ଯନ୍ତ୍ରୀ କିଶାନ ମୁର୍ମୁଙ୍କୁ ପଚାରିବାରୁ ସେକୁହନ୍ତି ମୁଁ ଗତ ମାର୍ଚ୍ଚ ମାସ ୧୦ ତାରିଖରେ ଦାୟିତ୍ୱ ନେଇଥିବାବେଳେ ସେହି କାର୍ଯ୍ୟ ଯନ୍ତ୍ରୀ ପ୍ରଶାନ୍ତ ଘଡ଼େଇ ଦାୟିତ୍ୱରେ ଥିବାବେଳେ କାର୍ଯ୍ୟ ହୋଇଥିଲା । ସେ ବାବଦରେ ମୁଁ କିଛି କହିପାରିବି ନାହିଁ ବୋଲି ଯନ୍ତ୍ରୀ ମୁର୍ମୁ କହିଛନ୍ତି । ଯନ୍ତ୍ରୀ ଘଡ଼େଇଙ୍କୁ ରାସ୍ତା ତଥା ନିର୍ମଣ ହୋଇଥିବା ଜମି ବାବଦରେ ପଚାରିବାରୁ ସେକୁହନ୍ତି କୌଣସି କାଗଜପତ୍ର ମୋତେ ନଦେଇ କାର୍ଯ୍ୟ କରିଥିବାର ସଫେଇ ଦେଇଛନ୍ତି । ତେବେ ଯନ୍ତ୍ରୀ କାର୍ଯ୍ୟ ସମୟରେ ଉପସ୍ଥିତ ରହି କାର୍ଯ୍ୟ କରିଥିଲେ ନା ନାହିଁ ତାହା ଗ୍ରାମବାସୀଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି । ତେବେ ୧ ମାସ ମଧ୍ୟରେ କଂକ୍ରିଟ ରାସ୍ତା ନଷ୍ଟ ହୋଇଥିବାରୁ ସେ ବାବଦରେ ବିହିତ ପଦକ୍ଷେପ ନେବାକୁ ଦାବୀ ହୋଇଛି ।

# ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଘୋଷ ଯାତ୍ରା ଉପଲକ୍ଷେ ରଥ ନିର୍ମାଣ କାର୍ଯ୍ୟ ଚକରେ ଅଖ ଲଗା ଅନୁକୂଳ



ନୀଳଗିରି(ନିପ୍ର): ପବିତ୍ର ଅକ୍ଷୟ ତୃତୀୟା ତିଥି ଦିବସରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଘୋଷ ଯାତ୍ରା ଉପଲକ୍ଷେ ରଥ ନିର୍ମାଣର ପ୍ରାରମ୍ଭିକ ଶୁଭ କାର୍ଯ୍ୟ ଚକରେ ଅଖ ଲଗା ଅନୁକୂଳ ହୋଇ ଯାଇଛି । ଏହି ପବିତ୍ର ଦିନରେ ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟ ପାଇଁ ପୂର୍ବାହ୍ନ ଦଶ ଘଟିକାରେ ପାରମ୍ପରିକ ଯଥା ରୀତି ନୀତି ବିଧି ବିଧାନ ଅନୁଯାୟୀ ପୁରୋହିତ ମହାପ୍ରଭୁଙ୍କ ଆଦି ସେବକ ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନଙ୍କୁ ନେଇ ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପନ୍ନ ହୋଇଛି । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ସମେତ ଠାକୁର ମାହାଲ ଟ୍ରଷ୍ଟ ବୋର୍ଡ ସଭାପତି ତଥା ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ତହସିଲଦାର ସୋନମ ଦାସ ପ୍ରମୁଖ ଙ୍କ ଉପସ୍ଥିତିରେ ରଥ ନିର୍ମାଣ କାର୍ଯ୍ୟ ପାଇଁ ଚକରେ ଅଖ ଲଗା ଶୁଭ ଅନୁକୂଳ ହୋଇଯାଇଛି । ରଥ ନିର୍ମାଣରେ ବ୍ୟବହୃତ ସମସ୍ତ ଉପକରଣ ଗୁଡ଼ିକୁ ମୁଖ୍ୟ କାରିଗର ମହାରଣା କାର୍ତ୍ତିକ ଚନ୍ଦ୍ର ମହାରଣା ଏବଂ ସହଯୋଗୀ ପୂଜାର୍ଚ୍ଚନା କରିବା ସହ ସମସ୍ତ ବିଧି ମୁତାବକ କାର୍ଯ୍ୟ ସମ୍ପାଦନ କରିଥିଲେ । ସେହି ଭଳି ରଘୁନାଥ ଜୀଉ ଙ୍କ ରଥର ନିର୍ମାଣ କାର୍ଯ୍ୟ ପାଇଁ ଯଥା ବିଧି କାର୍ଯ୍ୟ ସମ୍ପନ୍ନ ହୋଇଛି । ଏହି ପବିତ୍ର ଦିବସରେ ମହାପ୍ରଭୁଙ୍କ ଘୋଷ ଯାତ୍ରା ଉପଲକ୍ଷେ ରଥ ନିର୍ମାଣ ଅନୁକୂଳ ପର୍ବରେ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଆଦି ସେବକ, ପଣ୍ଡା, ପୁରୋହିତ, ଘଂଟୁଆ, ଶଙ୍ଖୁଆ, ଶ୍ରଦ୍ଧାଳୁ ଭକ୍ତ, ଜଗନ୍ନାଥ ପ୍ରେମୀ ମାନ୍ୟ ଗଣ୍ୟ ବ୍ୟକ୍ତି ବିଶେଷ ଓ ଗଣ ମାଧ୍ୟମ । ପ୍ରତିନିଧି ସାମିଲ ହୋଇ ଥିଲେ ।

# ପାରାଦୀପ ବନ୍ଦର ଆନ୍ତଃ-ବିଭାଗ ଓ କର୍ପୋରେଟ୍ କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ





ପାରାଦୀପ(ନିପ୍ର): ପାରାଦୀପ ବନ୍ଦର ପ୍ରାଧିକରଣ ଆନୁକୂଲ୍ୟରେ ଷଷ୍ଠ ଆନ୍ତଃ-ବିଭାଗ ଏବଂ ପଂଚମ କର୍ପୋରେଟ୍ କ୍ରିକେଟ ଟୁର୍ଣ୍ଣାମେଂଟ ୨୦୨୬ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ ଠାରେ ରବିବାର ଦିନ ଉଦଯାପିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ବନ୍ଦର ଟ୍ରାଫିକ ପରାମର୍ଶଦାତା ଏ.କେ.ବୋଷ ମୂଖ୍ୟ ଅତିଥି ଭାବେ ଯୋଗଦେଇ ଆୟୋଜକ, କୃତି ଖେଳାଳି ଓ ଦଳ କୁ ଉତ୍ସାହିତ କରିଥିଲେ । ଏହି ଅବସରରେ, ବିଜେତା, ଉପବିଜେତା ଓ ଉତ୍କୃଷ୍ଟ କ୍ରୀଡା ପ୍ରଦର୍ଶନକାରୀ ମାନଙ୍କୁ ଟ୍ରଫି, ପଦକ ଏବଂ ପୁରସ୍କାର ପ୍ରଦାନ କରାଯାଇଥିଲା । ବନ୍ଦର ଆନ୍ତଃବିଭାଗ କ୍ରିକେଟ୍ ଟୁର୍ଣ୍ଣାମେଂଟର ଫାଇନାଲ ମ୍ୟାଚ୍ ରେ, ପାରାଦୀପ ବନ୍ଦରର ଇଞ୍ଜିନିୟରିଂ ବିଭାଗ ୧୫ ଓଭରରେ ୧୧୨/୮ ରନ୍ କରିଥିଲା । ଟାର୍ଗେଟକୁ ପିଛା କରି, ବୈଦ୍ୟୁତିକ ଏବଂ ଯାନ୍ତ୍ରିକ ବିଭାଗ ୧୫ ଓଭରରେ ୯୩/୯ ରନ୍ କରିଥିଲା । ଇଞ୍ଜିନିୟରିଂ ବିଭାଗ ୧୯ ରନ୍ ରେ ବିଜୟ ହାସଲ କରି ଚାମ୍ପିଅନସିପ୍ ଟ୍ରଫି ହାସଲ କରିଥିଲା । ସେହିପରି କର୍ପୋରେଟ୍ କ୍ରିକେଟ୍ ଟୁର୍ଣ୍ଣାମେଂଟର ଫାଇନାଲରେ, ପାରାଦୀପ ପୋର୍ଟ ଅଥରିଟି ଏବଂ ଇଫକୋ ଉଭୟ ସମାନ ସ୍କୋରରେ ଶେଷ ହୋଇ ଏକ ରୋମାଂଚକର ସୁପର ଓଭରରେ ଇଫକୋ ମ୍ୟାଚ୍ ଜିତି ଚମ୍ପିଅନ ହୋଇଥିଲା । ଏହି ଟୁର୍ଣ୍ଣାମେଂଟକୁ ଗୋପବନ୍ଧୁ କ୍ରୀଡା ସଂସଦ ର ସଭାପତି ତଥା ପାରାଦୀପ ବନ୍ଦର ମୁଖ୍ୟ ଯନ୍ତ୍ରୀ ଏଚ.ଏସ. ରାଉତ ଏବଂ କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ତଥା ବରିଷ୍ଠ ଉପ-ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁର୍ଗା ପ୍ରସାଦ ସେଠିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା । ଏହି ଟୁର୍ଣ୍ଣାମେଂଟର ସଫଳ ଆୟୋଜନ ପାଇଁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ସମସ୍ତ ଅଂଶଗ୍ରହଣକାରୀ ଦଳ, ଆୟୋଜକ ଏବଂ ସମର୍ଥକଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ସେଂଟ ଜାଭିୟର୍ ହାଇସ୍କୁଲର ବାର୍ଷିକ ଉତ୍ସବ





ଧାମନଗର(ନିପ୍ର): ଧାମନଗର କଲେଜ ନିକଟସ୍ଥ ସେଂଟ ଜାଭିୟର ହାଇସ୍କୁଲ ର ୧୧ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଚେୟାରମ୍ୟାନ୍ ଜନ୍ମେଜୟ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ହେମେନ୍ଦ୍ର ନାଥ ମହାନ୍ତି ପରିଚାଳନା କରିଥିଲେ । ମୁଖ୍ୟଅତିଥି ଭାବେ ଧାମନଗର ଏନ ଏ ସି ର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ, ମୁଖ୍ୟବକ୍ତା ଅମୃତ ଦର୍ଶନର ସମ୍ପାଦକ ସଂଗ୍ରାମ ଆଚାର୍ଯ୍ୟ ଏବଂ ବରେଣ୍ୟ ଅତିଥି ଭାବେ ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର, ସାଂସଦ ନଗର ପ୍ରତିନିଧି ସରୋଜ ମହାପାତ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷ ରାମଚନ୍ଦ୍ର ପଣ୍ଡା ଓ ସଞ୍ଜୟ କୁମାର ସ୍ୱାଇଁ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ବିଦ୍ୟାଳୟର କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଧର ସାହୁ ବାର୍ଷିକ ବିବରଣୀ ପାଠ ଏବଂ ଶିକ୍ଷକ ଲକ୍ଷ୍ମୀଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ଶିକ୍ଷୟିତ୍ରୀ ଗୋପାଳ ବେହେରା, ଲକ୍ଷ୍ମୀଧର ସାହୁ, ଧୀରେନ୍ଦ୍ର ତ୍ରିପାଠୀ, ସେବତୀ ବାରିକ, ପରେଶ ଦାସ, ପ୍ରିୟଙ୍କା ପୃଷ୍ଟି, ମିସ୍ ରିଜୱାନା, ମିସ୍ ଖୁସବୁ ମିସ୍ ଆଫ୍ରିନ ପରବିନ, ମୋନାଲିସା ସାହୁ, ଜୟନ୍ତୀ ଖଣ୍ଡେଇ, ସଂଯୁକ୍ତା ରାଉତ, ସଂଧ୍ୟା ନାୟକ, ନିକିତା ବେହେରା, ସ୍ୱପ୍ନା ଲିଶା ସାହୁ ରଞ୍ଜିତା ସାହୁ ପ୍ରମୁଖଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ପ୍ରାରମ୍ଭରେ ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରା ଯାଇଥିଲା ।

# ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

ସୋର(ନିପ୍ର): ଫେବୃଆରୀ ମାସ ୧୧ ତାରିଖରେ ସୋର ଥାନା କ୍ଷୀରକୋଣି ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୁଲିସ ଅନ୍ୟ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୋଗ ଅନୁସାରେ ଏହି ଗ୍ରାମର ଶୁଭମ ବିଶ୍ୱାଳ ଏବଂ ଲକ୍ଷ୍ମଣ ବିଶ୍ୱାଳ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସେହି ଗ୍ରାମର ନୀଳକଣ୍ଠ ବେହେରା ଏବଂ ଭଗବତୀ ବେହେରାଙ୍କୁ ତାଙ୍କ ଘରେ ପଶି ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ । ଏଥିରେ ନୀଳକଣ୍ଠ ଏବଂ ଭଗବତୀ ଗୁରୁତର ଆହତ ହୋଇଥିବାରୁ ଗ୍ରାମବାସୀ ମାନେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ଏ ବାବଦରେ ନୀଳକଣ୍ଠଙ୍କ ଝିଅ ଦିବ୍ୟାଭାରତୀ ବେହେରା ସୋର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ୧୪୬/୨୬ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିବା ସହିତ ପୂର୍ବରୁ ଲକ୍ଷ୍ମଣ ବିଶ୍ୱାଳ(୨୬)କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ଏହି ଘଟଣାରେ ସଂପୃକ୍ତ ଥିବା ଶୁଭମ ବିଶ୍ୱାଳ ଫେରାର ଥିବା ବେଳେ ଗତକାଲି ରାତିରେ ତାଙ୍କୁ ସୋର ପୁଲିସ ଗିରଫ କରି ଆଜି ଅପରାହ୍ଣରେ କୋର୍ଟ ଚାଲାଣ କରିଛି ।

# ସୁଦିପ୍ତା ମହାନ୍ତିଙ୍କ ବିୟୋଗରେ ପ୍ରବାସୀ ଓଡ଼ିଆ ମହଲରେ ଶୋକର ଛାୟା




ନୋଏଡା : ସୁଦିପ୍ତା ମହାନ୍ତିଙ୍କର ଅକାଳ ବିୟୋଗ ଯୋଗୁଁ ଦିଲ୍ଲୀ ଏବଂ ଜାତୀୟ ରାଜଧାନୀ କ୍ଷେତ୍ରର ଓଡ଼ିଆ ସମ୍ପ୍ରଦାୟଙ୍କ ମଧ୍ୟରେ ଗଭୀର ଶୋକ ଓ ଅଭୂତପୂର୍ବ ସମବେଦନା ପ୍ରକାଶ ପାଇଥିବା ଦେଖାଯାଇଛି । ଚଉବନ ବର୍ଷୀୟା ଶ୍ରୀମତୀ ମହାନ୍ତିଙ୍କର ଗତ ୧୮ ତାରିଖ ଶନିବାର ଦିନ ସକାଳ ୮ ଟା ୧୫ ମିନିଟରେ ନୋଏଡାର ଏକ ଘରୋଇ ଡ଼ାକ୍ତରଖାନାରେ ନିମୁନିଆ ଯୋଗୁଁ ନିଧନ ଘଟିଥିଲା । ନୋଏଡାଠାରେ ସେହିଦିନ ହିଁ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ସ୍ୱର୍ଗତଃ ମହାନ୍ତିଙ୍କର ସ୍ୱାମୀ ସ୍ୱନାମଧନ୍ୟ ଚାଟାର୍ଡ ଏକାଉଂଟାଂଟ, ଏଟିଡି ଗ୍ରୁପର ପ୍ରତିଷ୍ଠାତା ଅଧ୍ୟକ୍ଷ, ସାମୁଦାୟିକ ବିକାଶ ସମିତିର ସଭାପତି, ୱାର୍ଲ୍ଡ ଓଡ଼ିଶା ସୋସାଇଟି ଉତର ପ୍ରଦେଶ ଶାଖାର ମୁଖ୍ୟ ପୃଷ୍ଠପୋଷକ ଏବଂ ନୋଏଡା ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ପୂର୍ବତନ ସମ୍ପାଦକ ଡ଼ଃ ମନୋରଞ୍ଜନ ମହାନ୍ତି ଅଟନ୍ତି । ଶ୍ରୀମତୀ ମହାନ୍ତି ତାଙ୍କର ଏକମାତ୍ର କନ୍ୟା ଆର୍ଣ୍ଣି ମହାନ୍ତିଙ୍କୁ ଛାଡ଼ି ଯାଇଛନ୍ତି । ସ୍ୱର୍ଗତଃ ମହାନ୍ତିଙ୍କର ନିଧନରେ ତାଙ୍କର ଶତାଧିକ ପ୍ରଶଂସକ, ବନ୍ଧୁବାନ୍ଧବ, ପରିବାରବର୍ଗ, ଶୁଭେଚ୍ଛୁ ଏବଂ ବିଭିନ୍ନ ପ୍ରବାସୀ ଓଡ଼ିଆ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନର ପ୍ରତିନିଧିମାନେ ଶୋକପ୍ରକାଶ କରିବା ସାଙ୍ଗକୁ ତାଙ୍କର ଅମ୍ଳାନ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଶ୍ରୀମତୀ ସୁଦିପ୍ତା ମହାନ୍ତିଙ୍କର ଭାଇ ମଣିପାଲ ହସ୍ପିଟାଲର ସିପିଓ ପାର୍ଥ ଦାସ, ଭାଉଜ ଜସ୍ମିନ ଦାସ, ଭଉଣୀ ସ୍ୱାଗତା ପଟ୍ଟନାୟକ, ତାଙ୍କ ସ୍ୱାମୀ ଅନୁପମ ପଟ୍ଟନାୟକ, ଶ୍ରୀ ନୀଳାଚଳ ସେବା ସଂଘର ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନ, ୱାର୍ଲ୍ଡ ଓଡ଼ିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ, ଓଡ଼ିଶା ପଜିଟିଭ୍‌ର ପ୍ରତିଷ୍ଠାତା ଆଡଭୋକେଟ ସଞ୍ଜୀବ କୁମାର ମହାନ୍ତି, ବିଜୟନୀ ଫାଉଣ୍ଡେସନର ଅଧ୍ୟକ୍ଷା ରୀତା ପାତ୍ର ଏବଂ ବିଜେପିର ନୋଏଡା ଜିଲ୍ଲା ଉପାଧ୍ୟକ୍ଷ ପ୍ରମୋଦ ଭଲ ପ୍ରମୁଖ ତାଙ୍କର ଅମର ଆତ୍ମାର ସଦଗତି କାମନା କରିବା ସହିତ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି । ସ୍ୱର୍ଗତଃ ମହାନ୍ତି ଜଣେ ଉତମ ପତ୍ନୀ ଏବଂ ଯତ୍ନଶୀଳ ମା' ଥିଲେ । ସେ ତାଙ୍କର ବହୁବିଧ ସୁଗୁଣ ଯଥା:- ଆଦର ମନୋବୃତି, ଭଦ୍ର ବ୍ୟବହାର, କୋମଳ ହୃଦୟ ଏବଂ ଦରଦୀ ପ୍ରକୃତି ପାଇଁ ସଦା ସ୍ମରଣୀୟ ହୋଇ ରହିବେ । ଓଡ଼ିଶାର ବାଲେଶ୍ୱର ଜିଲ୍ଲା ସ୍ଥିତ ସୁନହଟ ଠାରେ ସେ ୧୯୭୨ ମସିହା ଜାନୁୟାରୀ ୨୫ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ମାତା ସବିତା ଦାସ ଏବଂ ପିତା ସୁବ୍ରତ ଦାସ ଅଟନ୍ତି । ଜଣେ ମେଧାବୀ ଛାତ୍ରୀ ଭାବରେ ସେ ଫକୀର ମୋହନ କଲେଜରୁ ସ୍ନାତକ ଶିକ୍ଷା ଲାଭ କରି ସାରିବା ପରେ, ଉତ୍କଳ ବିଶ୍ୱବିଦ୍ୟାଳୟ ବାଣୀବିହାରରୁ ଦର୍ଶନ ଶାସ୍ତ୍ରରେ ସ୍ନାତକୋତର ଡ଼ିଗ୍ରୀ ହାସଲ କରିଥିଲେ । ୧୯୯୬ ମସିହା ଡ଼ିସେମ୍ବର ୬ ତାରିଖରେ ଭଦ୍ରକ ଜିଲ୍ଲା ଅନ୍ତର୍ଗତ ବାସୁଦେବପୁରର ବାଖରପୁର ନିବାସୀ ସ୍ୱର୍ଗତଃ ପ୍ରମିଳାବାଳା ମହାନ୍ତି ଏବଂ ସ୍ୱର୍ଗତଃ ଗୌରାଙ୍ଗ ଚନ୍ଦ୍ର ମହାନ୍ତିଙ୍କର ସୁପୁତ୍ର ମନୋରଞ୍ଜନ ମହାନ୍ତିଙ୍କୁ ସେ ବିବାହ କରିଥିଲେ । ସୁଦିପ୍ତାଙ୍କର ଆକସ୍ମିକ ବିୟୋଗ, ଶୋକାକୁଳ ପରିବାର ବର୍ଗ ଓ ବନ୍ଧୁବାନ୍ଧବମାନଙ୍କ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସ୍ୱାମୀ ଡ଼ଃ ମନୋରଞ୍ଜନ ମହାନ୍ତି ପ୍ରକାଶ କରିଛନ୍ତି । ତାଙ୍କର ଅଭୁଲା ସ୍ମୃତି ଚୀରଦିନ ପାଇଁ ସେମାନଙ୍କ ନିକଟରେ ଅମର ହୋଇ ରହିବ ବୋଲି ସେ ସୂଚାଇଛନ୍ତି । ଏହି ଦୁର୍ଦ୍ଦିନ ସମୟରେ ବ୍ୟକ୍ତିଗତ ଭାବରେ, ବାର୍ତ୍ତା ମାଧ୍ୟମରେ ଏବଂ ପ୍ରାର୍ଥନା ଦ୍ୱାରା ଶୋକ ଓ ସମବେଦନା ବ୍ୟକ୍ତ କରିଥିବା ସମସ୍ତ ବ୍ୟକ୍ତି ବିଶେଷଙ୍କ ପ୍ରତି ଡ଼ଃ ମହାନ୍ତି କୃତଜ୍ଞତା ପ୍ରକାଶ କରିଛନ୍ତି ।



# ଅକ୍ଷୟତୃତୀୟା ତଥା ଜିଲ୍ଲାସ୍ତରୀୟ କୃଷକ ଦିବସରେ ଯୋଗଦେଲେ ମନ୍ତ୍ରୀ ଗଣେଶରାମ ସିଂ ଖୁଂଟିଆ



କେନ୍ଦୁଝର(ନି.ପ୍ର.) କେନ୍ଦୁଝରସ୍ଥିତ ଜୁଡ଼ିଆ ଫାର୍ମ ରେ ସୋମବାର ଆୟୋଜିତ ଜିଲ୍ଲାସ୍ତରୀୟ କୃଷକ ଦିବସ ସମାରୋହରେ ଯୋଗଦେଇ ମାନ୍ୟବର ମନ୍ତ୍ରୀ, ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ, ଓଡିଶା ଶ୍ରୀଯୁକ୍ତ ଗଣେଶ ରାମ ସିଂ ଖୁଂଟିଆ ଆଖିମୁଠି ଅନୁକୂଳ କରିଥିଲେ । ଏହି ଉତ୍ସବ ଉପଲକ୍ଷେ ଆୟୋଜିତ ସାଧାରଣ ସଭାରେ, ମାନ୍ୟବର ମନ୍ତ୍ରୀ ରାଜ୍ୟ ସରକାରଙ୍କ ବିଭିନ୍ନ କୃଷକ କଲ୍ୟାଣକାରୀ ଯୋଜନା ଓ ସରକାରଙ୍କ କାର୍ଯ୍ୟକ୍ରମ ବିଷୟରେ ଉଦବୋଧନ ଦେଇଥିଲେ । ସଭା ପ୍ରାରମ୍ଭରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, କେନ୍ଦୁଝର ଶ୍ରୀ ପୃଥ୍ବୀରାଜ ମଣ୍ଡଳ ଅତିଥି ପରିଚୟ ପ୍ରଦାନ କରିବା ସହ ଉତ୍ସବ ପାଳନର ଆଭିମୁଖ୍ୟ ବିଷୟରେ ଉଦବୋଧନ ଦେଇଥିଲେ । ସ୍ୱାଗତ ସମ୍ବର୍ଦ୍ଧନା ପରେ ମାନ୍ୟବର ମନ୍ତ୍ରୀ ଚାଷୀ ଭାଇଭଉଣୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ କାର୍ଯ୍ୟାଦେଶ ଓ ମହିଳା ଗୋଷ୍ଠୀଙ୍କୁ ମୂଳ ପାଣ୍ଠି ବଂଟନ କରିଥିଲେ । ଅନ୍ୟ ଅତିଥିଭାବେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ ଡି, ଅତିରିକ୍ତ ଜିଲ୍ଲାପାଳ, କେନ୍ଦୁଝର ମନ୍ଦରଧର ମହାଳିକ ଯୋଗ ଦେଇଥିଲେ । ସଭାରେ ଉପସ୍ଥିତ ଥିବା କୃଷକ ଭାଇଭଉଣୀ, ସମ୍ପ୍ରସାରଣ କର୍ମୀ, ବୈଜ୍ଞାନିକ, କୃଷି ଓ ଆନୁସଙ୍ଗିକ କୃଷି ବିଭାଗର ଅଧିକାରୀମାନେ, କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର, କଟକ ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ କୃଷକ ଦିବସରେ ମୁଖ୍ୟମନ୍ତ୍ରୀଙ୍କ ଉଦବୋଧନକୁ ସିଧାସଳଖ ପ୍ରସାରଣ ମାଧ୍ୟମରେ ଉପଭୋଗ କରିଥିଲେ । ତତ୍ପରେ ମାନ୍ୟବର ମନ୍ତ୍ରୀ ଜିଲାରେ ପରିଭ୍ରମଣର କରି ସଚେତନତା ସୃଷ୍ଟିକରିବା ପାଇଁ ଉଦିଷ୍ଟ କୃଷି ରଥ ପରିକ୍ରମା ଓ ପ୍ରାରମ୍ଭିକ ଯୋଜନା ଭାବେ କାର୍ଯ୍ୟକାରୀ ହେଉଥିବା ଆମ ବିହନ ରଥର ଶୁଭାରମ୍ଭ କରିଥିଲେ । ଆମ ବିହନ ରଥ ଯୋଜନାରେ କେନ୍ଦୁଝର ବ୍ଲକର ରାମଚନ୍ଦ୍ରପୁର ଗ୍ରାମର ଗୌତମ ମହାନ୍ତ ଓ ଭାଲିଆଡ଼ିହି ଗ୍ରାମର ବୀଣା ନାଏକଙ୍କୁ ବିହନ ବସ୍ତା ପ୍ରଦାନ କରି ମନ୍ତ୍ରୀ ବିହନ ବିକ୍ରିର ଶୁଭାରମ୍ଭ କରିଥିଲେ । ଆମ ବିହନ ରଥ ନିମନ୍ତେ ଚୟନ ହୋଇଥିବା ବିହନ ବିକ୍ରେତା ସାହାରପଡା ବ୍ଲକସ୍ଥିତ ଶ୍ରେୟାଂଶି ଏଂଟରପ୍ରାଇଜେସର ସତ୍ୱାଧିକାରୀ ଦେବ ପ୍ରସାଦ ମହାନ୍ତ ଆମ ବିହନ ରଥ ଶୁଭାରମ୍ଭ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସର୍ବଶେଷରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଶ୍ରୀ ସୁକାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମାରୋହରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକର ଶତାଧିକ କୃଷକ ଭାଇଭଉଣୀ ଭାଗ ନେଇଥିଲେ ।

# ଧରଣୀଧର ବିଶ୍ୱବିଦ୍ୟାଳୟର ନୂତନ କୁଳପତିଙ୍କ ଯୋଗଦାନ



କେନ୍ଦୁଝର,(ନି.ପ୍ର.) ଓଡ଼ିଶା ଲୋକଭବନ , ଭୁବନେଶ୍ୱର ର ପ୍ରେସ ବିଜ୍ଞପ୍ତି ତା ୦୬-୦୪-୨୦୨୬ ଅନୁଯାୟୀ ଧରଣୀଧର ବିଶ୍ୱବିଦ୍ୟାଳୟ ରେ ନୂତନ କୁଳପତି ଭାବରେ ସୋମବାର ପୂର୍ବାହ୍ନ ରେ ଯୋଗ ଦେଇଛନ୍ତି ପ୍ରଫେସର ସଞ୍ଜୟ କୁମାର ପାତ୍ରୋ । ସେ ସୋମବାର ପୂର୍ବାହ୍ନ ରୁ ଦାୟିତ୍ୱ ଗ୍ରହଣ କରିଛନ୍ତି ।ଆଇ ଆଇ ଟି ମୁମ୍ବାଇ ରୁ ପିଏଚଡି ଡ଼ିଗ୍ରୀ ହାସଲ କରିଥିବା ପ୍ରଫେସର ପାତ୍ରୋ ଏହା ପୂର୍ବ ରୁ ବୀର ସୁରେନ୍ଦ୍ର ସାଏ ୟୁନିଭରସିଟି ଅଫ ଟେକ୍ନୋଲଜି, ବୁର୍ଲା, ସମ୍ବଲପୁର ରେ ସିଭିଲ ଇଞ୍ଜିନିୟରିଂ ପ୍ରଫେସର ଭାବରେ ଅଧ୍ୟାପନା କରିବା ସହିତ ବିଭାଗ ମୁଖ୍ୟ ଦାୟିତ୍ୱ ରେ ଥିଲେ । ସୋମବାର ମଧ୍ୟାହ୍ନ ରେ ବିଶ୍ୱବିଦ୍ୟାଳୟ ର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ତଥା କର୍ମଚାରୀ ମାନେ କୁଳପତି ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଏହି ସମ୍ବର୍ଦ୍ଧନା ସଭା ରେ କୁଳପତି ତାଙ୍କ ଉଦବୋଧନ ରେ କହିଥିଲେ, ସମସ୍ତ ଙ୍କର ଆନ୍ତରିକ ସହଯୋଗ ରେ ଏହି ନୂଆ ବିଶ୍ୱବିଦ୍ୟାଳୟ ଆଗକୁ ବଢ଼ି ପାରିବ । ଉନ୍ନତ ଗବେଷଣା ତଥା ଶୈକ୍ଷିକ ବାତାବରଣକୁ ଗୁରୁତ୍ୱ ଦେଇ ସେ ବିଶ୍ୱବିଦ୍ୟାଳୟ କୁ ଅଗ୍ରଣୀ ବିଶ୍ୱବିଦ୍ୟାଳୟ ଭାବରେ ଛିଡ଼ା କରେଇବାକୁ ଆହ୍ୱାନ ଦେଇଥିଲେ । ସମ୍ପୂର୍ଣ୍ଣ ଓଡ଼ିଆ ରେ ତାଙ୍କର ଅଭିଭାଷଣ ଓଡ଼ିଆ ଅସ୍ମିତା କୁ ପ୍ରଦର୍ଶିତ କରିଥିଲା । ଏଥି ସହିତ ନୂତନ ଶିକ୍ଷା ନୀତିର ପ୍ରୟୋଗରେ କେନ୍ଦୁଝର ର ମାନବ ସମ୍ବଳ ର ବିକାଶ ସାଧନ ପାଇଁ ସମସ୍ତ ଙ୍କୁ ଆତ୍ମୀୟତା ସହିତ କାମ କରିବାକୁ ମାର୍ଗଦର୍ଶନ କରିଥିଲେ । ତାଙ୍କର ଯୋଗ ଦାନ ରେ ବିଶ୍ୱବିଦ୍ୟାଳୟ ର କାର୍ଯ୍ୟ ଆହୁରି ତ୍ୱରାନ୍ୱିତ ହୋଇ ପାରିବ ବୋଲି ସାଧାରଣ ରେ ମତ ପ୍ରକାଶ ପାଉଛି ।

# ବେଆଇନ କରତ କଳ ଉପରେ ଚଢ଼ାଉ, ପ୍ରାୟ ୩ ଲକ୍ଷ ଟଙ୍କାର ଉର୍ଦ୍ଧ କାଠ ଓ ଯନ୍ତ୍ରାଂଶ



ଧାମନଗର ,(ନି.ପ୍ର.) ଧାମନଗର ଅଧିନ ହବିବନଗର ଠାରେ ବେଆଇନ କରତକଳ ଉପରେ ସୋମବାର ଧାମନଗର ବନ ବିଭାଗ ଚଢ଼ାଉ କରି କାଠ ଓ ଯନ୍ତ୍ରାଂଶ ଜବତ କରିଛି ।ଭଦ୍ରକ ଜିଲା ଧାମନଗର ବଜାର ଠାରେ କିଛି ଦିନ ହେଲା ବେଆଇନ ଭାବେ କରତକଳ ଚାଲି ଆସୁଥିଲା । ଧାମନଗର ବନ ବିଭାଗ ସୋମବାର ସକାଳୁ ଚଢ଼ାଉ କରିଛି । ବନ ବିଭାଗ ବେଆଇନ କରତ କଳ ରୁ ଫୁଂଟିଆ , ଜାମୁ, ଅର୍ଜୁନ ଓ ଅନ୍ୟାନ୍ୟ କାଠ ଗଡ ଓ ଯନ୍ତ୍ରାଂଶ ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ ହେବ ଜବତ କରିଛି ।ଚାନ୍ଦବାଲି ଡି ଏଫ୍ ଓ ଙ୍କ ମୃତ୍ୟୁ ପରେ ଚାର୍ଜ ରେ ଥିବା ଭଦ୍ରକ ଏ ସି ଏଫ୍ ସୁମିତ କୁମାର ମହାନ୍ତି ଙ୍କ ନିର୍ଦ୍ଦେଶକ୍ରମେ ଧାମନଗର ବନବିଭାଗ ରେଞ୍ଜର ବବୁଲ ମଲିକ,ଧାମନଗର ଫରେଷ୍ଟର ବସନ୍ତ ମାଝୀ, ଭଣ୍ଡାରିପୋଖରୀ ଫରେଷ୍ଟର କୃଷ୍ଣ ଚନ୍ଦ୍ର ବାସ୍କେ ,ମଧୁସ୍ମିତା ମହାନ୍ତି,ଓ ଫରେଷ୍ଟ ଗାର୍ଡ ପୀତବାସ ଶଙ୍ଖୁଆ , ସୁହାସିନୀ ସ୍ୱାଇଁ,ପ୍ରଦୀପ କୁମାର ନାୟକ,ଲିପିକା ପ୍ରିୟଦର୍ଶନୀ ଦାସ,ଲକ୍ଷ୍ମୀ ହେମ୍ବ୍ରମ,ରେବତୀ ତ୍ରିପାଠୀ,ନିକିତା ସିଂ ଙ୍କ ସମେତ ଧାମନଗର ପୋଲିସ ସହାୟତା ରେ ଧାମନଗର ଏନ୍ ଏସି ଅଧିନ ମୁଖ୍ୟ ରାସ୍ତା ପାର୍ଶ୍ୱରେ ହବିବନଗର ଠାରେ ଚାଲୁଥିବା ବେଆଇନ କରତକଳ ଉପରେ ଚଢ଼ାଉ କରିଥିଲେ । ଜବତ କାଠ ଓ ଯନ୍ତ୍ରାଂଶର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ ହେବ ବୋଲି ରେଞ୍ଜର ବବୁଲ ମଲିକ ଙ୍କ ସୂତ୍ରରୁ ପ୍ରକାଶ । ଚଢ଼ାଉ ସମୟରେ କରତକଳ ମାଲିକ ଫେରାର ହୋଇଯାଇଥ ?ବା ଜଣାଯାଇଛି ।

# କୋଲାବିରା ବ୍ଲକରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ

ଝାରସୁଗୁଡ଼ା,(ନି.ପ୍ର.) ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଆଜି କୋଲାବିରା ପଂଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଏକ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ପ୍ରତ୍ୟକ୍ଷ ଭାବେ ଶୁଣିବା ସହ ତାର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶିବିରରେ ମୋଟ ୩୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ଏଥିମଧ୍ୟରୁ ମୁଖ୍ୟତଃ ଜମିଜମା ବିବାଦ, ପାନୀୟ ଜଳ ସମସ୍ୟା, ବିଭିନ୍ନ ଯୋଜନାରେ ଆର୍ଥିକ ସହାୟତା ଏବଂ ଭିନ୍ନକ୍ଷମମାନଙ୍କ ସମସ୍ୟା ସମ୍ପର୍କିତ ଅଭିଯୋଗ ଆସିଥିଲା । ପ୍ରଶାସନ ପକ୍ଷରୁ ସମସ୍ତ ଆବେଦନର ଯାଂଚକରାଯାଇ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି । ଏହି ଶୁଣାଣି କାଳରେ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୪ ଜଣ ବ୍ୟକ୍ତିଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଏହାବ୍ୟତୀତ ଭିନ୍ନକ୍ଷମମାନଙ୍କୁ ସରକାରୀ ସୁବିଧା ଯୋଗାଇଦେବା ଉପରେ ଜିଲ୍ଲାପାଳ ବିଶେଷ ଗୁରୁତ୍ୱାରୋପ କରିଥିଲେ ।ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଉପ ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଏବଂ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ପଦାଧିକାରୀମାନେ ଉପସ୍ଥିତ ରହିଥିଲେ ।



# ବାହାରେ ଝୁଲୁଥିଲା ମସ୍ତିଷ୍କ

## ଅସ୍ତ୍ରୋପଚାର ପରେ ଘରକୁ ଫେରିଲେ ଶିଶୁ

ବ୍ରହ୍ମପୁର (ନି.ପ୍ର.):ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜରେ ସ୍ନାୟୁ ଶଲ୍ୟ ବିଭାଗରୁ ଆଉ ଏକ ବିରଳ ତଥା ସଫଳ ଅସ୍ତ୍ରୋପଚାର ଘଟଣା ପଦାକୁ ଆସିଛି । ଗଜପତି ଜିଲ୍ଲା ଆର. ଉଦୟଗିରି ବ୍ଲକ ଅନ୍ତର୍ଗତ ରାଉଳପଡା ଗ୍ରାମର ଜଣେ ଷଷ୍ଠ ଶ୍ରେଣୀର ଶିଶୁର ମସ୍ତିଷ୍କରେ ଏଭଳି ଅସ୍ତ୍ରୋପଚାର ସଫଳତା ପୂର୍ବକ ସମ୍ପନ୍ନ ହେବାପରେ ଶୁକ୍ରବାର ଦିନ ଶିଶୁଟିକୁ ଡାକ୍ତରଖାନାରୁ ଘରକୁ ଛାଡି ଦିଆଯାଇଛି । ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ପୁଅ ବାଙ୍କେଶ୍ୱରୀ ଗତ ମାସ ୨୬ ତାରିଖ ଦିନ ସ୍କୁଲକୁ ଯାଉଥିବା ସମୟରେ ସାଇକେଲରୁ ପଡି ତାଙ୍କର ମସ୍ତିଷ୍କ ବାହାରକୁ ବାହାରି ଯାଇଥିଲା । ଆମ୍ବୁଲାନ୍ସ ଯୋଗେ ଶିଶୁକୁ ମେଡିକାଲ ଅଣାଯିବା ପରେ ସମସ୍ତ ପ୍ରକାର ଚିକିତ୍ସା ଆରମ୍ଭ କରାଯାଇଥିଲା । ଡାକ୍ତରୀ ଦଳଙ୍କ ଅସ୍ତ୍ରୋପଚାର ପରେ ଶିଶୁଟିକୁ ଦୀର୍ଘ ୧୩ ଦିନ ଧରି ଆଇସିୟୁରେ ରଖା ଯାଇଥିଲା ।ଅସ୍ତ୍ରୋପଚାର ଓ ଚିକିତ୍ସା ଦିଗରେ ସ୍ନାୟୁଶଲ୍ୟ ବିଭାଗୀୟ ମୁଖ୍ୟ ଡା. ରବିନାରାୟଣ ପଣ୍ଡାଙ୍କ ସମେତ ଡା. ଦେବଦତ ସେନାପତି, ଡା. ଦେବଶ୍ରୀ ମହାପାତ୍ର, ଡା. ତୁଷାର କାନ୍ତ ରଥ, ଡା. ପି. ହରିପ୍ରସାଦ ସାମିଲ ଥିବା ବେଳେ ଶିଶୁଟିର ପିତାମାତା ଡାକ୍ତରୀ ଦଳଙ୍କୁ ସେମାନଙ୍କ କ ?ତଜ୍ଞତା ଜଣାଇଛନ୍ତି । ପୂର୍ବରୁ ଦିଗପହଣ୍ଡି ଅଂଚଳର ସାମ୍ବାଦିକ ହରପ୍ରସାଦ ରଥଙ୍କ କ୍ଷେତ୍ରରେ ବିରଳ ଅସ୍ତ୍ରୋପଚାର କରି ବିଭାଗୀୟ ଡାକ୍ତରୀ ଦଳ ଚର୍ଚ୍ଚାକୁ ଆସିଥିଲେ ।



# ଇସ୍କନ ସଂସ୍ଥାର ଅଦିନିଆ ରଥ ଯାତ୍ରାକୁ ତିବ୍ର ବିରୋଧ

ଭଦ୍ରକ (ନି.ପ୍ର.)ଇସ୍କନ ସଂସ୍ଥା ପକ୍ଷରୁ ଅନୁଷ୍ଠିତ ହେବାକୁଥିବା ଅଦିନିଆ ରଥ ଯାତ୍ରାକୁ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚ୍ଚର ସମିତି, ଭଦ୍ରକ ପକ୍ଷରୁ ତିବ୍ର ବିରୋଧ କରାଯାଇଅଛି । ଇସ୍କନ ପକ୍ଷରୁ ଦର୍ଶାଯାଇ ଆସୁଅଛି ଯେ ଶାସ୍ତ୍ରିୟ ବିଧି ବିଧାନ ଅନୁସାରେ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଯେଉଁ ରଥଯାତ୍ରା ଆୟୋଜନ କରାଯାଉଛି ତାହା କେବଳ ଭାରତ ପକ୍ଷରେ ଲାଗୁ ହୋଇପାରେ କିନ୍ତୁ ବିଦେଶରେ ଏହା ଲାଗୁହେବା ଯଥାର୍ଥତା ନାହିଁ ବୋଲି ଦର୍ଶା ଯାଉଥିବା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଉଛି । ତେବେ ଏଠାରେ ପ୍ରଶ୍ନ ଉଠେ ଯେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚତୁର୍ଦ୍ଧା ବିଗ୍ରହ ତାର ଐତିର୍ଜ୍ୟ ପରମ୍ପରା ଓ ଆର୍ବିଭାବ ଇତ୍ୟାଦି ସଂସ୍କାର କ'ଣ ବିଦେଶରୁ ଆସିଛି କି ? ଏସବୁ ଆଧାତ୍ମିକ ଚିନ୍ତା ଓ ଭାବନା ଆମ ଭାରତୀୟ ସଂସ୍କୃତିର ଦିଗ୍‌ଦର୍ଶକ ଭାବରେ ପରିଚିତ ବିଭିନ୍ନ ପୌରାଣିକ ଶାସ୍ତ୍ର ବିଶେଷକରି ସ୍କନ୍ଧ ପୁରାଣର ତଥା ପ୍ରଚ୍ଚରକଗଣ ଆମ ଭାରତୀୟ ସଂସ୍କୃତି ଓ ବିଚ୍ଚରାଧାରାକୁ ସ୍ୱିକାର କରନ୍ତି ନାହିଁ ? ଯଦି ଏହାକୁ ଅସ୍ୱୀକାର କରନ୍ତି ତାହେଲେ ଶ୍ରୀଜଗନ୍ନାଥଙ୍କ ଚତୁର୍ଦ୍ଧା ବିଗ୍ରହ ପରିବ□ ଅନ୍ୟ କୌଣସି ବିଗ୍ରହଙ୍କ ଉଦ୍ଦେଶ୍ୟରେ ରଥ ନିର୍ମାଣ କରି ତାଙ୍କର ପର୍ବ ପାଳନ କରିବା ସମିଚୀନ ହୋଇପାରନ୍ତା । ଏ ସବୁ ଦୃଷ୍ଟିରୁ ଇସ୍କନ ସଂସ୍ଥାର ଏତାଦୃଶ କାର୍ଯ୍ୟକଳାପକୁ ତିବ୍ର ନିନ୍ଦା କରିବା ସଂଗେ ସଂଗେ ଏ ପ୍ରକାର ଅପସଂସ୍କୃତିକୁ ବିରୋଧ କରୁଅଛୁ । ଯେହେତୁ ଏହା ଆମ ଅଗଣିତ ଶ୍ରୀଜଗନ୍ନାଥ ପ୍ରେମୀ ଭକ୍ତ ଭକ୍ତାମାନଙ୍କୁ ଗଭୀର ଆଘାତ ପ୍ରଦାନ କରୁଛି ।

# ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ପୁରୀ (ନି.ପ୍ର.) ପୁରୀ ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଆଜି ନିମାପଡା ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା ।ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ଏଥିରେ ଅଧ୍ୟକ୍ଷତା କରିଥିଲେ ।ଏଥିରେ ମୋଟ ୩୪ ଗୋଟି ଅଭିଯୋଗ ମିଳିଥିଲା ।ସେଥିରୁ ୩୧ ଗୋଟି ବ୍ୟକ୍ତିଗତ,୩ ଗୋଟି ଗ୍ରାମ ସମ୍ବନ୍ଧୀୟ ରହିଥିଲା ।ତତକ୍ଷଣାତ ୨ ଗୋଟି ଅଭିଯୋଗ ର ସମାଧାନ କରାଯାଇଥିଲା । ଅନ୍ୟ ଅଭିଯୋଗ ଗୁଡିକ ର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ମାନଙ୍କୁ ପ୍ରେରଣ କରାଯାଇଥିଲା ।ଏହି ଶୁଣାଣୀ ରେ ସିଡିଏମଓ ଡା ଅକ୍ଷୟ କୁମାର ଶତପଥୀ,,ଏସଡିପିଓ ଜନାର୍ଦ୍ଦନ ପାଢ଼ୀ, ନିମାପଡା ବିଡ଼ିଓ ଡ ଅଭିଜିତ ଷଡ଼ଙ୍ଗୀ,ସତହସିଲଦାର ଡ ମନୋଜ କୁମାର ପ୍ରଧାନ,ଅଭିଯୋଗ ଶୁଣାଣୀ ଅଧିକାରୀ ବିବେକାନନ୍ଦ ସାହୁ ଓ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।ଆସନ୍ତା ୨୭ ତାରିଖ ପୂର୍ବାହ୍ନ ୭ ଘଟିକା ରୁ ୧୦ ଘଟିକା ପର୍ଯ୍ୟନ୍ତ କଣାସ ବ୍ଲକ ସମ୍ମିଳନୀ କକ୍ଷରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜଣାଯାଇଛି ।

# ଶ୍ରଦ୍ଧା ଫାଉଣ୍ଡେସନର ବାର୍ଷିକ ଉତ୍ସବ



ବ୍ରହ୍ମପୁର(ନି.ପ୍ର.) : ଶ୍ରଦ୍ଧା ଫାଉଣ୍ଡେସନ ର ବାର୍ଷିକ ଉତ୍ସବ ଶନିବାର ରେଲ୍ ୱେ ଇନଷ୍ଟିଚ୍ୟୁଟ ମଣ୍ଡପ ପରିସରରେ ଉତ୍ସବ ୨୦୨୬ ନାମରେ ଆୟୋଜିତ ହୋଇଯାଇଛି ।ଫାଉଣ୍ଡେସନ ର ମୁଖ୍ୟ ପରିଚାଳିକା ଶ୍ରଦ୍ଧାଞ୍ଜଳୀ ପାଢ଼ୀ ଓ ସଭାପତି ପ୍ରଣବ କୁମାର୍ ପଣ୍ଡା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ରୂପେ ମେୟର ସଙ୍ଘମିତ୍ରା ଦଳାଇ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥି ଭାବେ ଷ୍ଟେସନ ମ୍ୟାନେଜର ଦୁର୍ଗା ପ୍ରସାଦ ବ୍ରହ୍ମା, ଜିଲ୍ଲା କ୍ରୀଡ଼ା ଅଧିକାରୀ ତାପସ କୁମାର୍ ସାମଲ, ସାଂସଦ ପ୍ରତିନିଧି ମୀନା ଦ୍ୟାନ୍ ସାମନ୍ତରାୟ, ସମାଜସ୍ୱେୀ ରାଜେଶ ପାତ୍ର,ଅଶୋକ ସାହୁ, ପ୍ରଭାକର ପାଢ଼ୀ, ବାବୁ ଗୌଡ଼, ରଞ୍ଜିତ୍ ପାଢ଼ୀ , ବିଦ୍ୟାଧର ପାଢ଼ୀ, ଧିରେନ ମହାରଣା, ରାଜେଶ୍ ପାତ୍ର, ସୁଦୀପ କୁମାର୍ ସାହୁ ଓ କବିସୂର୍ଯ୍ୟ ରକ୍ତ ଦାନ ଅନୁଷ୍ଠାନ ମୁଖ୍ୟ ସୁମନ୍ତ କୁମାର୍ ଚର୍ଚ୍ଚି ପ୍ରମୁଖ ଯୋଗ ଦେଇଥିଲେ ।ଏହି ଅବସରରେ ନିମନ୍ତିତ ଅତିଥି ଙ୍କ ସହ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ବହୁ ବିଶିଷ୍ଟ ବ୍ୟକ୍ତିତ୍ୱ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବ୍ରାଣ୍ଡ ଆମ୍ବାସାଡର ଡ. ସୋନାଲି ସାହୁ, ଅନ୍ୟତମ ବ୍ରାଣ୍ଡ ଆମ୍ବାସାଡାର ଶୁଭଶ୍ରୀ ତ୍ରିପାଠୀ, ଘୋଷକ ରାଇ ରଞ୍ଜନ ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ସେହି ପରୀ ଫାଉଣ୍ଡେସନ ର ପରାମର୍ଶ କ୍ରମେ ତୁରନ୍ତ ରକ୍ତ ଦାନ କରିଥିବା ୮ଜଣଙ୍କୁ ଏଠାରେ ରକ୍ତ ବୀର ସମ୍ମାନରେ ସମ୍ମାନିତ କରାଯାଇଥିଲା ।

# ଗଦାଧର ଗିରି ସ୍ମୃତି ବିକାଶ ପରିଷଦ ପକ୍ଷରୁ ଅକ୍ଷିମୁଠି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ



ବାଲିଆପାଳ,(ନିପ୍ର)ଗଦାଧର ଗିରି ସ୍ମୃତି ବିକାଶ ପରିଷଦର ଆବାହକ ବିକାଶ ଗିରି ଙ୍କ ନେତୃତ୍ୱ ରେ ଗଦାଧର ଗିରି ସ୍ମୃତି ବିକାଶ ପରିଷଦ ପକ୍ଷରୁ ସୋମବାର ପୂର୍ବାହ୍ନ ୭ଟା ୩୦ ମିନିଟ ସମୟରେ ବାଲିଆପାଳ ବ୍ଲକ ଅନ୍ତର୍ଗତ ନାରାୟଣପୁର ଗ୍ରାମରେ ଅକ୍ଷିମୁଠି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପାରମ୍ପରିକ କୃଷି ଭିତିକ କାର୍ଯ୍ୟ କ୍ରମରେ ପ୍ରଥମେ ବିହନ ଓ ଜମିକୁ ପୂଜା କରାଯାଇ ଥିଲା । ପୂଜା ପରେ ଜମୀରେ ବିହନ ବୁଣାଯାଇ ହଳ ବଳଦରେ ଲଙ୍ଗଳ କରାଯାଇଥିଲା । ଜମିରେ ଭଲ ଫସଲ ଅମଳ ଆଶା କରି ଚାଷୀ ମାଟି ମାଆକୁ ପୂଜାପାଠ କରଇ ଚାଷକାମ ଆରମ୍ଭ କଲେ ଭଲ ଫସଲ ହୁଏ ବୋଲି ଆଦିମ କଳାରୁ ଅକ୍ଷୟ ତୃତୀୟା ଦିନ ରୁ ଏହି ପ୍ରଥା ପ୍ରଚଳନ ହୋଇ ଆସୁଛି ବୋଲି ପରିଷଦର ଆବାହକ ଶ୍ରୀ ଗିରି କହିଥିଲେ । ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟ, ନାରାୟଣ ଜେନା, ବଳରାମ ଦାସ, କୁମୁଦ ରଞ୍ଜନ ପରିଡା, ଗଣେଶ ଚନ୍ଦ୍ର ବେହେରା, ବସନ୍ତ ପରିଡା, ଅଶୋକ କୁମାର ସାହୁ, ସୃଷ୍ଟିଧର ପଢ଼ିହାରି, ଜୟନ୍ତୀ ପଢ଼ିହାରୀ, ସୁବଳ ଗିରି, ମନୋଜ ପରିଡ଼ା, ବୈରାଗୀ ଦାସ, ରମାନାଥ ପରିଡ଼ା , ସୁଜୟ ଗିରି, ସୁରେଶ ଗିରି, ଧନଞ୍ଜୟ ହାଜିରା , ଭୀମ ମହୁରୀ, ମାଧବ ଚନ୍ଦଙ୍କ ସହିତ ପାରିଷଦର ବହୁ ସଦସ୍ୟ କାର୍ଯ୍ୟକ୍ରମ ରେ ସାମିଲ ହୋଇଥିଲେ ।

# ରୋଟାରୀ କ୍ଲବ୍ ନୟାଗଡ଼ ପକ୍ଷରୁ ପଲ୍ ହ୍ୟାରିସ୍‌ଙ୍କ ଜନ୍ମଦିନ ପାଳନ

ନୟାଗଡ(ନି.ପ୍ର.):ରୋଟାରୀ କ୍ଲବ୍ ନୟାଗଡ଼ ପକ୍ଷରୁ ରୋଟାରୀ କ୍ଲବର ପ୍ରତିଷ୍ଠାତା ପଲ୍ ହ୍ୟାରିସ୍ ?ଙ୍କ ଜନ୍ମଦିନ ପାଳିତ ହୋଇଯାଇଛି । କ୍ଲବ୍ ?ର ସଭାପତି ବସିରନ ବିବିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରୋଟାରୀର ସେବା ଓ ଆଦର୍ଶ ସମ୍ପର୍କରେ ଆଲୋଚନା କରାଯାଇଥିଲା । ପଲ୍ ହ୍ୟାରିସ୍ ୧୮୬୮ ମସିହା ଅପ୍ରେଲ ୧୯ରେ ଜନ୍ମଗ୍ରହଣ କରିଥିଲେ । ୧୯୦୫ ମସିହାରେ ନିଜର କିଛି ବନ୍ଧୁ ମାନଙ୍କୁ ନେଇ ଆମେରିକାର ଚିକାଗୋ ସହରରେ ରୋଟାରୀ କ୍ଲବ ର ସ୍ଥାପନା କରିଥିଲେ ।ଏହି ଅବସରରେ ନୟାଗଡ଼ର ପ୍ରସିଦ୍ଧ 'ଛେନାପୋଡ଼' କାଟି ପଲ୍ ହ୍ୟାରିସ୍ ?ଙ୍କ ଜନ୍ମଦିନ ପାଳନ କରାଯାଇଥିଲା, ଯାହା ଏହି ଉତ୍ସବରେ ଏକ ନିଆରା ପରମ୍ପରା ସୃଷ୍ଟି କରିଥିଲା । ଉପସ୍ଥିତ ରୋଟାରିଆନ ମାନେ ପଲ୍ ହ୍ୟାରିସ୍ ?ଙ୍କ ସ୍ମୃତି ଚାରଣ କରିବା ସହ ବିଶ୍ୱଶାନ୍ତି ଓ ସମାଜ ସେବା କ୍ଷେତ୍ରରେ ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ କ୍ଲବ୍‌ର ଉପସଭାପତି ମଦନମୋହନ ମହାପାତ୍ର, ବରିଷ୍ଠ ସଦସ୍ୟ ଜି ରଶ୍ମିରାଜ୍, ମିହିର ରଞ୍ଜନ ନାୟକ, ପ୍ରଶାନ୍ତ ପଟ୍ଟନାୟକ, ଶ୍ରୀକୁମାର ରଥ, ବାସୁଦେବ ସାହୁ, ଦେବାଶିଷ ପଟ୍ଟନାୟକ, ଦିଲ୍ଲୀପ ମିଶ୍ର ଏବଂ ଧିରେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ପଲ୍ ହ୍ୟାରିସ୍ ?ଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସମାଜର କଲ୍ୟାଣ ପାଇଁ ରୋଟାରୀର ଲକ୍ଷ୍ୟକୁ ଆଗକୁ ବଢ଼ାଇବା ପାଇଁ ସଦସ୍ୟମାନେ ଏହି ଅବସରରେ ସଂକଳ୍ପ ଗ୍ରହଣ କରିଥିଲେ ।

# ଶ୍ରୀ ଶ୍ରୀ ଶିରିଡି ସାଇ ସତସଙ୍ଗ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବାରିପଦା (ନି.ପ୍ର.) ସ୍ଥାନୀୟ ଭଂଜପୁର ଜଗଦ୍ଧାତ୍ରୀ ମେଳା ପଡିଆରେ ଭଂଜପୁର ସାଇ ପ୍ରଚାରକ ମଣ୍ଡଳୀ ଆନୁକୂଲ୍ୟରେ ୧୫ଶ ବାର୍ଷିକ ଶ୍ରୀ ଶ୍ରୀ ଶିରିଡି ସାଇ ସତସଙ୍ଗ ମେ ମାସ ୯ ତାରିଖ ଦିନ ଅନୁଷ୍ଠିତ ହେବାକୁ ଯାଉଅଛି ଓ ଏହି ଅବସରରେ ଭଂଜପୁର ଠାରେ ନୂତନ କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି ଓ ଉକ୍ତ କାର୍ଯ୍ୟାଳୟରେ ଆୟୋଜନ କମିଟିର ସଭାପତି ପଦ୍ମଲୋଚନ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଅତିଥି ଭାବେ ସମାଜସେବୀ ନନ୍ଦିକେଶ ଶେଜପଡା, ପୂର୍ବତନ କାଉନସିଲର ଦେବାଶିଷ ଦାସ, ପୂର୍ବତନ ଜିଲ୍ଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି, ବରିଷ୍ଠ ଶିକ୍ଷକ ଡଃ ଶଶୀଧର ବିଶ୍ୱାଳ ତଥା ଅଧ୍ୟକ୍ଷ ପୁରୁଷୋତମ ମହାନ୍ତି, ଉପାଧ୍ୟକ୍ଷ ସତ୍ୟନାରାୟଣ ଜୀ, ସମ୍ପାଦକ ରସିକାନନ୍ଦ ମିଶ୍ର, ସହ ସମ୍ପାଦକ ଇନ୍ଦୁଭୂଷଣ ପ୍ରଧାନ, କୋଷାଧ୍ୟକ୍ଷ ରାଜେନ୍ଦ୍ର ବିନ୍ଧାଣି ତଥା ସଦସ୍ୟ କୁନା ବେଜ, ରଜତ ସାହୁ, ବାବାଜୀ ମହାନ୍ତି ଏବଂ ପୂଜକ ଦୀପ୍ତି ମିଶ୍ର ଓ ନାଗାର୍ଜୁନ ଦାଶଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳତାର ସହ ସମ୍ପନ୍ନ କରିବା ପାଇଁ ନିଜନିଜର ସୁଚିନ୍ତିତ ମତାମତ ଦେଇଥିଲେ ଓ ସହ କୋଷାଧକ୍ଷ୍ୟ ଅବନୀ ଶଙ୍କର ଷଡ଼ଙ୍ଗୀ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ସମାଜସେବୀ ସୋମନାଥ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ ଓ ଉକ୍ତଦିନ ସକାଳ, ମଧ୍ୟାହ୍ନ ଓ ସନ୍ଧ୍ୟା ଆଳତୀ ସହ ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ଏବଂ ପ୍ରସାଦ ବଂଟନ କାର୍ଯ୍ୟକ୍ରମ ରହିଛି ବୋଲି ସମ୍ପାଦକ ଶ୍ରୀ ମିଶ୍ର ଜଣାଇଛନ୍ତି ଓ ପ୍ରତିବର୍ଷ ପରି ଏବର୍ଷ ମଧ ପ୍ରାୟ ୫ ହଜାର ଭକ୍ତଙ୍କ ସମାଗମକୁ ଲକ୍ଷ୍ୟକରି ଉପଯୁକ୍ତ ପଦକ୍ଷେପ ନେବା ଉପରେ ବିଧିବଦ୍ଧ ନିଷ୍ପତି ନିଆଯାଇଥିଲା ।



# ଆଜି ରାଜସ୍ଥାନ ଗସ୍ତ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଦିନ ରାଜସ୍ଥାନ ଗସ୍ତ କରିବେ, ଯେଉଁଠାରେ ସେ ବାଲୋତରାର ପଚପଦରା ଠାରେ ଦେଶର ପ୍ରଥମ ଗ୍ରୀନଫିଲ୍ଡ ସମନ୍ୱିତ ବିଶୋଧନାଗାର ତଥା ପେଟ୍ରୋକେମିକାଲ କମ୍ପ୍ଲେକ୍ସକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ । ଏହି ଅବସରରେ ସେ ଏକ ଜନସଭାକୁ ମଧ୍ୟ ସମ୍ବୋଧିତ କରିବେ । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଅନୁଯାୟୀ, ପ୍ରଧାନମନ୍ତ୍ରୀ ମୋଦୀ ଏପ୍ରିଲ ୨୧ ତାରିଖ ଦିନ ସକାଳ ପ୍ରାୟ ୧୧ଟା ୩୦ ମିନିଟରେ ବାଲୋତରାର ପଚପଦରା ଠାରେ ଭାରତର ପ୍ରଥମ ଗ୍ରୀନଫିଲ୍ଡ ସମନ୍ୱିତ ବିଶୋଧନାଗାର ତଥା ପେଟ୍ରୋକେମିକାଲ କମ୍ପ୍ଲେକ୍ସକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ । ଏହି ଅବସରରେ ସେ ଏକ ଜନସଭାକୁ ମଧ୍ୟ ସମ୍ବୋଧିତ କରିବେ । ଏହି ମହତ୍ୱାକାଂକ୍ଷୀ ପ୍ରକଳ୍ପ ଭାରତର ଶକ୍ତି ଏବଂ ପେଟ୍ରୋକେମିକାଲ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ । ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ (ଏଚ. ପି. ସି. ଏଲ.) ଏବଂ ରାଜସ୍ଥାନ ସରକାରଙ୍କ ମଧ୍ୟରେ ଏକ ମିଳିତ ଉଦ୍ୟୋଗ ଭାବେ ବିକଶିତ ହୋଇଥିବା ଏହି ବାର୍ଷିକ ୯ ନିୟୁତ ମେଟ୍ରିକ ଟନ (ଏମ୍. ଏମ୍. ଟି. ପି. ଏ.) କ୍ଷମତା ବିଶିଷ୍ଟ ଗ୍ରୀନଫିଲ୍ଡ ରିଫାଇନାରୀ ତଥା ପେଟ୍ରୋକେମିକାଲ କମ୍ପ୍ଲେକ୍ସ ୭୯,୪୫୦ କୋଟି ଟଙ୍କା ନିବେଶରେ ପ୍ରତିଷ୍ଠା କରାଯାଇଛି ।



# ପବିତ୍ର 'ଚନ୍ଦନ ଯାତ୍ରା'ର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ପବିତ୍ର 'ଚନ୍ଦନ ଯାତ୍ରା'ର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର 'ଚନ୍ଦନ ଯାତ୍ରା' ଅବସରରେ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏହି ଦିବ୍ୟ ଜଳକ୍ରୀଡ଼ା ଉତ୍ସବ ସମସ୍ତଙ୍କ ଜୀବନରେ ଆଧ୍ୟାତ୍ମିକ ଶାନ୍ତି ଓ ସନ୍ତୋଷ ଭରିଦେଉ । କାଳିଆ ସାଆନ୍ତଙ୍କ ଅପାର କରୁଣାରୁ ଆମ ରାଜ୍ୟର ବିକାଶ ଧାରା ତ୍ୱରାନ୍ୱିତ ହେଉ ଓ ଜଗତର କଲ୍ୟାଣ ହେଉ ।










# ଭଲ ରାସ୍ତା ଓ ଉତ୍ତମ ରେଳ ହେବ ବିକଶିତ ଭାରତର ଆଧାର : ରାଷ୍ଟ୍ରପତି

ନୂଆଦିଲ୍ଲୀ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ଯେ ରେଳ ଓ ସଡ଼କ କେବଳ ପରିବହନର ସାଧନ ନୁହେଁ, ବରଂ ଆର୍ଥିକ ରାଷ୍ଟ୍ରର ଭିତିଭୂମି । ଭିତିଭୂମି ଢାଂଚାର ବିକାଶ ଆର୍ଥିକ ବିସ୍ତାର, ସାମାଜିକ ସମାବେଶ ଓ ଜାତୀୟ ଏକତା ପାଇଁ ଗୁରୁତ୍ୱପୂର୍ଣ୍ଣ ଉପକରଣ ଅଟେ । ରାଷ୍ଟ୍ରପତି ଭବନରେ ଭାରତୀୟ ରେଳର ପ୍ରୋବେସନରୀ ଅଧିକାରୀମାନେ ଓ କେନ୍ଦ୍ରୀୟ ଇଞ୍ଜିନିୟରିଂ ସେବା (ସଡ଼କ)ର ସହାୟକ କାର୍ଯ୍ୟପାଳକ ଅଭିଯନ୍ତାମାନଙ୍କ ସହ ସାକ୍ଷାତ ସମୟରେ ସେ ଏହି କଥା କହିଥିଲେ । ରାଷ୍ଟ୍ରପତିଙ୍କ ସହ ଭେଟିବା ପାଇଁ ଭାରତୀୟ ରେଳର ୨୦୨୨ ଓ ୨୦୨୩ ବ୍ୟାଚର ଅଧିକାରୀମାନେ ଏବଂ କେନ୍ଦ୍ରୀୟ ଇଞ୍ଜିନିୟରିଂ ସେବା (ସଡ଼କ)ର ୨୦୨୧, ୨୦୨୨, ୨୦୨୩ ଓ ୨୦୨୪ ବ୍ୟାଚର ସହାୟକ କାର୍ଯ୍ୟପାଳକ ଅଭିଯନ୍ତାମାନେ ଆମନ୍ତ୍ରିତ ହୋଇଥିଲେ । ରାଷ୍ଟ୍ରପତି ସେମାନଙ୍କୁ କହିଥିଲେ ଯେ ସେମାନେ ଏମିତି ସମୟରେ ସର୍ବସାଧାରଣ ସେବାରେ ପ୍ରବେଶ କରିଛନ୍ତି, ଯେତେବେଳେ ଦେଶ 'ବିକଶିତ ଭାରତ'ର ସଂକଳ୍ପ ସହ ଦ୍ରୁତ ଗତିରେ



ଆଗକୁ ବଢ଼ୁଛି । ଭାରତୀୟ ରେଳ ଓ କେନ୍ଦ୍ରୀୟ ଇଞ୍ଜିନିୟରିଂ ସେବା (ସଡ଼କ)ର ଯୁବ ଅଧିକାରୀ ଭାବେ ସେମାନଙ୍କର ନିଷ୍ପତି ଓ କାର୍ଯ୍ୟ ସିଧାସଳଖ ଭାବେ କୋଟିକୋଟି ନାଗରିକଙ୍କ ଜୀବନମାନକୁ ପ୍ରଭାବିତ କରିବ । ରାଷ୍ଟ୍ରପତି କହିଥିଲେ ଯେ ଭିତିଭୂମି ଢାଂଚା ହେଉଛି ସେହି ଭିତି, ଯାହା ଉପରେ ଆଧୁନିକ ରାଷ୍ଟ୍ରଗୁଡ଼ିକ ଗଢ଼ିଉଠେ । ରେଲୱେ ଓ ରାଜମାର୍ଗ କେବଳ ପରିବହନ ମାଧ୍ୟମ ନୁହେଁ; ସେଗୁଡ଼ିକ ଆର୍ଥିକ ବିକାଶ, ସାମାଜିକ ସମାବେଶ ଓ ଜାତୀୟ ଏକତାର ମାଧ୍ୟମ । ଯେତେବେଳେ ଗୋଟିଏ ଟ୍ରେନ୍ ଦୂରଦୂରାନ୍ତ ଗାଁକୁ ପହଂଚେ କିମ୍ବା ଗୋଟିଏ ରାଜମାର୍ଗ କୌଣସି ଅଂଚଳକୁ ଯୋଡ଼େ, ସେତେବେଳେ ସେଠାରେ ସାମାଜିକ-ଆର୍ଥିକ ବିକାଶର ନୂଆ ସୁଯୋଗ ସୃଷ୍ଟି ହୁଏ । ଶକ୍ତିଶାଳୀ ଭିତିଭୂମି ଲଜିଷ୍ଟିକ୍ସ ଖର୍ଚ୍ଚ କମାଏ, ବ୍ୟାପାରକୁ ବଢ଼ାଏ ଏବଂ ନିବେଶକୁ ଆକର୍ଷିତ କରେ । ସେ ଆହୁରି କହିଥିଲେ ଯେ ମଜବୁତ ଭିତିଭୂମି ଲଜିଷ୍ଟିକ୍ସ ଖର୍ଚ୍ଚ କମାଏ, ବ୍ୟାପାରକୁ ପ୍ରୋତ୍ସାହନ ଦେଇଥାଏ, ନିବେଶ ଆକର୍ଷିତ କରେ ଓ ଉତ୍ପାଦକତା ବଢ଼ାଏ । ଏହା ଭିନ୍ନ ଭିନ୍ନ ଅଂଚଳ ଓ ଲୋକମାନଙ୍କୁ ନିକଟ କରି ଜାତୀୟ ଏକତାକୁ ସୁଦୃଢ଼ କରେ । ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇ କହିଥିଲେ ଯେ ସେମାନେ ଏହା ମନେ ରଖନ୍ତୁ ଯେ କେବଳ ସଂଖ୍ୟା ସଫଳତାକୁ ପରିଭାଷିତ କରେ ନାହିଁ । ସେମାନଙ୍କ କାମର ବାସ୍ତବ ପରୀକ୍ଷା ହେଉଛି ଯେ ତାହା ଲୋକମାନଙ୍କ ଜୀବନକୁ କେତେ ପ୍ରଭାବିତ କରିପାରୁଛି ।

# ଶ୍ରୀଲଙ୍କାରେ ଭାରତୀୟ ଗୃହ ପ୍ରକଳ୍ପକୁ ସମୀକ୍ଷା କଲେ ଉପରାଷ୍ଟ୍ରପତି

କଲମ୍ବୋ : ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ସୋମବାର ତାଙ୍କର ଶ୍ରୀଲଙ୍କା ଗସ୍ତ ସମୟରେ ନୂଆରା ଏଲିଆରେ ପହଂଚିଥିଲେ ।ଏଠାରେ, ସେ ଭାରତୀୟ ବଂଶୋଦ୍ଭବ ତାମିଲ ସମ୍ପ୍ରଦାୟ ପାଇଁ କାର୍ଯ୍ୟକାରୀ ହେଉଥିବା 'ଭାରତୀୟ ଗୃହ ପ୍ରକଳ୍ପ'ର ସ୍ଥାନଗୁଡ଼ିକ ଯାଂଚ କରିଥିଲେ । ଏହି ଯୋଜନା ଭାରତ ସରକାରଙ୍କ ପାଣ୍ଠିରେ କାର୍ଯ୍ୟକାରୀ ହେଉଛି । ଉପରାଷ୍ଟ୍ରପତି ରାଧାକ୍ରିଷ୍ଣନ୍ ରବିବାରଠାରୁ ଶ୍ରୀଲଙ୍କାକୁ ଦୁଇ ଦିନିଆ ସରକାରୀ ଗସ୍ତରେ ଅଛନ୍ତି । ଏହା ତାଙ୍କର ଶ୍ରୀଲଙ୍କାକୁ ପ୍ରଥମ ଦ୍ୱିପାକ୍ଷିକ



ଗସ୍ତ ।ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅନୁଯାୟୀ, ଶ୍ରୀଲଙ୍କାକୁ ତାଙ୍କର ପ୍ରଥମ ସରକାରୀ ଗସ୍ତରେ ଥିବା ଉପରାଷ୍ଟ୍ରପତି ରାଧାକ୍ରିଷ୍ଣନ୍ - ଆଜି ଶ୍ରୀଲଙ୍କାର ନୂଆରା ଏଲିଆର ରାଗାଲାରେ ଲିଡେସଡେଲ୍ ଇଷ୍ଟେଟରେ ଅବସ୍ଥିତ ଭାରତ ସରକାରଙ୍କ ସହାୟତାରେ 'ଭାରତୀୟ ଗୃହ ପ୍ରକଳ୍ପ' (ପର୍ଯ୍ୟାୟ ଓଓଓ) ଅଧୀନରେ ନିର୍ମିତ ଘରଗୁଡ଼ିକ ପରିଦର୍ଶନ କରିଥିଲେ ଏବଂ ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ । ସେ ଭାରତୀୟ ବଂଶୋଦ୍ଭବ ତାମିଲ ସମ୍ପ୍ରଦାୟକୁ ଭେଟି ଆନନ୍ଦ ପ୍ରକାଶ କରିଥିଲେ ଏବଂ କହିଥିଲେ ଯେ ଭାରତ ସରକାର ଏବଂ ଲୋକମାନେ ଶ୍ରୀଲଙ୍କାରେ ରହୁଥିବା ତାମିଲ ଲୋକଙ୍କ କଲ୍ୟାଣ ପାଇଁ ଗଭୀର ଭାବରେ ପ୍ରତିବଦ୍ଧ ।ଭାରତ ସରକାର ଆଜି ପର୍ଯ୍ୟନ୍ତ,ଶ୍ରୀଲଙ୍କାର ଉତର ଏବଂ ପୂର୍ବ ପ୍ରଦେଶରେ ରହୁଥିବା ତାମିଲ ପରିବାର ଏବଂ ବୃକ୍ଷରୋପଣ କ୍ଷେତ୍ରରେ ରହୁଥିବା ଭାରତୀୟ ବଂଶୋଦ୍ଭବ ତାମିଲ ପରିବାର ପାଇଁ ୫୦,୦୦୦ ଘର ନିର୍ମାଣରେ ସାହାଯ୍ୟ କରିଛନ୍ତି । 'ଭାରତୀୟ ଗୃହ ପ୍ରକଳ୍ପ'ର ଚତୁର୍ଥ ପର୍ଯ୍ୟାୟ ଅଧୀନରେ, ଅତିରିକ୍ତ ୧୦,୦୦୦ ଘର ଯୋଗାଇ ଦିଆଯିବ ।

# ଅତାବିରାର ଚକୁଳି ଫାର୍ମରେ ଅକ୍ଷିମୁଠି ଅନୁକୂଳ କଲେ ମନମୋହନ ସାମଲ



ବରଗଡ଼ /ଭୁବନେଶ୍ୱର : ପବିତ୍ର ଅକ୍ଷୀତୃତୀୟା ଚାଷୀମାନଙ୍କ ପାଇଁ ପ୍ରେରଣା, ଅନୁକୂଳ, ସଂକଳ୍ପ, ଉତ୍ସାହ ଏବଂ ଉଦ୍ଦୀପନାର ଦିନ । ଓଡ଼ିଶାର ଚାଷୀ ଏବେ ଭାରତବର୍ଷରେ ସୁନାମ ଅର୍ଜନ କରୁଛନ୍ତି । ଚାଷୀମାନଙ୍କ ଅଖଣ୍ଡ ପରିଶ୍ରମ କରିବା କାରଣରୁ କୃଷିଜାତ ଉତ୍ପାଦର କ୍ଷମତା ଆଜି ୨ ଗୁଣା ବୃଦ୍ଧି ପାଇଛି । ଚାଷୀଙ୍କ ଉନ୍ନତି ପାଇଁ ବିଜେପି ସରକାର ସଂକଳ୍ପବଦ୍ଧ । ଆଗାମୀ ଦିନରେ କୃଷି ଜିଡିପିରେ ଓଡ଼ିଶା ଶିଖରରେ ପହଂଚିବ ବୋଲି ବରଗଡ଼ ଜିଲ୍ଲାର ଅତାବିରା ଚକୁଳି ଫାର୍ମରେ ଅକ୍ଷିମୁଠି ଅନୁକୂଳ କରି ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ କହିଛନ୍ତି । ରାଜ୍ୟ ସଭାପତି ଶ୍ରୀ ସାମଲ ପବିତ୍ର ଅକ୍ଷିତୃତୀୟା ଉପଲକ୍ଷେ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ କହିଛନ୍ତି ଯେ, ଚଳିତ ବର୍ଷ ବିଜେପି ସରକାର ଚାଷୀଙ୍କଠାରୁ ୭୫ ଲକ୍ଷ ମେଟ୍ରିକ୍ ଟ୍ରକ ଧାନ କ୍ରୟ କରିଛନ୍ତି । ବରଗଡ଼ରେ ଆଜିଠାରୁ ରବି ଫସଲ ଅମଳ ଆରମ୍ଭ ହୋଇଛି । ବରଗଡ଼ ଜିଲା ହେଉଛି ଓଡ଼ିଶାର ଭାତହାଣ୍ଡି ।ଚଳିତ ବର୍ଷ ରାଜ୍ୟରେ ରେକର୍ଡ ସଂଖ୍ୟକ ପରିମାଣର ଧାନ ସଂଗ୍ରହ କରାଯାଇଛି । ତତ୍କାଳୀନ ସରକାର ଧାନ କିଣା ବାବଦରେ ପୂର୍ବରୁ ବହୁତ କମ୍ ଟଙ୍କା ଦେଉଥିଲେ । ଏଥିପାଇଁ ଚାଷୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ । ମାତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ନେତୃତ୍ୱ ନେବା ପରଠାରୁ ଚାଷୀଙ୍କ ରୋଜଗାର ୨ ଗୁଣା ବୃଦ୍ଧିପାଇଛି । ରାଜ୍ୟରେ ଡବଲ ଇଞ୍ଜିନ ସରକାର ଗଠନ ହେବା ପରଠାରୁ ଚାଷୀଙ୍କୁ ଧାନ କ୍ୱିଂଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରାଯାଉଛି । ଖାଲିସେତିକି ନୁହେଁ ପିଏମ୍ କିଶାନ ଓ ସିଏମ୍ କିଶାନ ସମ୍ମାନ ଭଳି ଯୋଜନା ମାଧ୍ୟମରେ ଚାଷୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ଏସବୁ ଉନ୍ନତିମୂଳକ କାର୍ଯ୍ୟ ଦ୍ୱାରା ଚାଷୀ ଆଜି ଆତ୍ମନିର୍ଭରଶୀଳ ହେବା ସହ ନିଜ ଗୋଡ଼ରେ ନିଜେ ଠିଆ ହୋଇପାରିଛି ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିବା ସହିତ ଏହି ଅବସରରେ ଏକ କୃଷି ସଚେତନତା ରଥକୁ ଦେଖାଇ ଶୁଭାରମ୍ଭ କରିଥିଲେ । ଏହାପରେ ଅତାବିରାଠାରେ ଏକ ସ୍ୱାଗତ ସମାରୋହ ଓ ମିଶ୍ରଣ ପର୍ବ ଆୟୋଜନ କରାଯାଇଥିଲା । ଏଥିରେ ରାଜ୍ୟ ସଭାପତି ଶ୍ରୀ ସାମଲ ଯୋଗଦେଇ ନୂତନ କର୍ମୀମାନଙ୍କୁ ଦଳୀୟ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ ।

# କୃଷକ ସଶକ୍ତୀକରଣ ପାଇଁ ଆଜି ଶପଥ ନେବାର ଦିନ : ଉପ ମୁଖ୍ୟମନ୍ତ୍ରୀ

ପୁରୀ : ଓଡ଼ିଆ ଜାତି ପାଇଁ ଅକ୍ଷୟ ତୃତୀୟା ଏକ ବଡ ଓ ପବିତ୍ର ଦିନ ।ଆଜି ଠାରୁ ମହାପ୍ରଭୁଙ୍କ ରଥ ନିର୍ମାଣ ର ଶୁଭାରମ୍ଭ ସହ ଚନ୍ଦନ ଯାତ୍ରା ମଧ୍ୟ ଆରମ୍ଭ ହେଉଛି ।କୃଷକ ମାନେ ନୂତନ ବର୍ଷ ର ଚାଷ ପାଇଁ ଆଜି ଠାରୁ ଧାନ ମୁଠି ଅନୁକୂଳ କରୁଛନ୍ତି । ତେଣୁ କୃଷକ



ସଶକ୍ତିକରଣ ପାଇଁ ଆଜି ର ଦିନ ଶପଥ ନେବାର ଦିନ ବୋଲି କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ।ଆଜି ପୂର୍ବାହ୍ନରେ ନିମାପଡା ବ୍ଲକ ଅନ୍ତର୍ଗତ ଓଡଂଶ ଫାର୍ମ ଠାରେ ପୁରୀ ଜିଲ୍ଲା ସ୍ତରୀୟ ଅକ୍ଷୟ ତୃତୀୟା ଓ ମୁଠି ଅନୁକୂଳ ଅନୁଷ୍ଠିତ ହୋଇଥିଲା ।ଏହି ଅବସରରେ ଏକ ବିହନ ଯୋଗାଣ ରଥକୁ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଉଦଘାଟନ କରିଥିଲେ । ପରେ ଆୟୋଜିତ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଆଜିର ଦିବସ ରେ ଯାହା ଶୁଭାରମ୍ଭ କଲେ ତାହା କ୍ଷୟ ହୁଏ ନାହିଁ ବୋଲି ପ୍ରବାଦ ରହିଛି ବୋଲି କହିଥିଲେ ।କୃଷି ଓ କୃଷକ ଙ୍କ ସଶକ୍ତିକରଣ ପାଇଁ ଆମ ସରକାର ପ୍ରତିବଦ୍ଧ ଭାବେ କାର୍ଯ୍ୟ କରୁଛନ୍ତି ।କୃଷି ବଜେଟ ରେ ୧୫ ହଜାର କୋଟି ଟଙ୍କା ର ବ୍ୟୟ ବରାଦ କରାଯାଇଛି । ୧୫୦ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇ ରେକର୍ଡ ସୃଷ୍ଟି କରିଛି ।ରାଜ୍ୟର କୃଷି ଅଭିବୃଦ୍ଧି ହାର ୫.୩ ରହିଛି ଯାହା ଜାତୀୟ ହାର ଠାରୁ ମଧ ଅଧିକ ।ବିଭିନ୍ନ ଶସ୍ୟ ଓ ଫଳ ପନିପରିବା ବିଦେଶକୁ ରପ୍ତାନୀ କରି କୃଷି, ଉଦ୍ୟାନ କୃଷି ଓ ଆନୁଷଙ୍ଗିକ କୃଷି ରେ ଆମେ ସ୍ୱାବଲମ୍ବି ହେଉଛନ୍ତି । ରାଜ୍ୟ ସରକାର ଅକ୍ଷୟ ତୃତୀୟା ଅର୍ଥାତ ଚାଷ ଆରମ୍ଭ ସମୟରେ ଓ ନୂଆଖାଇରେ ଯେତେବେଳେ ବେଉଷଣ ଓ ସାର ଇତ୍ୟାଦି ଆବଶ୍ୟକ ସେଥିପାଇଁ ୨ ହଜାର ଟଙ୍କା ଲେଖାଏଁ ଓ କେନ୍ଦ୍ର ସରକାର ମଧ୍ୟ ୩ଟି କିସ୍ତି ଏହିଭଳି ମୋଟ ୫ ଟି କିସ୍ତି ରେ ୧୦ ହଜାର ଟଙ୍କା କୃଷକ ମାନଙ୍କୁ ପ୍ରଦାନ କରାଯାଉଛି ବୋଲି କହିଥିଲେ ।ମିଶନ ଶକ୍ତି ର ମା ମାନେ ବିଭିନ୍ନ ଉତ୍ପାଦ, ମିଲେଟ ର ଡ୍ରିଙ୍କସ୍ ପ୍ରସ୍ତୁତ କରିବା ସହ ଅନ୍ୟାନ୍ୟ କାର୍ଯ୍ୟ ରେ ଜଡ଼ିତ ହୋଇ ଲକ୍ଷପତି ଦିଦି ହେବାରେ ଲାଗିଛନ୍ତି ।ବଡ ଖୁସି ର କଥା ଦେଶରେ ଓଡିଶା ରେ ସର୍ବାଧିକ ଲକ୍ଷପତି ଦିଦି ରହିଛନ୍ତି । ନୂତନ ଜ୍ଞାନ କୌଶଳ, ବୈଷୟିକ ଜ୍ଞାନ, ଅଧିକ ଉତ୍ପାଦନ କ୍ଷମ ବିହନ ବ୍ୟବହାର ଦ୍ୱାରା ଆମ କୃଷକ ମାନେ ଉନ୍ନତି ଓ ବିକାଶ ର ଚରମ ଶିଖରରେ ପହଂଚି ପାରିବେ ବୋଲି ଉପ ମୁଖ୍ୟମନ୍ତ୍ରୀ କହିଥିଲେ ।

# ଦକ୍ଷିଣ ପୂର୍ବ ରେଳବାଇର ଗାର୍ଡେନ୍ ରିଚ୍‌ଠାରେ ପୋଷଣ ପଖୱାଡା ୨୦୨୬ ଏବଂ ଟିବି ମୁକ୍ତ ଭାରତ ଅଭିଯାନ ପାଳନ

କୋଲକାତା : ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ପ୍ରତିବର୍ଷ ପୋଷଣ ପଖୱାଡା ପାଳନ କରେ ଯାହା ଦ୍ୱାରା ପୁଷ୍ଟିକର ଫଳାଫଳକୁ ଏକ ସାମଗ୍ରିକ ଭାବରେ ଉନ୍ନତ କରାଯାଇପାରିବ । ପୋଷଣ ପଖୱାଡାର ୮ମ ସଂସ୍କରଣ ସାରା ଦେଶରେ ୦୯ ଏପ୍ରିଲରୁ ୨୩ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ପାଳନ କରାଯାଉଛି । ଏହା ବ୍ୟତୀତ, ଚାଲୁଥିବା କାର୍ଯ୍ୟକଳାପଗୁଡ଼ିକ ଟିବି ମୁକ୍ତ ଭାରତ ଅଭିଯାନ - ୧୦୦ ଦିନିଆ ଅଭିଯାନ ସହିତ ସଂଯୁକ୍ତ, ଯାହା ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ୨୪ ମାର୍ଚ୍ଚ ୨୦୨୬ ରେ ଆରମ୍ଭ କରାଯାଇଥିଲା, ଯାହାର ଲକ୍ଷ୍ୟ ଯକ୍ଷ୍ମା ନିରାକରଣ ଦିଗରେ ପ୍ରୟାସକୁ ତୀବ୍ର କରିବା । ଉପରୋକ୍ତ ପଦକ୍ଷେପଗୁଡ଼ିକ ସହିତ ୧୯.୦୪.୨୦୨୬ ରେ ଚିକିତ୍ସା ବିଭାଗର ତତ୍ତ୍ୱାବଧାନରେ ଗାର୍ଡେନ୍ ରିଚ୍, ସିଇଆରରେ ଏକ



ସଚେତନତା ପଦଯାତ୍ରା ସଫଳତାର ସହ ଅନୁଷ୍ଠିତ ହୋଇଥିଲା । ଦକ୍ଷିଣ ପୂର୍ବ ରେଳବାଇର ମହାପ୍ରବନ୍ଧକ ଶ୍ରୀ ଅନିଲ କୁମାର ଜୈନଙ୍କ ଦ୍ୱାରା ଏହି ୱାକାଥନକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା । ଶ୍ରୀମତୀ ଅଞ୍ଜନା ମାଲହୋତ୍ରା, ପ୍ରମୁଖ ମୁଖ୍ୟ ଚିକିତ୍ସା ନିର୍ଦ୍ଦେଶକ ଏବଂ ଅନ୍ୟାନ୍ୟ ପ୍ରମୁଖ ବିଭାଗ ମୁଖ୍ୟମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅଧିକାରୀ, କର୍ମଚାରୀ, ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ, ସେଂଟ ଜନ୍ ଆମ୍ବୁଲାନ୍ସ ବ୍ରିଗେଡ, ଏବଂ SERSA ପ୍ରତିନିଧିମାନେ ଉତ୍ସାହଜନକ ଅଂଶଗ୍ରହଣ କରିଥିଲେ, ଯାହା ପୁଷ୍ଟିସାର ଏବଂ ସ୍ୱାସ୍ଥ୍ୟ ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ ସାମୂହିକ ପ୍ରତିବଦ୍ଧତା ପ୍ରଦର୍ଶନ କରିଥିଲା । ୱାକାଥନ ସମୟରେ, ବିଭିନ୍ନ ସ୍ଥାନରେ ଦୁଇଟି ନୁକ୍କଡ ନାଟକ (ପଥପ୍ରାନ୍ତ ନାଟକ) ପରିବେଷଣ କରାଯାଇଥିଲା, ଯାହା ପୋଷଣ (ପୋଷଣ) ଏବଂ ଯକ୍ଷ୍ମା (ଟିବି) ସଚେତନତା ସହିତ ଜଡିତ ପ୍ରମୁଖ ବାର୍ତା ଉପରେ ଧ୍ୟାନ ଦେଇଥିଲା, ଯାହା ଜନସାଧାରଣଙ୍କୁ ପ୍ରଭାବଶାଳୀ ଭାବରେ ନିୟୋଜିତ କରିଥିଲା ଏବଂ ସମାଜ ମଧ୍ୟରେ ସଚେତନତାକୁ ବୃଦ୍ଧି କରିଥିଲା । ପୋଶନ ଅଭିଯାନ (ଜାତୀୟ ପୁଷ୍ଟିସାର ମିଶନ), ୦୮ ମାର୍ଚ୍ଚ ୨୦୧୮ ରେ ଆରମ୍ଭ ହୋଇଛି, ଏହା ଭାରତ ସରକାରଙ୍କର ଏକ ପ୍ରମୁଖ କାର୍ଯ୍ୟକ୍ରମ ଯାହା ଏକ ବ୍ୟାପକ ଏବଂ ପ୍ରଯୁକ୍ତିବିଦ୍ୟା-ଚାଳିତ ପଦ୍ଧତି ମାଧ୍ୟମରେ ଶିଶୁ, ଗର୍ଭବତୀ ମହିଳା ଏବଂ ସ୍ତନ୍ୟପାନକାରୀ ମା'ମାନଙ୍କ ପାଇଁ ପୁଷ୍ଟିକର ଫଳାଫଳକୁ ଉନ୍ନତ କରିବା ଲକ୍ଷ୍ୟରେ ରହିଛି ।

# ପଶ୍ଚିମ ଏସିଆ ସଙ୍କଟ ମଧ୍ୟରେ ଗ୍ରାମୀଣ ଯୋଜନା ସୁରକ୍ଷା ପାଇଁ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ଜୋରଦାର ପ୍ରସ୍ତୁତି

ନୂଆଦିଲ୍ଲୀ : ପଶ୍ଚିମ ଏସିଆର ପରିବର୍ତ୍ତିତ ପରିସ୍ଥିତି ଏବଂ ବିଶ୍ୱ ଯୋଗାଣ ଶୃଙ୍ଖଳ, ସାମଗ୍ରୀ ମୂଲ୍ୟ ଏବଂ ମୁଦ୍ରାସ୍ଫୀତି ଧାରା ଉପରେ ଏହାର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ବ୍ୟାପକ ସମୀକ୍ଷା କରାଯାଇଛି । ଏଥିରେ ସାରା ଦେଶରେ କାର୍ଯ୍ୟକ୍ଷମ ପ୍ରମୁଖ ଗ୍ରାମ କଲ୍ୟାଣ ଏବଂ ଭିତିଭୂମି କାର୍ଯ୍ୟକ୍ରମଗୁଡ଼ିକର ନିରବଚ୍ଛିନ୍ନ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ ପ୍ରସ୍ତୁତି ପଦକ୍ଷେପଗୁଡ଼ିକ ଅନ୍ତର୍ଭୁକ୍ତ । ଗ୍ରାମୀଣ ଜୀବିକା, ଗୃହ ନିର୍ମାଣ, ରାସ୍ତା ଉନ୍ନୟନ ଏବଂ ଜଳଛାୟା କାର୍ଯ୍ୟକଳାପ ଉପରେ ପରୋକ୍ଷ ପ୍ରଭାବ ପକାଇପାରୁଥିବା ବିକାଶ ଉପରେ ମନ୍ତ୍ରଣାଳୟ କଡ଼ା ନଜର ରଖିଛି । ଏହା ସହିତ ଲାଭର ନିରନ୍ତରତା, ସମୟୋଚିତ ପାଣ୍ଠି ପ୍ରବାହ ଏବଂ ଚାଲୁଥିବା ଯୋଜନାଗୁଡ଼ିକର ସୁଗମ କାର୍ଯ୍ୟାନ୍ୱୟନ ବଜାୟ ରଖିବା ପାଇଁ ସକ୍ରିୟ ବ୍ୟବସ୍ଥାର ବନ୍ଦୋବସ୍ତ କରିଛି । ପ୍ରସ୍ତାବିତ ଭିବି-ଜୀ ରାମ ଜୀ ଆଇନ, ୨୦୨୫ ଆରମ୍ଭ ହେବା ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଂଟି ଆଇନ (ଏମଜିଏନଆରଇଜିଏ), ୨୦୦୫ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ରହିବ । ଗ୍ରାମୀଣ ପରିବାରକୁ ମଜୁରୀ ଭିତିକ ନିଯୁକ୍ତି ପ୍ରଦାନ କରିବାରେ କୌଣସି ବାଧା ଉପୁଜିବ ନାହିଁ । କୌଣସି ହ୍ରାସ ବିନା ଚାହିଦା-ଭିତିକ ନିଯୁକ୍ତି ଏବଂ ସମୟାନୁସାରେ ମଜୁରୀ ପ୍ରଦାନ ସମେତ ସମସ୍ତ ବୈଧାନିକ ଅଧିକାର ପୂର୍ଣ୍ଣ ବଳରେ ଜାରି ରହିଛି । ବିଦ୍ୟମାନ କେନ୍ଦ୍ର ସରକାରଙ୍କ ଦ୍ୱାରା ଅଧିସୂଚିତ ମଜୁରୀ ହାର ପ୍ରଯୁଜ୍ୟ ରହିବ । ପର୍ଯ୍ୟାପ୍ତ ଲିକ୍ୟୁଡିଟି ବଜାୟ ରଖିବା ଏବଂ ନିରବଚ୍ଛିନ୍ନ ମଜୁରୀ ପ୍ରଦାନ ସୁନିଶ୍ଚିତ କରିବା ପାଇଁ, ଏମଜିଏନଆରଇଜିଏ ଅଧୀନରେ ମଜୁରୀ ପାଇଁ ପ୍ରଥମ କିସ୍ତି ଭାବରେ ପ୍ରାୟ ୧୭,୭୪୪ କୋଟି ଟଙ୍କା ଜାରି କରାଯାଉଛି । ଆରମ୍ଭ ହେବା ପରେ, ପ୍ରସ୍ତାବିତ ଭିବି-ଜୀ ରାମ ଜୀ ଆଇନ ୧୨୫ ଦିନର ମଜୁରୀ ନିଯୁକ୍ତିର ବର୍ଦ୍ଧିତ ଗ୍ୟାରେଂଟି ପ୍ରଦାନ କରିବ ବୋଲି ଆଶା କରାଯାଉଛି, ସଂଶୋଧିତ ମଜୁରୀ ହାର ପୃଥକ ଭାବରେ ସୂଚିତ କରାଯିବ । ଗ୍ରାମାଂଚଳରେ 'ସମସ୍ତଙ୍କ ପାଇଁ ଗୃହ' ଲକ୍ଷ୍ୟ ହାସଲ କରିବା ପାଇଁ, ମନ୍ତ୍ରଣାଳୟ ମାର୍ଚ୍ଚ ୨୦୨୯ ସୁଦ୍ଧା ୪.୯୫ କୋଟି ଘର ନିର୍ମାଣ ଲାଗି ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ (ପିଏମଏୱାଇ - ଜି) କାର୍ଯ୍ୟକାରୀ କରୁଛି ।

# ତିନି ମାସ ମଧ୍ୟରେ ୧୮,୨୬୨ଟି ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ଟ୍ରିପ୍

ନୂଆଦିଲ୍ଲୀ : ଗ୍ରୀଷ୍ମକାଳୀନ ଭିଡ଼ ସମୟରେ ଅଧିକ ଯାତ୍ରା ସୁବିଧା ପ୍ରଦାନ କରିବା, ଅପେକ୍ଷା ତାଲିକା ହ୍ରାସ କରିବା ଏବଂ ଲକ୍ଷ ଲକ୍ଷ ଯାତ୍ରୀଙ୍କ ପାଇଁ ସୁଗମ ଯାତ୍ରା ପ୍ରଦାନ କରିବା ଲାଗି ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନଗୁଡ଼ିକର ସଂଖ୍ୟା ବୃଦ୍ଧି ଭାରତୀୟ ରେଳବାଇ ୨୦୨୬ ଗ୍ରୀଷ୍ମ ଋତୁରେ ସ୍ୱତନ୍ତ୍ର ଟ୍ରେନ୍ ଚଳାଉଛି ଯାହା ଯାତ୍ରୀଙ୍କ ଚାହିଦାରେ ଅପ୍ରତ୍ୟାଶିତ



ବୃଦ୍ଧିକୁ ସମାଧାନ କରିବ ଏବଂ ଏକ ସହଜ ଏବଂ ସୁବିଧାଜନକ ଯାତ୍ରା ଅନୁଭୂତି ସୁନିଶ୍ଚିତ କରିବ । ସାରା ଦେଶରେ ବହୁ ସଂଖ୍ୟକ ସ୍ୱତନ୍ତ୍ର ଟ୍ରେନ୍ ସେବାକୁ ଅନୁମୋଦନ କରି ଗ୍ରୀଷ୍ମ ଋତୁରେ ଯାତ୍ରୀମାନଙ୍କ ପାଇଁ ସହଜ ଏବଂ ଆରାମଦାୟକ ଯାତ୍ରା ସୁନିଶ୍ଚିତ କରିବା ପାଇଁ ରେଳବାଇ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି । ୧୫ ଏପ୍ରିଲ ୨୦୨୬ ରୁ ୧୫ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ମୋଟ ୯୦୮ ଟି ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ଅନୁମୋଦିତ ହୋଇଛି, ଯାହା ବର୍ଦ୍ଧିତ ଯାତ୍ରା ଚାହିଦାକୁ ପୂରଣ କରିବା ପାଇଁ ୧୮,୬୮୨ ଥର ଯାତ୍ରା କରିବ । ଏଥିମଧ୍ୟରୁ ୬୬୦ଟି ଟ୍ରେନକୁ ପୂର୍ବରୁ ଅଧିସୂଚିତ କରାଯାଇଛି, ଯେଉଁଥିରେ ୧୧,୨୯୪ଟି ଯାତ୍ରା ରହିଛି, ଯାହା ସୁନିଶ୍ଚିତ କରୁଛି ଯେ ଯୋଜନାବଦ୍ଧ ସେବାର ଏକ ବଡ଼ ଅଂଶ ଯାତ୍ରୀ ବୁକିଂ ଏବଂ ଯାତ୍ରା ଯୋଜନା ପାଇଁ ଆଗୁଆ ଉପଲବ୍ଧ ରହିଛି ।

# ଆନ୍ତର୍ଜାତୀୟ ଟି୨୦ରେ ୨ଟି ଟିମ ଗଠନ କରିବା ଲକ୍ଷ୍ୟରେ ଟିମ୍ ଇଣ୍ଡିଆ

ନୂଆଦିଲ୍ଲୀ: ଆନ୍ତର୍ଜାତୀୟ ଟି୨୦ ଟିମରେ ବିସିସିଆଇ ୨ଟି ଟିମ ଗଠନ କରିବା ପାଇଁ ଉଦ୍ୟମ କରୁଛି । ଏଥିପାଇଁ ସମସ୍ତ ଯୋଜନା ବିସିସିଆଇ ପ୍ରସ୍ତୁତ କରିଛି । ୩୦ରୁ ୩୫ ଖେଳାଳିଙ୍କୁ ନେଇ ଏହି ପରୀକ୍ଷଣ କରାଯିବ । ଆଇପିଏଲ ୨୦୨୬ ପରେ ଏହି ଯୋଜନାର ରୂପରେଖ ପ୍ରସ୍ତୁତ କରାଯିବ । ଏଥିଯୋଗୁ ଅଧିକରୁ ଅଧିକ ଖେଳାଳି ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିବା ପାଇଁ ସୁଯୋଗ ପାଇବେ । ଚଳିତ



ବର୍ଷ ଭାରତ ଏସିଆନ ଗେମ୍ସ, ୱେଷ୍ଟଇଣ୍ଡିଜ ଏବଂ ଅନ୍ୟ କେତେଗୁଡିଏ ଟି୨୦ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ । ୨ଟି ଟିମ ପ୍ରସ୍ତୁତ କରାଗଲେ ଏଥିନେଇ ସୁବିଧା ହେବ । ଆଇପିଏଲ ପ୍ରଦର୍ଶନ ପରେ ଚୟନ କମିଟି ନଜର ରଖିଛି । ରିପୋର୍ଟ ମୁତାବକ ବୈଭବ ସୂର୍ଯ୍ୟବଂଶୀ, ପ୍ରିୟାଂଶ ଆର୍ଯ୍ୟ, ଯଶସ୍ୱୀ ଜୈସୱାଲ, ରଜତ ପାଟୀଦାର ପରି ଖେଳାଳିଙ୍କୁ ସୁଯୋଗ ମିଳିପାରେ । ସେହିପରି ବୋଲିଂରେ ଅଶୋକ ଶର୍ମା, କାର୍ତ୍ତିକ ତ୍ୟାଗୀ, ରବି ବିଶ୍ନୋଇ ଏବଂ ୱିକେଟକିପର ଧ୍ରୁବ ଜୁରେଲଙ୍କ ଉପରେ ମଧ୍ୟ ଚୟନ କମିଟିଙ୍କ ନଜର ରହିଛି । ଯୁବ ଖେଳାଳିମାନେ ଆନ୍ତର୍ଜାତୀୟ ମୁକାବିଲାରେ ଅଂଶଗ୍ରହଣ କରିଲେ ସେମାନଙ୍କ ପ୍ରକୃତ ଦକ୍ଷତା ସମ୍ମୁଖକୁ ଆସିବ । ପରେ ସେମାନେ ଜାତୀୟ ଦଳର ମୁଖ୍ୟ ଆୟୁଧ ହୋଇପାରିବେ ବୋଲି ଆଶା କରାଯାଉଛି । ଶ୍ରେୟାଶ ଆୟାରଙ୍କୁ ଗୋଟିଏ ଟିମର ଅଧିନାୟକ ଦାୟିତ୍ୱ ଦେବା ପାଇଁ ଆଲୋଚନା ହେଉଛି ।


Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**